# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 248 | ଭାଗ ୩୩ | ସଂଖ୍ୟା ୨୪୮ | Monday 1 December 2025 | Page 8 Rs. 5.00 | ● ଭୁବନେଶ୍ୱ ସୋମବାର ୧ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସୋନିଆ ଓ ରାହୁଲଙ୍କ ବିରୋଧରେ ମାମଲା ରୁଜୁ

ପୃଷ୍ଠା ୫



## ଅଜିତ ଦାଶ ହେଲେ 'ସଂଚାର'ର ମୁଖ୍ୟ ସମ୍ପାଦକ

**ଭୁବନେଶ୍ୱର, ୩୦।୧୧ (ସଂଚାର ବ୍ୟୁରୋ):** ଦୈନିକ 'ସଂଚାର' ଖବରକାଗଜର ମୁଖ୍ୟ ସମ୍ପାଦକ ଭାବେ ଆଜିଠୁ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ସାମ୍ବାଦିକ ଅଜିତ କୁମାର ଦାଶ। ଓଡ଼ିଶା ଗଣମାଧ୍ୟମ ଜଗତରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। 'ଦି ସନ୍ ଟାଇମ୍ସ'ରୁ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ଦାଶ ଦୀର୍ଘ ୨୯ ➪ପୃଷ୍ଠା-୬

ଓଡ଼ିଶା ଶିଳ୍ପ ସମ୍ମିଳନୀ ଉଦ୍‌ଯାପନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ଏମ୍‌ଏସ୍‌ଏମ୍‌ଇ ଗେଟ୍‌ୱେ

- ନିବେଶକଙ୍କ ପାଇଁ ସବୁଠୁ ଆକର୍ଷଣୀୟ ରାଜ୍ୟ
- ଅର୍ଥନୀତି ସମୃଦ୍ଧିରେ ଲଘୁ ବ୍ୟବସାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ରେଳ ସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ପକ୍ଷରୁ ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ: ୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ସମାବେଶ ଆମ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଔଦ୍ୟୋଗିକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶା ଆଜି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ଦେଶର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବେ ଉଭା ହୋଇଛି। ଏଠାକାର ସାଢ଼େ ୪ କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ପରିବର୍ତ୍ତନ ଆସିପାରିଛି। ଗତ କିଛି ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ। ଆମର ଗୋ ସ୍ୱିଫ୍ଟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପକୁ ଅନୁମୋଦନ ମିଳୁଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହାକି ଭାରତରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ଏହି ଶିଳ୍ପାୟନ ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବି ରହିଛି। ୯୮୦ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଓ ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ ବାସ୍ତବିକ ପ୍ରଶଂସାର ପାତ୍ର। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଓ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଆସିଛି। ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ➪ପୃଷ୍ଠା-୬

## ଆଜିଠୁ ସଂସଦର ଶୀତ ଅଧିବେଶନ



**ନୂଆଦିଲ୍ଲୀ,୩୦।୧୧:** ସଂସଦର ଶୀତକାଳୀନ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀୟ ବୈଠକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ବୈଠକ ପରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସଂସଦୀୟ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳିତ କରିବାକୁ ବିରୋଧୀ ଦଳମାନଙ୍କ ସହଯୋଗ ମିଳିବ ବୋଲି ସରକାର ଆଶା କରୁଛନ୍ତି।

- ସର୍ବଦଳୀୟ ବୈଠକରେ ସହଯୋଗ ପାଇଁ ଅପିଲ୍
- ୩୬ ରାଜନୈତିକ ଦଳର ୫୦ ନେତା ଉପସ୍ଥିତ
- ଏସ୍‌ଆଇଆର୍ ଓ ଲାଲ୍‌କିଲ୍ଲା ବିସ୍ଫୋରଣ ନେଇ ଆଲୋଚନା ଦାବି

ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେରକ୍ଷାମନ୍ତ୍ରୀ ରାଜନାଥ ସିଂହ। ସଂସଦୀୟ ସୌଧରେ ଆୟୋଜିତ ଏହି ବୈଠକରେ ରାଜ୍ୟସଭାରେ ନେତା ଜେ. ପି. ନଡା, ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ଓ ତାଙ୍କ ସହଯୋଗୀ ଅର୍ଜୁନ ରାମ ମେଘୱାଲ, ➪ପୃଷ୍ଠା-୬

### 'ଭୋଟ ଚୋରି' ବିଜେଡିର ମୁଖ୍ୟ ମୁଦ୍ଦା



ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସଂସଦର ଶୀତ ଅଧିବେଶନରେ ଭୋଟ ଚୋରି ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଛି। ଆଉ ବିଜେଡି ସଂସଦରେ ଅନ୍ୟ ରାଜନୈତିକ ଦଳ ସହ ସ୍ୱର ମିଳାଇବ। ଭୋଟ ଚୋରି ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବା ବେଳେ ଦେଶର ଗଣତନ୍ତ୍ର ବିପଦରେ ପଡୁଛି। ତେଣୁ ନିର୍ବାଚନ କମିଶନ ଏନେଇ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି। ସୋମବାରଠାରୁ ଆରମ୍ଭ ହେଉଥିବା ସଂସଦର ଶୀତ ଅଧିବେଶନ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୫ଟି କାର୍ଯ୍ୟଦିବସ ରହିଛି। ବିରୋଧୀ ଦଳର ଅଭିଯୋଗ ଏହା ହେଉଛି ସଂସଦର ସବୁଠାରୁ ସ୍ୱଳ୍ପକାଳୀନ ଅଧିବେଶନ। ଶୀତ ➪ପୃଷ୍ଠା-୬

**ବୈଠକ ହେଲାନି, ହ୍ୱାଟ୍ସଆପରେ ଏଜେଣ୍ଡା**

● ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ଟିପ୍ପଣୀ ପ୍ରସଙ୍ଗ

## ବନ୍ଧା ହେବେ ଶୁଭଙ୍କର !

**ସିଂହଦ୍ୱାର ଥାନାରେ ସେବାୟତଙ୍କ ଏତଲା**



**ପୁରୀ,୩୦।୧୧(ସଂଚାର ବ୍ୟୁରୋ):** ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରଙ୍କ ସମସ୍ୟା ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ଶ୍ରୀମନ୍ଦିର ପ୍ରସଙ୍ଗରେ ବିବାଦୀୟ ବୟାନ ଦେବା ପରେ ଶୁଭଙ୍କରଙ୍କୁ ସେବାୟତ ଓ ଭକ୍ତ ମହଲରେ କଡ଼ା ସମାଲୋଚନା କରାଯାଇଥିବା ବେଳେ ଗତକାଲି ପୁରୀ ଜିଲ୍ଲାପାଳ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ସଙ୍କେତ ଦେଇଥିଲେ। ଆଜି ଏହି ଘଟଣାରେ ଶୁଭଙ୍କର ବିରୋଧରେ ସ୍ଥାନୀୟ ସିଂହଦ୍ୱାର ଥାନାରେ ଏକ ଏତଲା ଦାୟର କରାଯାଇଛି। ଶ୍ରୀମନ୍ଦିର ସେବାୟତ ଗୌରହରି ପ୍ରଧାନ ଏହି ଅଭିଯୋଗ ଦାଖଲ କରିବା ସହ ମାମଲାରେ ତୁରନ୍ତ ଶୁଭଙ୍କରଙ୍କୁ ଗିରଫ କରିବା ସକାଶେ ଦାବି କରିଛନ୍ତି।

ସେବାୟତ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶୁଭଙ୍କର ଶ୍ରୀମନ୍ଦିର ସମ୍ପର୍କରେ ଭୁଲ୍ ବାର୍ତ୍ତା ପ୍ରଚାର କରୁଛନ୍ତି। ତାଙ୍କର ଏହି ମନ୍ତବ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ମଧ୍ୟରେ ଅନାବଶ୍ୟକ ଭ୍ରାନ୍ତ ଧାରଣା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ସେ ମତ ଦେଇଛନ୍ତି। ତେଣୁ ଏହି ମାମଲାରେ ତାଙ୍କୁ ଗିରଫ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଆଗାମୀ ଦିନରେ କେହି ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ କିଛି ବି କହିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବେ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି। ➪ପୃଷ୍ଠା-୬

● ବାରବାଟୀ ଟି-୨୦ ପାଇଁ ଅବଗଣନା ଆରମ୍ଭ

## ମହାପ୍ରଭୁଙ୍କୁ ପ୍ରଥମ ଟିକେଟ୍ ସମର୍ପଣ

- ଆଜିଠୁ ଅନଲାଇନ୍‌ରେ ମିଳିବ ଟିକେଟ୍
- ସର୍ବନିମ୍ନ ଟିକଟ ଦର ୭୦୦; ସର୍ବାଧିକ ୨୦ ହଜାର




**ପୁରୀ, ୩୦।୧୧(ସଂଚାର ବ୍ୟୁରୋ):** ଆଜିଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ସିରିଜ୍ ଆରମ୍ଭ ହୋଇଥିବା ବେଳେ ଆଗାମୀ ଟି-୨୦ ସିରିଜ୍ ସକାଶେ ଅବଗଣନା ଆରମ୍ଭ ହୋଇଯାଇଛି। ବିଶେଷକରି ଏହି ଟି-୨୦ ସିରିଜ୍‌ଟି ଆସନ୍ତା ୯ରୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରୁ ଆରମ୍ଭ ହେବାକୁ ଥିବା ବେଳେ ଏଥିସକାଶେ ସ୍ଥାନୀୟ ଦର୍ଶକଙ୍କ ମଧ୍ୟରେ ଉତ୍ସାହର ମାହୋଲ୍ ଆରମ୍ଭ ହୋଇଯାଇଛି। ଆସନ୍ତାକାଲିଠାରୁ ଦର୍ଶକଙ୍କ ସକାଶେ ଅନଲାଇନ୍‌ରେ ଟିକେଟ୍ ବିକ୍ରି ଆରମ୍ଭ ହେବାକୁ ଥିବା ବେଳେ ଏହା ପୂର୍ବରୁ ଆଜି ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ମ୍ୟାଚ୍‌ର ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ସମର୍ପଣ କରାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଆଜି ପୁରୀ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କ ନିକଟରେ ଭକ୍ତି ଓ ସମ୍ମାନର ସହ ମ୍ୟାଚର ପ୍ରଥମ ଟିକେଟ୍ ଭେଟି ଦେଇଛନ୍ତି। ଏଥିସହ ଏହି ଆନ୍ତର୍ଜାତିକ ମ୍ୟାଚ୍‌ଟି କିପରି ସୁରୁଖୁରୁରେ ଓ ସଫଳ ଭାବେ ଆୟୋଜିତ ହେବ, ସେନେଇ ଶ୍ରୀ ବେହେରା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରିଛନ୍ତି। ଶ୍ରୀ ବେହେରା ମହାପ୍ରଭୁଙ୍କ ଶ୍ରୀଚରଣରେ ଏହି ଟିକେଟ୍‌କୁ ଏକ ସାଙ୍କେତିକ ନିମନ୍ତ୍ରଣ ଭାବେ ସମର୍ପଣ କରିଛନ୍ତି। ଏହି ଅବସରରେ ପୁରୀ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସମ୍ପାଦକ ରବିଶଙ୍କର ପ୍ରତିହାରୀ ଓ ଓସିଏ ସଦସ୍ୟ ସନ୍ତୋଷ ଦାସ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଦର୍ଶକଙ୍କ ପାଇଁ ଆସନ୍ତକାଲିଠାରୁ ଅନଲାଇନରେ ଟିକେଟ ଉପଲବ୍ଧ ହେବ। ଏଠାରେ ଅନୁଷ୍ଠିତ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚରେ ଅନଲାଇନ୍‌ରେ ୪ ହଜାର ଟିକେଟ ଉପଲବ୍ଧ ➪ପୃଷ୍ଠା-୬

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଛିଣ୍ଡୁଛି ବିଜେଡି ଅଙ୍ଗ

## ଶଙ୍ଖ ଗଡ଼କୁ ଭାଙ୍ଗୁଛି ବିଜେପି



**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଧର୍ମଶାଳା, ନୂଆପଡ଼ା, ତାଳଚେର ଆଉ ଏବେ ଭଦ୍ରକ। ସବୁଠି ବ୍ଲକ ଅଧ୍ୟକ୍ଷ ଓ ସମିତି ସଭ୍ୟମାନେ ବିଜେଡି ଛାଡି ପଦ୍ମ ଧରିଲେଣି। ଆଗକୁ ପଞ୍ଚାୟତ ନିର୍ବାଚନ ପାଇଁ ତିନି ଦଳ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ବିଜେଡିକୁ ଲାଗୁଛି ଗୋଟିଏ ପରେ ଗୋଟିଏ ଝଟକା। ଏହାଦ୍ୱାରା କେବଳ ଯେ ବିଜେଡିର ଅଙ୍ଗ ବିଗୁଡୁନି, ନୂଆପଡ଼ା ପରି ପଞ୍ଚାୟତରେ ବିରୋଧୀଙ୍କୁ ମାତ ଦେବାକୁ ବିଜେପି ସଜବାଜ ହେଉଛି। ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ୩ ବ୍ଲକ ଅଧ୍ୟକ୍ଷ ଖୁବଶୀଘ୍ର ବିଜେପିରେ ମିଶିବେ। ଏନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ସ୍ପଷ୍ଟ ସଙ୍କେତ ଦେଇଛନ୍ତି। କେବଳ ଭଦ୍ରକ, ଧର୍ମଶାଳା, ନୂଆପଡ଼ା କି ତାଳଚେର କଥା ନୁହେଁ, ନଦୀ ସମୁଦ୍ରରେ ମିଶିବା ପରି ବିଜେଡି ଓ କଂଗ୍ରେସର ବହୁ ଅସନ୍ତୁଷ୍ଟ ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶିବାକୁ ଆଗ୍ରହୀ ଥିବା ସେ କହିଛନ୍ତି। ଏଥିସହ ଯେଉଁମାନେ ବିଜେପି ସହ ଯୋଡ଼ିହେବାକୁ ଚାହିଁବେ, ସେମାନଙ୍କୁ ଦଳ ସ୍ୱାଗତ କରିବ ବୋଲି ସେ କହିଛନ୍ତି। ଦୁଇ ଦିନ ତଳେ ତାଳଚେର ପୌର ପରିଷଦ ଅଧ୍ୟକ୍ଷଙ୍କ ସମେତ ୧୩ କାଉନସିଲର ଅସନ୍ତୁଷ୍ଟ ହୋଇ ବିଜେଡି ଛାଡ଼ି ➪ପୃଷ୍ଠା-୬

**ଭୁଶୁଡୁଛି ମାଓ ଦୁର୍ଗ**

## ଅସ୍ତ୍ର ଛାଡ଼ିଲେ ୩୭ ମାଓବାଦୀ




**ମାଲକାନଗିରି,୩୦।୧୧(ସଂଚାର ବ୍ୟୁରୋ):** ଦିନକୁ ଦିନ ଦୁର୍ବଳ ହେଉଛି ମାଓଗଡ଼। କେନ୍ଦ୍ର ସରକାର ଦେଶକୁ ମାଓମୁକ୍ତ କରିବା ସକାଶେ ଦେଇଥିବା ଡେଡ୍‌ଲାଇନ୍ ଯେତିକି ପାଖେଇ ଆସୁଛି, ସେହି ପରିମାଣରେ ଅଧିକରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରି ସାମାଜିକ ସ୍ରୋତରେ ସାମିଲ୍ ହେଉଛନ୍ତି। ଫଳତଃ ମାଓଦୁର୍ଗ ତା'ର ଶକ୍ତି ହରାଉଛି ଓ ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ଶକ୍ତିହୀନ ହେବା ପରି ମନେ ହେଉଛି। ପ୍ରାୟ ପ୍ରତିଦିନ ମାଓବାଦୀ ଆତ୍ମସମର୍ପଣ କରୁଥିବା ବେଳେ ଆଜି ଏହି ଧାରାରେ ସାମିଲ୍ ହୋଇଛନ୍ତି ୩୭ ଜଣ ହାର୍ଡକୋର୍ ମାଓବାଦୀ। ଏମାନେ ସମସ୍ତେ ସ୍ଥାନୀୟ ପୁଲିସ୍ ନିକଟରେ ସେମାନଙ୍କ ଅସ୍ତ୍ରଶସ୍ତ୍ର ସମର୍ପଣ କରି ହିଂସା ପଥ ପରିହାର କରିବା ସହ ପୁଣିଥରେ ଶାନ୍ତିରେ ଜୀବନ ବିତାଇବାକୁ ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ଦନ୍ତେୱାଡା ଜିଲ୍ଲାରେ ଏହି ଆତ୍ମସମର୍ପଣ ପର୍ବ ଅନୁଷ୍ଠିତ ହୋଇଛି। ସେମାନେ ସମସ୍ତେ ଦାନ୍ତେୱାଡ଼ା ଏସପି ଗୌରବ ରାଏଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ମୁଣ୍ଡରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ସେହିପରି ଆଜିର ଆତ୍ମସମର୍ପଣ ପର୍ବରେ ସାମିଲ୍ ହୋଇଥିବା ମାଓବାଦୀଙ୍କ ମଧ୍ୟରେ ୧୨ ଜଣ ମହିଳା ବି ଅଛନ୍ତି। ଏହି ମାଓବାଦୀମାନେ ଦକ୍ଷିଣ ବସ୍ତର ମାଓ ସଙ୍ଗଠନରେ ବେଶ୍ ସକ୍ରିୟ ଥିଲେ। ସେମାନେ ଅନେକ ହିଂସାକାଣ୍ଡ ଘଟାଇ ପୁଲିସକୁ ନାକେଦମ କରିପକାଇଥିଲେ। ହିଡ଼ମା ଭଳି ଟପ୍ ମାଓ ନେତାଙ୍କୁ ଏନକାଉଣ୍ଟର କରିବା ପରେ ନକ୍ସଲ ଶିବିରରେ ଛନକା ପଶିଛି। ଫଳତଃ ଶହ ଶହ ସଂଖ୍ୟାରେ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ➪ପୃଷ୍ଠା-୬

**୨୭ ଜଣଙ୍କ ମୁଣ୍ଡରେ ଥିଲା ୬୫ ଲକ୍ଷର ପୁରସ୍କାର**

ମନଇଚ୍ଛା ଆସୁଥିଲେ ସ୍କୁଲ୍, ବିଇଓ ଦେଲେ ଝଟ୍‌କା

## ୮ ସ୍କୁଲର ୧୦ ଶିକ୍ଷକଙ୍କ ଦରମା ବନ୍ଦ




ସମୟାନୁବର୍ତ୍ତିତା ପାଠ ପଢ଼ାଉଛନ୍ତି, କିନ୍ତୁ ସମୟ ଜ୍ଞାନ ନାହିଁ

**ହରଭଙ୍ଗା,୩୦।୧୧(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କୁ ସମୟାନୁବର୍ତ୍ତିତାର ଜ୍ଞାନ ଦେଉଥିବା ଶିକ୍ଷକଙ୍କର ନିଜ ବେଳକୁ ସମୟ ଜ୍ଞାନ ନାହିଁ। ସରକାର ଧାର୍ଯ୍ୟ କରିଥିବା ସମୟରେ ନୁହେଁ, ବରଂ ଯେତେବେଳେ ଇଚ୍ଛା ହେଲା ସେତେବେଳେ ବିଦ୍ୟାଳୟକୁ ଆସୁଥିଲେ ହରଭଙ୍ଗା ବ୍ଲକ୍‌ର ୧୦ ଶିକ୍ଷକ। ଡେରିରେ ସ୍କୁଲ୍‌କୁ ଆସିବା ଆଉ ଇଚ୍ଛାନୁସାରେ ଛୁଟି ସମୟ ପୂର୍ବରୁ ଘରକୁ ଚାଲିଯିବେ। ସେମାନଙ୍କୁ ଏପରି ଟାଇମ୍ ଟେବଲ୍ ନେଇ ପଚାରିବାକୁ ବା କିଏ ଅଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଚୂଲିକୁ ଯାଉ, ନିଜ ସ୍ୱାର୍ଥ ସାଧନ ହେଉ, ଏପରି ଏକ ଚିନ୍ତାଧାରା ପୋଷଣ କରୁଥିବା ୮ ସ୍କୁଲ୍‌ର ୧୦ ଶିକ୍ଷକଙ୍କୁ ଆଜି ଜବରଦସ୍ତ ଝଟ୍‌କା ଦେଇଛନ୍ତି ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ହାଡ଼ିବନ୍ଧୁ ବେହେରା। ଏଭଳି ଖାମଖିଆଲି ମନୋଭାବ ପୋଷଣ କରିଥିବା ଉକ୍ତ ୧୦ ଜଣ ଶିକ୍ଷକ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଚାକିରି କରନ୍ତି। ତେବେ ଆଜି ଅଚାନକ ବିଇଓ ବିଦ୍ୟାଳୟ ପରିଦର୍ଶନ କରିବା ଫଳରେ ଏହି ଶିକ୍ଷକମାନଙ୍କ ➪ପୃଷ୍ଠା-୬



**କାନ ଡେରିଥା**

ଭଦ୍ରକ ବିଜେଡି ଗୁଣ୍ଡ ହେଇଗଲା
ଇସ୍ତଫା ଦେଲେଣି ନେତା
ଦଳୀୟ ପ୍ଲାନ କାମ ଦେଉନାହିଁ
କୁହନ୍ତି ଏଠି ଜନତା
ରହୁନି ନବୀନଙ୍କ କଥା...
କ୍ଷମତାରେ ଥିଲେ ଚବିଶି ବରଷ
ଏବେ ବୁଲାଇଲେ ଛତା ।

■ ଦେବାଶିଷ

# ସରକାରୀ ଘର କାମ କରି ଠିକାଦାର ହନ୍ତସନ୍ତ

**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ସରକାରୀ ଘର ମରାମତି କରିଥିବା ଠିକାଦାରମାନେ ବର୍ଷ ବର୍ଷ ସେମାନଙ୍କ ପଇସା ଗଣ୍ଡାକ ନ ପାଇ ହନ୍ତସନ୍ତ ହେଉଥିବା ବେଳେ ସେମାନଙ୍କ ଦୁର୍ଦ୍ଦଶାର ଖବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଛି। ଏଭଳି ଖବର ପାଇବା ପରେ ତୁରନ୍ତ ଠିକାଦାରମାନଙ୍କୁ ସେମାନଙ୍କ ବକେୟା ଅର୍ଥ ପଇଠ କରିବା ସକାଶେ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏଥିସହ ଅଫିସରମାନେ ସାମ୍ୟବାଦ ମାନସିକତା ଛାଡ଼ିବାକୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି। କେତେ ବର୍ଷ ଧରି ସରକାରୀ କ୍ୱାର୍ଟର ମରାମତି ବାବଦ ଅର୍ଥ ପ୍ରଦାନ କରାଯାଇନି, ତା'ର ହିସାବ ବି ମାଗିଛନ୍ତି ମୁଖ୍ୟମନ୍ତ୍ରୀ।

- ବର୍ଷ ବର୍ଷ ଧରି ପାଉନାହାନ୍ତି ପଇସା
- ହସ୍ତକ୍ଷେପ କରି ଅଫିସରଙ୍କୁ ତାଗିଦ କଲେ ମୁଖ୍ୟମନ୍ତ୍ରୀ

ରାଜଧାନୀରେ ଥିବା ସରକାରୀ କୋଠାବାଡ଼ି, ସରକାରୀ କ୍ୱାର୍ଟର୍ସ ଓ ଅନ୍ୟାନ୍ୟ ନିର୍ମାଣଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ଠିକାଦାରମାନେ କରିଆସିଛନ୍ତି। ଅଧିକାଂଶ କ୍ଷେତ୍ରରେ କାର୍ଯ୍ୟାଦେଶ ପାଇବା ପରେ ଠିକାଦାରମାନେ ନିଜ ହାତରୁ ସମସ୍ତ ଅର୍ଥ ଖର୍ଚ୍ଚ କରି କାମ ଶେଷ କରିଥାନ୍ତି। କାମ ଥରେ ଆରମ୍ଭ ହେବା ପରେ ଯନ୍ତ୍ରୀମାନେ ବରାଦ ମୁତାବକ ଅଧିକରୁ ଅଧିକ କାମ ଧରାଇଦେଇଥାନ୍ତି। ଫଳରେ ଠିକାଦାରମାନଙ୍କ ଖର୍ଚ୍ଚ ବଢ଼ିଯାଏ। ଘରେ ରହୁଥିବା ବାବୁମାନଙ୍କ ମନ ମୁତାବକ କାମ କରିବା ପରେ ବି ସଂଖ୍ୟାଧିକ ଠିକାଦାର ଠିକଣା ସମୟରେ ସେମାନଙ୍କ ବିଲ୍ ବାବଦ ଅର୍ଥ ପାଇନଥାନ୍ତି।

ଯେଉଁ ଯନ୍ତ୍ରୀମାନେ ସରକାରୀ ବାବୁଙ୍କ ମନ ମୁତାବକ କାମ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି, ଅର୍ଥ ପଇଠ ସମୟରେ ଅଧିକାଂଶ କ୍ଷେତ୍ରରେ ଯନ୍ତ୍ରୀମାନେ ଅର୍ଥାଭାବ ଆଳ ଦେଖାଇ ଏହି ପ୍ରକ୍ରିୟାକୁ ଯଥେଷ୍ଟ ବିଳମ୍ବିତ କରିଥାନ୍ତି। ଯନ୍ତ୍ରୀମାନେ ଥରେ ବଦଳି ହୋଇଗଲା ପରେ ସେମାନଙ୍କ ସ୍ଥାନରେ ଆସୁଥିବା ନୂଆ ଯନ୍ତ୍ରୀ ବି ଆଉ ଠିକାଦାରଙ୍କୁ ଧରାଛୁଆଁ ଦେଇନଥାନ୍ତି। ଗୋଟିଏପଟେ କରିଥିବା କାମର ପଇସା ମିଳିବାରେ ବିଳମ୍ବ ହେଉଥିବା ବେଳେ ଅନ୍ୟପଟେ ଠିକାଦାରମାନଙ୍କୁ ମରାମତିରେ ବ୍ୟବହୃତ ହୋଇଥିବା ସାମଗ୍ରୀ ଓ କାମ କରିଥିବା ଶ୍ରମିକଙ୍କ ପାଉଣା ତୁରନ୍ତ ପଇଠ କରିବାକୁ ହୋଇଥାଏ।




ଠିକାଦାରମାନେ ସାଧାରଣତଃ ବ୍ୟାଙ୍କ୍ ଋଣ ସହ ହାତଉଧାରି ମାଧ୍ୟମରେ ପାଇଥିବା କାର୍ଯ୍ୟାଦେଶ ପୂରଣ କରିଥାନ୍ତି। କିନ୍ତୁ ସରକାରୀ ତହବିଲ୍‌ରୁ ବର୍ଷାଧିକ କାଳ ଟଙ୍କା ନ ମିଳିବା ଫଳରେ ଋଣ ଓ ସୁଧ ବୋଝରେ ଠିକାଦାରମାନେ କ୍ରମଶଃ ଚେପା ହେବାରେ ଲାଗିଛନ୍ତି। କେତେକ ଠିକାଦାର ବି ଠିକାଦାରୀ ପେସା ଛାଡିବାକୁ ବାଧ୍ୟ ହୋଇଥିବା ନଜିର ବି ରହିଛି। ତେବେ ସକାରାତ୍ମକ କଥାଟି ହେଉଛି ଯେ ଠିକାଦାରମାନଙ୍କର ଏଭଳି ଦୁଃଖ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ➪ପୃଷ୍ଠା-୬



ବିଧାନସଭା ପରିଭ୍ରମଣରେ ଆସିଥିବା ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣାର୍ଥୀଙ୍କ ସହ ବାଚସ୍ପତି ସୁରମା ପାଢ଼ୀ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ରାତିବେଳା ଭଗବାନଙ୍କ ଭରସାରେ ରୋଗୀ

- ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା
- ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ ପରିବାର ଲୋକେ




**କେନ୍ଦୁଝର,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବିଶେଷକରି ରାତିରେ ରୋଗୀମାନେ ଭଗବାନଙ୍କ ଭରସାରେ ରହୁଛନ୍ତି ବୋଲି କହିପାରିବା। କାରଣ ରାତି ବେଳା କୌଣସି ରୋଗୀଙ୍କର କିଛି ବି ସମସ୍ୟା ହେଲେ, ତାହା ଶୁଣିବାକୁ କେହି ବି ରହୁନାହାନ୍ତି। ନା ଡାକ୍ତର ରହୁଛନ୍ତି, ନା ନର୍ସ ରହିବାକୁ ଉଚିତ ମଣୁଛନ୍ତି। ବରଂ ଡ୍ୟୁଟି ଟାଇମ୍‌ରେ ଘରେ ବିଶ୍ରାମ ନେଉଛନ୍ତି ଆଉ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ରୋଗୀଙ୍କୁ ମୃତ୍ୟୁମୁହଁକୁ ଠେଲିଦେଉଛନ୍ତି। ସ୍ଥାନୀୟ ତୁରୁମୁଙ୍ଗା ଅଞ୍ଚଳର ପିଙ୍କି ସାହୁଙ୍କ କ୍ଷେତ୍ରରେ ଏୟା ହିଁ ଘଟିଛି ଓ କେହି ତାଙ୍କ ଯନ୍ତ୍ରଣା ନ ଶୁଣିବାରୁ ଶେଷରେ ସେ ଯନ୍ତ୍ରଣା ସହିନପାରି ମୃତ୍ୟୁବରଣ କରିଛନ୍ତି। ଅସ୍ତ୍ରୋପଚାରରେ ପିଙ୍କି କନ୍ୟା ସନ୍ତାନଟିଏ ଜନ୍ମ ଦେଇଥିଲେ ହେଁ ପରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। କିନ୍ତୁ ଡାକ୍ତରଖାନାରେ ଡାକ୍ତର କି ନର୍ସ କେହି ନ ଥିବାରୁ ତାଙ୍କ ଆର୍ତ୍ତନାଦ କାହାରିକୁ ବି ଶୁଭିନଥିଲା। ଫଳତଃ ରାତି ୧୨ଟା ବେଳେ ପିଙ୍କିଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିପାଇଁ ପରିବାର ଲୋକେ ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କୁ ଦାୟୀ କରିବା ସହ ପ୍ରତିବାଦରେ ଆନ୍ଦୋଳନ କରିଥିଲେ। ଏନେଇ ଖବର ପାଇ ହସ୍ପିଟାଲ୍‌ରେ ପହଞ୍ଚିଥିଲେ ୩ ଏଡିଏମ୍‌ଓ। ସେମାନେ ଘଟଣାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପିଙ୍କିଙ୍କ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ତୁରନ୍ତ ଘଟଣାସ୍ଥଳରେ ହାଜର କରିବା ସକାଶେ ପରିବାର ଲୋକେ ଅଡ଼ି ବସିଥିଲେ। ତେବେ ପରେ ସ୍ଥାନୀୟ ପୁଲିସ୍ ପ୍ରଶାସନର ହସ୍ତକ୍ଷେପ ପରେ ମେଡିକାଲ କଲେଜର ଦୁଇ ଜଣ ଡାକ୍ତର ଓ ପରିବାରବର୍ଗଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଉତ୍ତେଜନା ଥମିଥିଲା। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାତିବେଳା କେହି ଡ୍ୟୁଟିରେ ନ ରହିବା ଘଟଣାର ତଦନ୍ତ ପାଇଁ ଦାବି ହୋଇଛି।

---

■ ମା’ ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ

# ରାଜ୍ୟବ୍ୟାପୀ ତିନିଦିନିଆ ଉଦ୍‌ଯାପନୀ ଉତ୍ସବ




**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଓଡ଼ିଶାର ଘରେ ଘରେ ମା’ ରୂପେ ପରିଚିତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା’ ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ଉଦ୍‌ଯାପନୀ ଉତ୍ସବ ତିନି ଦିନ ଧରି ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ବାଜିରାଉତ ଛାତ୍ରାବାସ, ଠକ୍କର ବାପା ଆଶ୍ରମ, ଲୋହିଆ ଏକାଡ଼େମୀ, ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନଙ୍କୁ ନେଇ ଗଠିତ ଗାନ୍ଧିବାଦୀ ଗଣ ସଂଗଠନ ସମୂହ ପକ୍ଷରୁ ଏହି ଉଦ୍‌ଯାପନୀ ଉତ୍ସବ ଆସନ୍ତାକାଲିଠାରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସକାଶେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆସନ୍ତାକାଲି ପୂର୍ବାହ୍ନରେ ଯାଜପୁର ଜିଲ୍ଲାର ବାଲିପଡ଼ିଆସ୍ଥିତ ଠକ୍କରବାପା ଆଶ୍ରମ, ୨ ତାରିଖରେ ସ୍ଥାନୀୟ ଲୋହିଆ ଏକାଡେମୀରେ ଓ ୩ ତାରିଖ ଅପରାହ୍ନରେ ପୈତୃକ ଗୃହ ସତ୍ୟଭାମାପୁରଠାରେ ଏବଂ ସନ୍ଧ୍ୟାରେ କଟକ ଗାନ୍ଧୀ ଭବନ ଓ ଅନୁଗୁଳସ୍ଥିତ ବାଜି ରାଉତ ଛାତ୍ରାବାସରେ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହେବ। ମା’ ରମାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମମାନଙ୍କରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ସନ୍ଧ୍ୟାରାଣୀ ମଲ୍ଲିକ, ଜୟନ୍ତ ଦାସ, ଇଂ ଧନେଶ୍ୱର ସାହୁ, ପ୍ର. ସୀତା ସାହୁ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ଏକ ପ୍ରେସ ବିବୃତି ମାଧ୍ୟମରେ ନିବେଦନ କରିଛନ୍ତି।

---

# ଆଜିଠୁ କୋଣାର୍କ ଉତ୍ସବ; ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



**କୋଣାର୍କ,୩୦।୧୧:** ଡିସେମ୍ବର ୧ ତାରିଖ ଅର୍ଥାତ୍ ସୋମବାର ଠାରୁ ଆରମ୍ଭ ହେଉଛି କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଅର୍କକ୍ଷେତ୍ର କୋଣାର୍କ ହୋଇ ଉଠିଛି ଉତ୍ସବମୁଖର। ଏହି ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସଂଧ୍ୟାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଶେଷ ପର୍ଯ୍ୟାୟ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ରଙ୍ଗୀନ ହେବ ରଙ୍ଗମଞ୍ଚ। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ, ଚନ୍ଦ୍ରଭାଗା ସ୍ୱର୍ଣ୍ଣାଭ ବେଳାଭୂମିରେ ବାଲୁକା କଳା ଉତ୍ସବ, ମେଳାପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଙ୍ଗମଞ୍ଚ ପରିସରରେ ଛୋଟବଡ଼ ବୃକ୍ଷ ରାଜି, ରଙ୍ଗବେରଙ୍ଗର ଚାନ୍ଦୁଆ, ଚିତ୍ରକଳା ରାତିର ଶୋଭାକୁ ଅତ୍ୟନ୍ତ ଆକର୍ଷଣୀୟ କରୁଛି। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଶୀ, କଥକଳି, କୁଚିପୁଡ଼ି, ମଣିପୁରୀ, ଭାରତନାଟ୍ୟମ ଓ କଥକ ଆଦି ନୃତ୍ୟ ପରିବେଷଣ ସହିତ ଚନ୍ଦ୍ରଭାଗା ବେଳାଭୂମିରେ ଦେଶ ବିଦେଶର ଶତାଧିକ ବାଲୁକାଶିଳ୍ପୀ ବିଭିନ୍ନ ପ୍ରସଙ୍ଗରେ ବିଭିନ୍ନ କଳାକୃତି ପ୍ରଦର୍ଶିତ କରିବେ। ସେହିଭଳି ହେଲିପ୍ୟାଡରେ ୩ଟି ଅପେରା ଓ ମୀନାବଜାର ଅନ୍ୟତମ ଆକର୍ଷଣ ସାଜିବ।

---

# ସ୍କୁଲ ସମ୍ମୁଖରେ ଭେଣ୍ଡିଂ ଜୋନ୍ ନିର୍ମାଣ

- ତେଜୁଛି ଅସନ୍ତୋଷ, ପାଠପଢ଼ା ବ୍ୟାଘାତ ଆଶଙ୍କା

**କେନ୍ଦୁଝର,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ସହର ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ୍ କରିବା ପାଇଁ କାମ ଆରମ୍ଭ ହୋଇଛି। ଫଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। କିଛି ମାସ ତଳେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ସମ୍ମୁଖରେ ଦୋକାନ, ପାର୍କିଂକୁ ନେଇ ବିଦ୍ୟାଳୟ ପକ୍ଷରୁ ଟାଉନ ଥାନା ଅଧିକାରୀଙ୍କୁ ଚିଠି କରିଥିଲେ। ଏଭଳି ଅଭିଯୋଗିକୁ ନେଇ ଉଠା ଦୋକାନ ଓ ପାର୍କିଂ ବନ୍ଦ କରାଯାଇଥିଲା। ଏବେ ସ୍ଥାୟୀ ଭେଣ୍ଡିଂ ଜୋନ୍ ନିର୍ମାଣ କରି ବିଦ୍ୟାଳୟର ପରିସରକୁ ଅଶାନ୍ତ ପରିବେଶ କରିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରାଯାଉଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ବିଶେଷକରି ଛାତ୍ରୀମାନେ ପଢିବା ସହ ହଷ୍ଟେଲରେ ରହୁଛନ୍ତି। ଏଣୁ ଏଠାରେ ଭେଣ୍ଡି ଜୋନ୍ ହେଲେ ଶୃଙ୍ଖଳା ଭଙ୍ଗ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ବୋଲି ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ ଆଶଙ୍କା ବ୍ୟକ୍ତ କରିଛନ୍ତି। ନିକଟରେ ବହୁ ଅର୍ଥ ଖର୍ଚ୍ଚ କରି ରାସ୍ତା କଡ଼ର ବିକାଶ ହୋଇଥିଲା। ପରେ ବାହାର ଅଂଶରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଏବେ ପ୍ରଶାସନ କିପରି ଏଠାରେ ଭେଣ୍ଡିଂ ଜୋନ ମାଧ୍ୟମରେ ଆଇନତଃ ଦୋକାନ ଖୋଲିବାକୁ ଉଦ୍ୟମ କରୁଛନ୍ତି, ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

---

# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

## କବି ରାଜେନ୍ଦ୍ର ପଣ୍ଡା ଓ ସୁକାନ୍ତ ସୁବୁଦ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଚଳିତ ମାସର ସ୍ୱାରସ୍ୱତ ଆସର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନିକଟରେ ପରଲୋକ ଗମନ କରିଥିବା ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସଭାପତି ସୁକାନ୍ତ ସୁବୁଦ୍ଧିଙ୍କ ଅମର ଆତ୍ମାର ସଦଗତି କାମନା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଗାଳ୍ପିକା ବିଜନବାଳା ପାଟ୍ଟଯୋଶୀ ଶ୍ରୀ ପଣ୍ଡାଙ୍କ ସ୍ମୃତି ଚାରଣ କରିବା ପରେ ତାଙ୍କ ସଂଯୋଜନାରେ ସ୍ୱର୍ଗତ ପଣ୍ଡାଙ୍କ ରଚିତ କବିତା ପଠନ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ଶ୍ରୀ ସୁବୁଦ୍ଧିଙ୍କ ସ୍ମୃତିଚାରଣ କରିବା ସହ ଲେଖକ ପରିଷଦ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ତା’ପରେ ସ୍ୱର୍ଗତଃ ସୁବୁଦ୍ଧିଙ୍କ ଲିଖିତ କବିତା ପାଠ କରାଯାଇଥିଲା। ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ, ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟ୍ଟଯୋଶୀ, ସୁଶାନ୍ତ ଧର, ମୌସୁମୀ ଦାଶ, ରଶ୍ମିତା ମହାନ୍ତ, ନିବେଦିତା ବେହେରା କବିତା ପାଠ କରିଥିଲେ। ଏଥିରେ ସହଯୋଗ କରିଥିଲେ ସଚିବାଳୟ ସେବା ସଙ୍ଘର ଉପସଭାପତି ବିଜୟ ସ୍ୱରୂପ ପଣ୍ଡା।

---

# ନୂଆ ରୂପ ପାଇବ ୪ ନମ୍ବର ମାଛ ମାର୍କେଟ

## ହଟିବ ଜବରଦଖଲ, ସୂଚନା ଦେଲେ ମେୟର୍



**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ସ୍ଥାନୀୟ ୪ ନମ୍ବର ଆମିଷ ବଜାରରୁ ହଟିବ ସମସ୍ତ ଜବରଦଖଲ। ନୂଆ ରୂପ ପାଇବ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୪ ନମ୍ବର ମାଛ ମାର୍କେଟ। ଆଜି ସକାଳୁ ବିଏମସି କମିଶନର ଚଞ୍ଚଳ ରଣାଙ୍କ ସହ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ। ଶ୍ରୀମତୀ ଦାସ କହିଛନ୍ତି ଯେ ନୂଆ ଦୋକାନ, ପାର୍କିଂ ଓ ରାସ୍ତା ତିଆରି ହେବ। ଖୁବଶୀଘ୍ର ମାଛ ମାର୍କେଟରେ ଥିବା ବେଆଇନ୍ ଘର ଭଙ୍ଗାଯିବା ଦିଗରେ ପଦକ୍ଷେପ ନିଆଯିବ। ଆମିଷ ଆବର୍ଜନାକୁ ଏଣେତେଣେ ନ ପକାଇ ପ୍ଲାଷ୍ଟିକ୍ ଡ୍ରମ୍‌ରେ ଆବର୍ଜନା ରଖିବା ସକାଶେ ବ୍ୟବସାୟୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯଦି କେହି ବି ଏପରି ନିର୍ଦ୍ଦେଶର ଅବମାନନା କରିବେ, ତା’ହେଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ୪ ନମ୍ବର ମାଛ ମାର୍କେଟର ନବକଳେବର ନେଇ ଚର୍ଚ୍ଚା ଏବଂ ଆଲୋଚନା ହୋଇଆସୁଛି। ବିଶେଷ କରି ମାଛ ମାର୍କେଟରେ ଆମିଷ ବାରରେ ହେଉଥିବା ଭିଡ଼ ଓ ବେଆଇନ୍ ପାର୍କିଂକୁ କିପରି ସଠିକ୍ ଭାବେ ପରିଚାଳନା କରାଯିବ, ସେନେଇ ଯୋଜନା କରାଯାଇଥିଲା। ଏନେଇ ଆଜି ସକାଳୁ ବିଏମସି କମିଶନର ଶ୍ରୀ ରଣା ଓ ମେୟର ଶ୍ରୀମତୀ ଦାସ ୪ ନମ୍ବର ମାର୍କେଟ ବୁଲି ସ୍ଥିତି ପରଖିବା ସହ ବିଭିନ୍ନ ମାଛ ବ୍ୟବସାୟୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି।

---

# ତୁରନ୍ତ ସୁଧ ସହ ୭୧୧୦ କୋଟି ଫେରାଉ ଟାଟା ପାୱାର୍

## ତାତିଲା ଉପଭୋକ୍ତା ମହାସଂଘ, ଗଣଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଗତ ଆଠ ବର୍ଷ ଧରି ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତା ଅନୁମୋଦିତ ହାରଠାରୁ ଅଧିକ ଶୁଳ୍କ ଗଣିଆସୁଛନ୍ତି। କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ୧ କୋଟି ୧୧ ଲକ୍ଷ ଗ୍ରାହକଙ୍କଠାରୁ ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଟାଟା ପାୱାର ଅଧିକ ୧୦୬୫ କୋଟି ଟଙ୍କା ଆଦାୟ କରିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) କର୍ତ୍ତୃପକ୍ଷ ୟୁନିଟ ପିଛା ଗତ ଆର୍ଥିକ ବର୍ଷ ପାଇଁ ୫ ଟଙ୍କା ୬୭ ପଇସା ଦର ଧାର୍ଯ୍ୟ କରିଥିଲେ ହେଁ ଟାଟା ପାୱାର ୬ ଟଙ୍କା ୩ ପଇସା ଲେଖାଏଁ ଅଧିକ ଆଦାୟ କରି ଏ ବାବଦରେ ମୋଟ ୧୦୬୫ କୋଟି ଟଙ୍କା ଲୁଟିଛି। ଟାଟା ପାୱାର୍‌ର ଏପରି ଚୋରି ଧରାପଡ଼ିଯିବା ପରେ ତୁରନ୍ତ କମ୍ପାନୀ ଏ ଦିଗରେ ପଦକ୍ଷେପ ନେଇ ଲୁଟ୍ ଟଙ୍କା ସୁଧ ସହ ଗ୍ରାହକଙ୍କୁ ଫେରସ୍ତ କରିବା ସକାଶେ ଦାବି କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ। ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା ଆଜି ଏକ ପ୍ରେସ ବିବୃତି ମାଧ୍ୟମରେ ଏହି ଦାବି କରିବା ସହ ନିକଟରେ ଆନ୍ଧ୍ର ସରକାର ଏପରି ଅଧିକ ଆଦାୟ କରିଥିବା ୧୭୬୫ କୋଟି ଟଙ୍କା ଫେରାଇବା ଘଟଣାର ଉଦାହରଣ ଦେଇଛନ୍ତି। ଏଥିସହ ସେମାନେ ପ୍ରଶ୍ନ କରିଛନ୍ତି ଯେ ଯଦି ଆନ୍ଧ୍ର ପ୍ରଦେଶରେ ଏନେଇ ପଦକ୍ଷେପ ନିଆଯାଇପାରିଲା, ତା’ହେଲେ ଓଡ଼ିଶାର ଗ୍ରାହକମାନେ କାହିଁକି ଅଧିକ ଦେଇଥିବା ୩୬ ପଇସା ସୁଧ ସହ ଫେରି ନ ପାଇବେ? ତେଣୁ ତୁରନ୍ତ ଟାଟା ପାୱାର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଏହା ବିରୋଧରେ ରାଜ୍ୟରେ ବଡ଼ ଧରଣର ଗଣଆନ୍ଦୋଳନ ଗଢ଼ିଉଠିବ ବୋଲି ଶ୍ରୀ କାନୁନ୍‌ଗୋ ଓ ଶ୍ରୀ ବେହେରା ଚେତାବନୀ ଦେବା ସହ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ପାଇଁ ଟାଟା ପାୱାର ଦାୟୀ ରହିବ ବୋଲି ସ୍ପଷ୍ଟ କରିଦେଇଛନ୍ତି।

---

# ଅତିରିକ୍ତ ବଜେଟ୍‌ର ଆବଶ୍ୟକତା ନଥିଲା: କଂଗ୍ରେସ

## ୨୩ ହଜାର କୋଟି ବ୍ୟାଙ୍କରେ ରଖାଯିବା ଘଟଣାର ତଦନ୍ତ ଦାବି




**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ବିଧାନସଭା ଶୀତକାଳୀନ ଅଧିବେଶନରେ ଅତିରିକ୍ତ ବଜେଟ ଉପସ୍ଥାପନ ନେଇ କଂଗ୍ରେସ ଭବନଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ଯେଉଁଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ଟ୍ୟାକ୍ସ ପରାମର୍ଶଦାତା ପ୍ରଶାନ୍ତ ଶତପଥୀ ଯୋଗଦେଇ ସରକାରଙ୍କ ପକ୍ଷରୁ ଗତକାଲି ବିଧାନସଭାରେ ଆଗତ ଅତିରିକ୍ତ ବଜେଟ୍‌କୁ କଡ଼ା ସମାଲୋଚନା କରାଯାଇଛି।

ଶ୍ରୀ କାନୁନଗୋ କହିଛନ୍ତି, ବିଜେପି ସରକାର ବଜେଟ ପରିଚାଳନାରେ ସମ୍ପୂର୍ଣ୍ଣ ଅସଫଳ ରହିଛି। ନିକଟରେ ସରକାର ଯେଉଁ ଅତିରିକ୍ତ ବଜେଟ ଆଣିଛନ୍ତି, ତାହାର ବିଶେଷ ଆବଶ୍ୟକତା ନଥିଲା। କାରଣ ମୂଳ ବଜେଟର ହୋଇଥିବା ବ୍ୟୟ ବରାଦରୁ ଅଧା ରାଶି ବି ଅଦ୍ୟାବଧି ଖର୍ଚ୍ଚ ହୋଇପାରିନାହିଁ। ଅଦ୍ୟାବଧି କେବଳ ୪୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଓଡ଼ିଶାର ଡବଲ ଇଞ୍ଜିନ ସରକାର ଅତିରିକ୍ତ ବଜେଟରେ ଶକ୍ତି ଶ୍ରୀ ନାମରେ କେବଳ ଗୋଟିଏ ନୂଆ ଯୋଜନା ଆଣିଛନ୍ତି, ଯାହାର ବ୍ୟୟ ବରାଦ ରାଶି ମାତ୍ର ୧୫ କୋଟି ରହିଛି। କିନ୍ତୁ ଅନ୍ୟ କୌଣସି ନୂଆ ଯୋଜନା ଏହି ବଜେଟରେ ନାହିଁ। ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନାରେ ଟଙ୍କା ଖର୍ଚ୍ଚ କମ ହେଉଥିବା ବେଳେ ରାଜ୍ୟ ସାରା ସବୁ ସମୟରେ ସରକାରୀ ଉତ୍ସବ ପାଳନ ଚାଲିଛି। ସୁଭଦ୍ରା ଉତ୍ସବ ଏକତା ଉତ୍ସବ ଏବଂ ଓଡ଼ିଶାକୁ ଆସୁଥିବା କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତରେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ତେଣୁ ଆସନ୍ତା ୨୦୩୬ ସୁଦ୍ଧା ଯେଉଁ ବିକଶିତ ଓଡ଼ିଶାର ସ୍ୱପ୍ନ ବଣ୍ଟଯାଉଛି, ତାହା ସମ୍ଭବ ହେବା ପରି ମନେ ହେଉନାହିଁ। ସରକାର ପାଟକୁ ପାଣି ଓ ପେଟକୁ ପାଣି ସୁବ୍ୟବସ୍ଥା ନ କରିବା ପର୍ଯ୍ୟନ୍ତ ରାଜ୍ୟର ସାମଗ୍ରିକ ଅର୍ଥନୀତି ଆଗକୁ ବଢ଼ିବ ନାହିଁ ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି। ସେହିପରି ସରକାର ୨୩ ହଜାର କୋଟି ଟଙ୍କା ସରକାରୀ ଟ୍ରେଜେରୀରେ ନ ରଖି କେଉଁ ଉଦ୍ଦେଶ୍ୟ ନେଇ ବ୍ୟାଙ୍କ୍‌ରେ ଜମା କରିଛନ୍ତି, ତା’ର ମଧ୍ୟ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀ ଶତପଥୀ କହିଛନ୍ତି ଯେ ଚଳିତ ବର୍ଷ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ଯଥେଷ୍ଟ କମ୍ ରହିଛି। କେନ୍ଦ୍ରୀୟ ଅନୁଦାନର ଲକ୍ଷ୍ୟ ୪୧୫୯୧ କୋଟି ଥିବାବେଳେ ଓଡ଼ିଶା ପାଇଛି ମାତ୍ର ୭୧୬୩ କୋଟି। ରାଜ୍ୟ ବଜେଟ ଅତିମାତ୍ରାରେ ଋଣ ଉପରେ ନିର୍ଭରଶୀଳ ହୋଇଥିବାରୁ ଚଳିତ ବର୍ଷ ଋଣଭାର ୧ ଲକ୍ଷ ୩୫ ହଜାର କୋଟିରେ ପହଞ୍ଚିଯିବ। ରାଜ୍ୟର ରାଜସ୍ୱ ସମ୍ବଳ ସଂଗ୍ରହ ଆଦୌ ଆଖିଦୃଶିଆ ନୁହେଁ। ଡବଲ ଇଞ୍ଜିନରେ ଡବଲ ବିକାଶର ନାରା ଦେଉଥିବା ବିଜେପି ସରକାର କେନ୍ଦ୍ର ପାଖରେ କମୁଥିବା କେନ୍ଦ୍ରୀୟ ସହାୟତା ରାଶି ପାଇଁ ଦୃଢ଼ ପ୍ରତିବାଦ ଜଣାଇବା ସହ ରାଜ୍ୟର ବଜେଟ ସୁପରିଚାଳନା ପ୍ରତି ଧ୍ୟାନ ଦେବାକୁ ଶ୍ରୀ ଶତପଥୀ ପରାମର୍ଶ ଦେଇଛନ୍ତି।

---

# ୩୩ ୱାରେଣ୍ଟି ପଳାତକ ଘୋଷିତ

- ମାସେ ଭିତରେ ଆତ୍ମସମର୍ପଣ କରିବାକୁ ନୋଟିସ୍

**କଟକ,୩୦।୧୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲାରେ ବର୍ଷ ବର୍ଷ ଧରି ଫେରାର୍ ଥିବା ୩୩ ଜଣ ୱାରେଣ୍ଟ୍ ଆସାମୀଙ୍କୁ ଆଜି ଜିଲ୍ଲା ପୁଲିସ ପକ୍ଷରୁ ପଳାତକ ଘୋଷଣା କରାଯାଇଛି। ସମ୍ପୃକ୍ତ ୩୩ ଜଣଙ୍କ ୱାରେଣ୍ଟ୍ ଆସାମୀଙ୍କ ସ୍ଥାୟୀ ଠିକଣାରେ ଉକ୍ତ ଅଞ୍ଚଳର ଥାନାଧିକାରୀମାନେ ପହଞ୍ଚିଛନ୍ତି। ସେମାନଙ୍କ ନାମରେ ଜାରି ଜାମିନବିହୀନ ଗିରଫ ପରୱାନା ସମ୍ପର୍କରେ ଥାନାଧିକାରୀମାନେ ଆସାମୀଙ୍କ ଗାଁରେ ଡେଙ୍ଗୁରା ଓ ମାଇକ୍ ମାଧ୍ୟମରେ ସତର୍କ କରାଇଛନ୍ତି। ବିଏନଏସ୍ ଧାରା ୮୪ ଅନୁସାରେ ପୁଲିସ ଏହି ନୋଟିସ୍ ଜାରି କରିଛି। ଏହି ନୋଟିସ୍‌କୁ ସମ୍ପୃକ୍ତ ଆସାମୀଙ୍କ ଘର କାନ୍ଥ ସହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଲଟକା ଭାବେ ଲଗାଯାଇଛି। ଏଥିରେ ଆଗାମୀ ମାସେ ଭିତରେ ଆତ୍ମସମର୍ପଣ ନ କଲେ ସମ୍ପୃକ୍ତ ୩୩ ଜଣ ୱାରେଣ୍ଟ୍ ଆସାମୀଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବା ସକାଶେ ବିଏନଏସଏସ୍ ଧାରା ୮୫ ବଳରେ ଥାନାଧିକାରୀ କୋର୍ଟକୁ ନିବେଦନ କରିବେ ବୋଲି ଜନୈକ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

- ହସ୍ପିଟାଲକୁ କୁକୁର ଆଣିବା ମହଙ୍ଗା ପଡ଼ିଲା

# ରୋଗୀଙ୍କୁ ସୁରକ୍ଷା କର୍ମୀଙ୍କ ମାଡ଼



**ପାରଳାଖେମୁଣ୍ଡି,୩୦।୧୧ (ସଂଚାର ବ୍ୟୁରୋ):** ପାରଳାଖେମୁଣ୍ଡିସ୍ଥିତ ଗଜପତି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଜି ଅପରାହ୍ଣରେ ଜଣେ ରୋଗୀ ସାଥୀରେ ନିଜର ପୋଷା କୁକୁର ନେଇ ଡାକ୍ତରଖାନା ଯାଇଥିବାରୁ ସେ ହଟହଟ୍ଟାର ଶିକାର ହୋଇଛନ୍ତି। ତାଙ୍କୁ ସେଠାରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ ରୋଗୀଙ୍କୁ ଡାକ୍ତରଖାନାର ସୁରକ୍ଷାକର୍ମୀମାନେ ଆକ୍ରମଣ କରିଛନ୍ତି। ଚିକିତ୍ସା ନିମନ୍ତେ ଆସିଥିବା ରୋଗୀଙ୍କୁ ପ୍ରାଣାନ୍ତକ ଆକ୍ରମଣ କରାଯାଇଛି। ସ୍ପଷ୍ଟ ଦିବାଲୋକରେ ରୋଗୀଙ୍କୁ ଆକ୍ରମଣ କରାଯାଉଥିବା ବେଳେ ଅନ୍ୟ ରୋଗୀ, ରୋଗୀ ସଂପର୍କୀୟ ଏବଂ ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ରୋଗୀଙ୍କୁ ଆକ୍ରମଣରୁ କେହି ସୁରକ୍ଷା ଦେଇପାରି ନଥିଲେ। ଲହୁଲୁହାଣ କରିବା ପରେ ସୁରକ୍ଷାକର୍ମୀମାନେ ରୋଗୀଙ୍କୁ ଥାନାରେ ଜିମା ଦେଇଛନ୍ତି। ସୂଚନା ଅନୁସାରେ ଜଣେ ରୋଗୀ ନିଜର ଚିକିତ୍ସା ପାଇଁ ହସ୍ପିଟାଲ ଆସିଥିବା ବେଳେ ତାଙ୍କ ସାଥିରେ ସେ ପୋଷା କୁକୁର ରଖିଥିଲେ। ସାଥୀରେ ପୋଷା କୁକୁର ଥିବାରୁ, ରୋଗୀଙ୍କୁ ସୁରକ୍ଷାକର୍ମୀମାନେ ଅଟକାଇଥିଲେ। ପୋଷା କୁକୁରକୁ କାହିଁକି ଘରେ ରଖି ଆସିନ ବୋଲି କହିଥିଲେ। କିନ୍ତୁ ରୋଗୀ ଜଣଙ୍କ ଏକା ଥିବାରୁ ସାଥୀରେ ନେଇ ଆସିଛି ବୋଲି କହିଥିଲେ। କ୍ଷୋଭର ବିଷୟ ଯେ, ରୋଗୀଙ୍କ କଥା ଶୁଣିବା ପରିବର୍ତ୍ତେ, ସୁରକ୍ଷାକର୍ମୀମାନେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଚାରିରୁ ଅଧିକ ସୁରକ୍ଷାକର୍ମୀ ତାଙ୍କୁ ମାଡ଼ ମାରୁଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

---




# ତହସିଲ ଓ ଖଣି ବିଭାଗର ଚଢ଼ାଉ: ୧୫ ଗାଡ଼ି ଜବତ

**ସୋର,୩୦।୧୧(ସଂଚାର ବ୍ୟୁରୋ):** ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ପୃଥକ ଭାବେ ଚଢ଼ାଉ କରାଯାଇ ୧୦ଟି ପଥର ଓ ୫ଟି ବାଲି ବୋଝେଇ ଗାଡ଼ିକୁ ଜବତ କରାଯାଇଛି। ସୂଚନା ଅନୁସାରେ ଗତକାଲି ରାତିରେ ବାଗୁଡିରୁ ପଥର ଚୋରା ଚାଲାଣର ଖବର ପାଇ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ବିଦୁ ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୮ଟି ପଥର ବୋଝେଇ ଗାଡ଼ିକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇ ଥାନାରେ ଜିମା ଦିଆଯାଇଛି। ଅନ୍ୟପଟେ ସୋର ତହସିଲଦାର ଦୈତାରି ମଲ୍ଲିକ ବିଳମ୍ବିତ ରାତିରେ ରୁଷୋ ଛକ ନିକଟରୁ ଦୁଇଟି ପଥର ବୋଝେଇ ଡମ୍ଫର ଜବତ କରିବା ସହ ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ୫ଟି ବାଲି ବୋଝେଇ ହାଇୱାକୁ ମଧ୍ୟ ଜବତ କରି ଥାନାରେ ଜିମା ଦେଇଛନ୍ତି। ଚଢ଼ାଉ ହେଉଥିବା ଜାଣିପାରି ଅନେକ ଗାଡ଼ି ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

---

# ଦୈନ୍ୟରେ ଶଢୁଛନ୍ତି ଭିନ୍ନକ୍ଷମ ପ୍ରେମାନନ୍ଦ

## ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ପିତାମାତା ଚିନ୍ତିତ

**କେନ୍ଦୁଝର,୩୦।୧୧(ସଂଚାର ବ୍ୟୁରୋ):** ସରକାର ଭିନ୍ନକ୍ଷମମାନଙ୍କୁ ସାମାଜିକ ସ୍ରୋତରେ ସାମିଲ୍ କରିବା ସକାଶେ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏହା ଅନେକ ସମୟରେ ସଠିକ୍ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଯାହାର ଜ୍ୱଳନ୍ତ ପ୍ରମାଣ ହେଲେ ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁର ଭୀମ ଜୁଆଙ୍ଗଙ୍କ ଏକମାତ୍ର ପୁଅ ପ୍ରେମାନନ୍ଦ। ମାତ୍ର ୬ ବର୍ଷ ବୟସରୁ ଭିନ୍ନକ୍ଷମ ହୋଇଥିବା ପ୍ରେମାନନ୍ଦଙ୍କୁ ବାପା ଭୀମ ଅର୍ଥାଭାବ ଯୋଗୁଁ କୌଣସି ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇ ଦେଇପାରିନାହାନ୍ତି। ତେଣୁ ୧୯ ବର୍ଷ ବୟସରେ ପ୍ରେମାନନ୍ଦ ପହଞ୍ଚିସାରିଥିଲେ ମଧ୍ୟ ତାଙ୍କ ମାନସିକ ସମସ୍ୟାର ନିଦାନ ହୋଇପାରିନାହିଁ। ତେଣୁ ପରିବାର ଏବେ ସରକାରୀ ସହାୟତାକୁ ଅପେକ୍ଷା କରିଛି।

ମିଳିଥିବା ସୂଚନାନୁସାରେ, ପ୍ରେମାନନ୍ଦ ଠିକ୍ ଭାବେ କଥା କହିପାରେନି କି ବୁଝିପାରେନାହିଁ। କେବଳ ମଝିରେ ମଝିରେ ଚିତ୍କାର କରି କ’ଣ କହିବାକୁ ଉଦ୍ୟମ କରିଥାଏ। ପ୍ରାଥମିକ ପର୍ଯ୍ୟାୟରେ ଭୀମ ତାଙ୍କ ନିଜସ୍ୱ ଉଦ୍ୟମରେ କିଛି ମାତ୍ରାରେ ପ୍ରେମାନନ୍ଦର ଚିକିତ୍ସା କରାଇଥିଲେ। କିନ୍ତୁ ତା’ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିପାରିନାହିଁ, ବରଂ ଦିନକୁ ଦିନ ସମସ୍ୟା ଜଟିଳ ହେବାରେ ଲାଗିଛି। ଫଳତଃ ନିଜର ଏକମାତ୍ର ସନ୍ତାନର ଭବିଷ୍ୟତ ନେଇ ଭୀମ ଓ ତାଙ୍କ ପତ୍ନୀ ସବୁବେଳେ ଚିନ୍ତାରେ ରହୁଛନ୍ତି। ଭୀମ ଜଣେ ଜୁଆଙ୍ଗ ଜନଜାତିର ଗରିବ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନୁହେଁ। ଫଳତଃ ପୁଅର ପୂରା ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇପାରୁନାହିଁ।



ମାନସିକ ସମସ୍ୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅର୍ଥାତ୍ ୨୦୧୨ରେ ପ୍ରେମାନନ୍ଦର ଭିନ୍ନକ୍ଷମତା ପରୀକ୍ଷା କରାଯାଇଥିଲା। ସେତେବେଳେ ତା’ର ଭିନ୍ନକ୍ଷମତା ଥିଲା ପ୍ରାୟ ନବେ ପ୍ରତିଶତ। ସରକାର ସେତେବେଳେ ଭିନ୍ନକ୍ଷମ ଭତ୍ତା ଦେଇ ତାଙ୍କ ଦାୟିତ୍ୱ ସାରିଦେଲେ। ପ୍ରେମାନନ୍ଦର ପୂରା ଚିକିତ୍ସା ଦିଗରେ କୌଣସି ବ୍ୟବସ୍ଥା କଲେନାହିଁ। ନା ପଞ୍ଚାୟତ, ନା ଜିଲ୍ଲା ପ୍ରଶାସନ, ନା ବିଧାୟକ କେହି ବି ତା’ର ଚିକିତ୍ସା ପ୍ରତି ଧ୍ୟାନ ଦେଲେ। ଜୁଆଙ୍ଗ ଜନଜାତିଙ୍କ ମଙ୍ଗଳ ପାଇଁ କାମ କରୁଥିବା ଜୁଆଙ୍ଗ ଉନ୍ନୟନ ସଂସ୍ଥା ବି ଏ କ୍ଷେତ୍ରରେ କୁମ୍ଭକର୍ଣ୍ଣ ଭୂମିକା ତୁଲାଉଛି। ପ୍ରାରମ୍ଭିକ ସମୟରେ ସଠିକ୍ ଚିକିତ୍ସା ନ ପାଇବାରୁ ପ୍ରେମାନନ୍ଦର ରୋଗ ଧୀରେ ଧୀରେ ବଢ଼ିଚାଲିଲା। ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ତା’ର ଚିକିତ୍ସା ଜରୁରୀ ଥିଲେ ହେଁ ନା ସରକାର କିଛି ଶୁଣିଲେ ନା ବାପା ଭୀମ କିଛି ବି କରିପାରିଲେ। ତେବେ ନିକଟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶା’ ପକ୍ଷରୁ ପ୍ରେମାନନ୍ଦର ଚିକିତ୍ସା ଦିଗରେ ପଦକ୍ଷେପ ସକାଶେ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଛି। ଏଥିସହ ତା’ର ଭତ୍ତା ପରିମାଣ ମଧ୍ୟ ବଢ଼ାଯିବା ଉପରେ ସଂସ୍ଥା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଭତ୍ତା ପରିମାଣ ବଢ଼ିବ ବୋଲି ବ୍ଲକ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ ମଧ୍ୟ ଚିକିତ୍ସା ବାବଦରେ ପଦକ୍ଷେପ ନେଇ କିଛି ବି କହିନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ‘ଆଶା’ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ସ୍ଥାନୀୟ ଜିଲ୍ଲାପାଳଙ୍କୁ ନିବେଦନଦ କରାଯାଇଛି। ବିଶେଷକରି ପ୍ରେମାନନ୍ଦ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀର ବାସିନ୍ଦା ହୋଇଥିବାରୁ ତା’ର ଚିକିତ୍ସା ପ୍ରତି ପ୍ରଶାସନିକ ସ୍ତରରେ କୌଣସି ନା କୌଣସି ପଦକ୍ଷେପ ନିଆଯିବ ବୋଲି ‘ଆଶା’ ପକ୍ଷରୁ ଆଶା ପ୍ରକାଶ ପାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ସାମାଜିକ ବର୍ଜନ ଏକ କଳଙ୍କ

ସ୍ୱାଧୀନତା ପ୍ରାପ୍ତିର ସାତ ଦଶକ ପରେ ବି ଭାରତରେ ସାମାଜିକ ବର୍ଜନ ଏକ କଳଙ୍କ ଭାବେ ରହିଯାଇଛି। ସମାଜର ବିଭିନ୍ନ ସ୍ତରରେ ଜାତି, ଧର୍ମ, ଲିଙ୍ଗ ଓ ଅର୍ଥନୈତିକ ସ୍ଥିତି ଆଧାରରେ ଲୋକମାନଙ୍କୁ ଅଲଗା କରାଯାଉଛି।



ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଏହି ବର୍ଜନ ବିଭିନ୍ନ ରୂପରେ ଦେଖାଯାଉଛି। ଆଇନ ଓ ସମ୍ବିଧାନ ଦଳିତ ଓ ପଛୁଆ ସମ୍ପ୍ରଦାୟଙ୍କ ପାଇଁ ସୁରକ୍ଷା ଦେଇଥିଲେ ବି ବାସ୍ତବରେ ସେମାନେ ସମାଜର ମୁଖ୍ୟ ସ୍ରୋତରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଏହି ସମସ୍ୟା ଗଭୀର। ଅନେକ ଗ୍ରାମରେ ଦଳିତ ପରିବାର ଗାଁର ମୁଖ୍ୟ ରାସ୍ତା ବ୍ୟବହାର କରିପାରନ୍ତି ନାହିଁ, ମନ୍ଦିରରେ ପ୍ରବେଶ କରିପାରନ୍ତି ନାହିଁ, ଏପର୍ଯ୍ୟନ୍ତ ସରକାରୀ ପାଣି ପାଇପ୍ ନିକଟରେ ପାଣି ଭର୍ତ୍ତି କରିବାକୁ ବାରଣ କରାଯାଉଛି। ସମ୍ପ୍ରତି କିଛି ଦିନ ତଳେ କେନ୍ଦୁଝର ଜିଲ୍ଲାରେ ଜଣେ ଦଳିତ ଯୁବକ ଉଚ୍ଚଜାତିର ଝିଅଙ୍କୁ ବିବାହ କରିବାକୁ ଚାହିଁଥିବାରୁ ତା'ର ଘର ଜାଳି ଦିଆଯାଇଥିଲା। ଏହା କେବଳ ଓଡ଼ିଶାର ନୁହେଁ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର ଓ ତାମିଲନାଡୁରେ ମଧ୍ୟ ସମାନ ଘଟଣା ଘଟୁଛି। ଜାତିଭିତ୍ତିକ ହିଂସା ଓ ବର୍ଜନ ଏବେ ବି ହଜାର ହଜାର ଲୋକଙ୍କ ଜୀବନକୁ ନର୍କ କରିଦେଉଛି।

ସହରରେ ରୂପ ବଦଳିଛି, କିନ୍ତୁ ଲକଙ୍କ ମାନସିକତାରେ ପରିବର୍ତ୍ତନ ଆସିନି। ଫ୍ଲାଟ୍ କିଣିବା ସମୟରେ ମୁସଲମାନ ବା ଦଳିତ ପରିବାରକୁ ଘର ଭଡ଼ା ଦିଆଯାଏ ନାହିଁ। ଅଫିସରେ ଜାତି ଓ ଧର୍ମ ଆଧାରରେ ପଦୋନ୍ନତି ରୋକାଯାଏ। ମହିଳାମାନେ ଋତୁସ୍ରାବ ସମୟରେ ଘରର ରୋଷେଇଶାଳାକୁ ପ୍ରବେଶ କରିପାରନ୍ତି ନାହିଁ, ମନ୍ଦିରକୁ ଯାଇପାରନ୍ତି ନାହିଁ। ଏହାକୁ ମଧ୍ୟ ଏକ ପ୍ରକାର ସାମାଜିକ ବର୍ଜନ କହିଲେ ଭୁଲ ହେବନି। ସମଲିଙ୍ଗୀ ସମ୍ପର୍କକୁ ଏବେ ବି ଅନେକ ପରିବାର ଓ ସମାଜ ଗ୍ରହଣ କରିନାହାନ୍ତି।

ଏହି ବର୍ଜନ କାହିଁକି ଏତେ ଦୃଢ଼ ହୋଇ ରହିଛି? କାରଣ ହେଉଛି ଶିକ୍ଷାର ଅଭାବ ଓ ରାଜନୈତିକ ସ୍ୱାର୍ଥ। ଜାତି ଓ ଧର୍ମକୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି। ଯେତେବେଳେ ରାଜନେତା ନିଜେ ବିଭାଜନକାରୀ ଭାଷଣ ଦିଅନ୍ତି, ସେତେବେଳେ ସାଧାରଣ ଲୋକଙ୍କ ମନରୁ କିପରି ଏ କୁସଂସ୍କାର ଦୂର ହେବ? ସ୍କୁଲରେ ସମ୍ବିଧାନିକ ମୂଲ୍ୟବୋଧ ଓ ସମାନତାର ଶିକ୍ଷା ଦିଆଯାଏ ନାହିଁ। ଫଳରେ ନୂଆ ପିଢ଼ି ମଧ୍ୟ ପୁରୁଣା କୁସଂସ୍କାରରେ ବନ୍ଧା ରହୁଛି।

ଏହାକୁ ବନ୍ଦ କରିବା ପାଇଁ କଡ଼ା ଆଇନ ଲାଗୁ କରିବା ସହ ସାମାଜିକ ସଚେତନତା ଦରକାର। ଗ୍ରାମ ପଞ୍ଚାୟତରୁ ଆରମ୍ଭ କରି ସହରାଞ୍ଚଳ ସମିତି ପର୍ଯ୍ୟନ୍ତ ସମସ୍ତଙ୍କ ସହଭାଗିତା ଏକାନ୍ତ ଜରୁରୀ। ମିଶା ବିବାହକୁ ଉତ୍ସାହିତ କରିବା, ସମସ୍ତଙ୍କ ପାଇଁ ସମାନ ସୁବିଧା ନିଶ୍ଚିତ କରିବା ଓ ବର୍ଜନକାରୀଙ୍କୁ କଡ଼ା ଦଣ୍ଡ ଦେବାର ଆବଶ୍ୟକତା ରହିଛି। ଯେତେଦିନ ପର୍ଯ୍ୟନ୍ତ ଆମେ ନିଜର ମାନସିକତା ବଦଳାଇବା ନାହିଁ, ସେତେଦିନ ପର୍ଯ୍ୟନ୍ତ ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନର ସମାନତାମୂଳକ ଭାରତ ଏକ ସ୍ୱପ୍ନ ହୋଇ ରହିଯିବ। ଏଭଳି ସାମାଜିକ ଅସମାନତା ଯୋଗୁ ସାମାଜିକ ହିଂସା ଓ ବିଦ୍ୱେଷ ମଧ୍ୟ ବଢ଼ୁଛି ।

## ବିଶ୍ୱ ଏଡ୍‌ସ ଦିବସ

# ଏଡ୍‌ସ: ଏହି ଡର ସଭିଙ୍କୁ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଏଡ୍‌ସ। ଏହି ଡ଼ର ସଭିଙ୍କୁ। ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ। ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ୍‌ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି। ଗତ ଦିଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ୍‌ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି। ପ୍ରାରମ୍ଭିକସ୍ତରରେ ଏଡ୍‌ସ ସଚେତନତା ମହିଳା ଓ ପୁରୁଷ ଯୌନ କର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ୍‌ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ୍‌ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏନେଇ ସଚେତନତା କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି।

ବର୍ତ୍ତମାନ ଏଡ୍‌ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି : ଆଉ ଜଣକୁ ବି ଏଡ୍‌ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ୍‌ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବା ନାହିଁ କି ଏଡ୍‌ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ। ତେବେ ଚଳିତବର୍ଷ ବିଶ୍ୱ ଏଡ୍‌ସ ଦିବସ ଅବସରରେ କିଶୋର ମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ୍‌ସରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି। ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି। ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି। ସେହିପରି ସର୍ବଭାରତୀୟ ସ୍ତରରେ ଏଡ୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ। ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁନଥିବାରୁ କିଶୋର ମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି। ଯେଉଁଥିପାଇଁ ଏଡ୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। କିନ୍ତୁ ଧୀରେ ଧୀରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି। ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି। ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି। ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷାର କରିପାରୁନାହାନ୍ତି। ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି। ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି। ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନତା କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି। ବିଶ୍ୱ ଏଡ଼ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ର ଶପଥର ସଂକଳ୍ପ ଦିବସ ହେଉ। ତେବେ ବଡ଼ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି। ସମାଜରେ ଭାୟାବହ କୁହାଯାଉଥିବା ଏଡ଼ସ୍ ଓ ହେପାଟାଇଟିସି ବି ଉଭୟ ସମ ଭାବରେ ସଂକ୍ରମଣ ହୁଅନ୍ତି। ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନ ମାନଙ୍କ ଦ୍ୱାରା ଏଡ଼ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଏଡ୍‌ସ ସେଲ ମଧ୍ୟ ଗଠନ ହୋଇ ଏଡସ୍ ନିରାକରଣ ତଥା ଏହାକୁ ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସଫଳ ହେଉଛି। ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼ସ୍ ରାକ୍ଷାସର ମୂଳପ୍ରୋଟନ ସମ୍ଭବ ହୋଇପାରିବ।

**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଜୀବନ ରୂପକ ରଙ୍ଗମଞ୍ଚରେ ମଣିଷ



ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତ୍ୟେକ ମଣିଷ ଟିକେ ଖୁସି ଚାହେଁ। ଯଦି ତା'ର ଭାବନା ସାମାଜିକ ରୀତିନୀତିକୁ ଗ୍ରହଣ କରନ୍ତା ତେବେ ସହଜରେ ଖୁସି ହୋଇପାରନ୍ତା। ମାନବ ଜୀବନରେ ଥିବା କ୍ରୋଧ, ଲୋଭ, ଗର୍ବ, ଅହଂକାର ଏବଂ ଘୃଣାକୁ ହଟାଇ ସରଳ ସହଜ ଆଡ଼କୁ ଗତିକଲେ, ଜୀବନ ନିଶ୍ଚିତ ଭାବରେ ଖୁସିରେ ରୂପାନ୍ତରିତ ହେବ। ଏବେ ଏହି ଚିନ୍ତାଧାରା'ର ଦର୍ଶନ ବିଶ୍ୱକୁ ବ୍ୟାପିଛି। ଦୁନିଆରେ ଅଧିକ ଲୋକ ଏହି ଜୀବନ ଦର୍ଶନ ସହିତ ଯୋଡି ହେଉଛନ୍ତି। କହିବାକୁ ଗଲେ ଜଗତରେ ପ୍ରେମ, ସଂପର୍କ, ସୌହାର୍ଦ୍ଦ୍ୟର ଅଭାବ ଦେଖାଦେଇଛି। ଏହି କାରଣରୁ ଜନସାଧାରଣ ଅଧିକ ଦୁଃଖରେ ଅଛନ୍ତି। ସମସ୍ତେ ଖୁସି ଇଚ୍ଛା କରିନ୍ତି , କିନ୍ତୁ ଏହି ସୁଖ ରୂପକ ଖୁସି କେଉଁଠୁ ପାଇବେ ? ଖୁସି ଦେବାକୁ କେହି ସାହାଯ୍ୟ କରିବେ ନାହିଁ, ଏହା ହେଉଛି ସଂସାର ନୀତି। ଖୁସି ପାଇବା ପାଇଁ ଆପଣାର ଭାବ, ପାରସ୍ପରିକ ବୁଝାମଣା ଓ ବିଶ୍ୱାସର ଆବଶ୍ୟକ ରହିଛି। ନିଜେ ଖୁସି ରହି ଅନ୍ୟକୁ ଖୁସି ବଣ୍ଟନ କଲେ ଖୁସି ଚିରନ୍ତନ ହେବ।

ଦୁନିଆରେ ଯାହା ଘଟୁଛି, ସେସବୁ ଭଗବାନଙ୍କ ଉପହାର। ବିଶ୍ୱାସ ରଖିବାକୁ ହେବ ଭଗବାନ କେହି ଜଣେ ଅଟନ୍ତି। ଗୀତାରେ କୁହାଯାଇଛି ଯାହାକୁ ଭଗବାନ ବୋଲି ବିବେଚନା କର, ସେ ପ୍ରତ୍ୟେକ ମାନବ ଶରୀରରେ ଅବସ୍ଥାନ କରିଥାନ୍ତି। ମାନବ ଜୀବନ ହେଉଛି ଏପରି ଏକ ଜୀବନ, ଯେଉଁଥିରେ ସୁଖ ଓ ଦୁଃଖର ମୁହୂର୍ତ୍ତ ଅନୁଭୂତ ହୁଏ। ବେଳେବେଳେ ଲୋକମାନେ ଖୁସିରେ ଖୁସି ହୁଅନ୍ତି, ପୁଣି ସେମାନେ ଦୁଃଖରେ ମ୍ରିୟମାଣ ହୁଅନ୍ତି। ଏହି ଦୁଃଖ ଓ ସୁଖ ଜୀବନ ବଞ୍ଚିବାକୁ ପ୍ରେରଣା ଦିଏ। ଜୀବନକୁ ଅନୁଭୂତି ପ୍ରବଣ କରେ। ଦୁଃଖ ଓ ସୁଖର ଅଭିଜ୍ଞତା ସାହାଯ୍ୟରେ ପ୍ରତ୍ୟେକଟି ମଣିଷ ଜୀବନର ଗତିପଥ ଅତିକ୍ରମ କରନ୍ତି। ଅନେକ କୁହନ୍ତି ଯେ ଦୁନିଆରେ ବଞ୍ଚିବାର ମୂଲ୍ୟ କିଛି ନାହିଁ ? ସାମାଜିକ, ପାରିବାରିକ ଓ ରାଜନୈତିକ ପରିସ୍ଥିତି ଏତେ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ ଯେ, ସତେ ଯେମିତି ଲାଗେ ଏହି ଜଗତରେ ଲୋକମାନେ କେବଳ ଦୁର୍ବିସହ ଜୀବନଯାପନ କରି ମୃତ୍ୟୁ ବରଣ କରୁଛନ୍ତି।

ଯେଉଁମାନେ ସୁଖରେ ଥାଇ ଧନ ସଂଚୟ କରୁଛନ୍ତି, ସେମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଉଚିତ୍। ଏହି ଜୀବନ ଦାନର ନାମ ହେଉଛି ଭଗବାନ। ଅର୍ଥାତ୍ ଦାନ କରୁଥିବା ବ୍ୟକ୍ତି ଭଗବାନ ସଦୃଶ୍ୟ। ଗରିବମାନଙ୍କୁ ବଞ୍ଚାଇବାକୁ ପଡିବ। ଜୀବନର ପ୍ରତ୍ୟେକ ପଥରେ ଦ୍ୱନ୍ଦ୍ୱ ଛାଉଣି ହୋଇ ରହିଛି। ଏଥିପ୍ରତି ଭାବନା ରହିବା ଉଚିତ୍। ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଇଚ୍ଛା ଖୁସିରେ ଦିନ କାଟନ୍ତା। କିନ୍ତୁ ଅନେକ କହନ୍ତି, ଜଗତରେ ବଞ୍ଚିବା ବଡ କଷ୍ଟକର। ଏହା ଏକ ମନରେ ମସ୍ତବଡ ନିରାଶା ସୃଷ୍ଟି କରେ। ଏହି ନିରାଶାର କାରଣ ଯାହା ହେଉନା କାହିଁକି , ପ୍ରତ୍ୟେକଟି ମୁହୂର୍ତ୍ତ କେତେ ଜୀବନ ପାଇଁ ବିପଦ ସଙ୍କୁଳ ଦୃଶ୍ୟମାନ ହେଉଛି। ସମାଜରେ ପ୍ରତ୍ୟେକ ବ୍ୟକ୍ତି କେବଳ ସ୍ୱାର୍ଥପର ଭାବେ ବଞ୍ଚିବା ଜାଣନ୍ତି। ନିଜେ ଭଲ ଫିଟ୍ ଫାଟ୍ ହୁଅନ୍ତି, ଅନ୍ୟମାନଙ୍କ ପାଇଁ ଯାହା ଉପଯୋଗୀ ତାହା ମିଳେ ନାହିଁ। ଏବେ ଜଗତରେ ଏ ଧରଣର ବ୍ୟକ୍ତି କେବଳ ନିଜର ଅଟନ୍ତି। ନିଜ ପାଇଁ ଯତ୍ନ ନେବାରେ ଅଧିକ ଆରାମଦାୟକ ଅନୁଭବ କରିବା ଆରମ୍ଭ କରି ଦେଇଛନ୍ତି। ଆଜି ସାମାଜିକ ପରିବେଶ ମନୁଷ୍ୟର ବ୍ୟକ୍ତିଗତ ସ୍ୱାର୍ଥରେ ମୂଳ ହୋଇଥିବାର ଦେଖାଯାଉଛି। ଏପରି କୌଣସି ପଦାର୍ଥ ନାହିଁ ଯାହା ମଣିଷ ପାଇଁ ଉପଯୋଗୀ ନହୋଇପାରେ।

ସଂସ୍କୃତି ବିଲୁପ୍ତ ହେବାକୁ ଯାଉଛି। ଏହାର କୌଣସି ଉତ୍ତର ନାହିଁ, ସମାଜର ଲୋକମାନେ ପରସ୍ପର ପାଇଁ କୌଣସି ସ୍ଥାନରେ ଠିଆ ହୋଇଥିବା ଦେଖାଯାଏ ନାହିଁ। ସାମାଜିକ ପରିବେଶ ଏପରି ବଦଳି ଯାଇଛି ଯେ କାହାରି ସହିତ କାହାର ଉତ୍ତମ ସମ୍ପର୍କ ନାହିଁ। ସମସ୍ତେ ନିଜ ନିଜର କାର୍ଯ୍ୟକୁ ନେଇ ବ୍ୟସ୍ତ। ପୂର୍ବରୁ ଲୋକମାନେ ପରସ୍ପର ପ୍ରତି ସଂପର୍କ ରଖି ବାସ କରିବାକୁ ସକ୍ଷମ ହେଉ ଥିଲେ। ସାମାଜିକ ବ୍ୟବସ୍ଥାକୁ ଆରାମଦାୟକ ଭାବରେ ଅନୁଭବ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହିପରି କିଛି ଦେଖାଯାଉ ନାହିଁ। ତେଣୁ ଲୋକମାନେ ସେମାନଙ୍କର ଖାଲି ବାହ୍ୟ ସଂପର୍କ ନୁହେଁ ବରଂ ପାରିବାରିକ ସଂପର୍କ ମଧ୍ୟ ହରାଇଛନ୍ତି। ସେମାନେ ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ କରୁଛନ୍ତି। କିଛି ବ୍ୟକ୍ତି କେବଳ ନିଜର ସ୍ୱାର୍ଥ ପାଇଁ ନୁହେଁ, ଅନ୍ୟର ଦୁଃଖ ଓ ସୁଖର ଅଂଶୀଦାର ହେବା ଭଲ ବୋଲି ଭାବନ୍ତି। ଦୁର୍ଯ୍ୟୋଧନର ନିର୍ଦ୍ଦେଶନାରେ କେବଳ ଗାନ୍ଧାର ବଂଶର ଜଣେ ବ୍ୟକ୍ତି ବଞ୍ଚିରହିବାର ସୁଯୋଗ ପାଇବା ଭଳି , ଏଠାରେ ସମସ୍ତଙ୍କ ପାଇଁ ରହିବାର କୌଣସି ସୁବିଧା ନାହିଁ। ଏହି ମହଙ୍ଗା ମୁଦ୍ରାସ୍ଫୀତିରେ ଖାଦ୍ୟ ପାଇଁ ଭୋକିଲା ମଣିଷ ମାନେ କିପରି ବଞ୍ଚିବେ ? ଏବେ ସବୁ ଜିନିଷରେ ପ୍ରଦୂଷଣର ଅନୁପ୍ରବେଶ ଘଟିଛି।

ସମସ୍ତଙ୍କ ଜୀବନ ଧାରଣ କରିବାର ଅଧିକାର ରହିଛି। ମଣିଷ ଜୀବନ ହେଉ କିମ୍ବା ସେ ପଶୁ ଜୀବନ ହେଉ। ସାମାଜିକ ବ୍ୟବସ୍ଥାର ତ୍ରୁଟି କିମ୍ବା ମନୁଷ୍ୟର କାର୍ଯ୍ୟର ଦକ୍ଷତାକୁ ନେଇ ସବୁକିଛି ପ୍ରଦୂଷଣର ଶିକାର ହେଉଛି। ଲୋକଙ୍କ ସଚେତନତା ଅଭାବ ଯୋଗୁଁ ବାୟୁ ପ୍ରଦୂଷିତ ହୋଇଛି। ଯେତେ ସଚେତନ କଲେ ମଧ୍ୟ କେତେକ ଅମାନିଆ ଅଛନ୍ତି। ପ୍ରଶାସନିକ ବା ରାଜନୈତିକ ବ୍ୟବସ୍ଥା ଯେତେ ଦୂର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପାରେ ନାହିଁ। ଦେଶରେ ସମସ୍ତଙ୍କ ଜୀବନ ଯାପନର ଦାୟିତ୍ୱ ସରକାରଙ୍କୁ ଦିଆଯାଇଛି। କିନ୍ତୁ ରାଜନୈତିକ ବ୍ୟବସ୍ଥା ଏପରି କଳୁଷିତ, ରାଜନେତାମାନେ କେବଳ ନିଜ ସ୍ୱାର୍ଥ ଦେଖୁଛନ୍ତି। ଅନ୍ୟମାନଙ୍କ ଅବସ୍ଥା ଦେଖିବାକୁ ଚାହାଁନ୍ତି ନାହିଁ। କହିବାକୁ ଗଲେ ସେମାନଙ୍କ ବେଳ ନାହିଁ। ରାଜନୈତିକ ବ୍ୟବସ୍ଥା ସଂପୂର୍ଣ୍ଣ ସ୍ୱାର୍ଥରେ ପରିଣତ ହୋଇଛି। ବ୍ୟବସ୍ଥା ଏପରି ପାଲଟିଛି ଯେ ବଞ୍ଚିବାକୁ ରୋଜଗାର ନାହିଁ। ଅନାହାରଙ୍କ ପାଇଁ ଖାଦ୍ୟ ଯୋଗାଇ ଦିଆଯାଉ ନାହିଁ। ଏହା କେବଳ କେତେକଙ୍କ ସ୍ୱାର୍ଥପରତା ହେତୁ ବୃଦ୍ଧି ପାଇଛି।

ଏବେ ସମସ୍ତେ ବୁଝି ଗଲେଣି ଓ ଚିନ୍ତା କଲେଣି। ଯେଉଁଠି କେବଳ ରାଜନୈତିକ ବା ଦଳୀୟ ସ୍ୱାର୍ଥ ପୂରଣ ହେବ, ସେ ନେଇ ରାଜନେତା ମାନେ ବ୍ୟଗ୍ର ଓ ଚିନ୍ତିତ। ଦେଶରେ ନିଜସ୍ୱ ବ୍ୟବସ୍ଥା ଅଛି, ଲୋକମାନେ କେବଳ ରାଜନୀତିକୁ ଏହି ରୂପରେ ଦେଖନ୍ତି। ଏହା ହେଉଛି ଆଜିର ଦେଶର ବ୍ୟବସ୍ଥା। ବିଜ୍ଞାନୀ ମଣିଷର ଦ୍ରୁତ ପ୍ରଗତି ଘଟୁଥିବା ବେଳେ, ଆଉ କେତେକ ଅନାହାରରେ ଜୀବନ ବିତାଉଛନ୍ତି। ସାଧାରଣ ବ୍ୟକ୍ତିଙ୍କ ଜୀବନ ଦେଖିବାକୁ କୌଣସି ଆରାମଦାୟକ ବ୍ୟବସ୍ଥା ନାହିଁ। ତେଣୁ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇଛି ଯେ ସମସ୍ତେ କେବଳ ଜଣେ ନେତା ହୋଇ ଦୁନିଆରେ ବଞ୍ଚିବାକୁ ଚାହାଁନ୍ତି। ସମସ୍ତେ ବିତର୍କ କରନ୍ତି, ସମସ୍ତେ ଚିନ୍ତା କରନ୍ତି ଓ ଶେଷରେ ନିଷ୍କର୍ଷରେ ପହଞ୍ଚନ୍ତି, ଖାଲିଟାରେ ବଞ୍ଚି ରହିବାର ମୂଲ୍ୟ କିଛି ନାହିଁ। ସତରେ ବିଶ୍ୱର ଲୋକମାନେ ସ୍ୱାର୍ଥପର ଓ ବିଶ୍ୱର ଲୋକମାନଙ୍କ ମଧ୍ୟରେ ରାଜନୀତିର ଇଚ୍ଛା ସୁବିଧାଜନକ ପରି ମନେହୁଏ।

କାରଣ ରାଜନେତାମାନେ ସବୁ ପ୍ରକାର ସୁବିଧା ପାଆନ୍ତି, କିନ୍ତୁ ସାଧାରଣ ଲୋକ ନୁହନ୍ତି। ସାଧାରଣ ଲୋକଙ୍କୁ ମୁଦ୍ରାସ୍ଫୀତି, ବେକାରୀ ସମେତ ଅନେକ ପ୍ରକାରର ସମସ୍ୟା ପ୍ରଭାବିତ କରୁଛି। ଦିନକୁ ଦିନ ପରିବାରର ଅବସ୍ଥା ମଧ୍ୟ ଖରାପ ହେବାରେ ଲାଗିଛି। ଏବେ ପରିବାରରେ ପରସ୍ପରର ଭାଇ ଓ ସମ୍ପର୍କୀୟଙ୍କୁ ଦେଖି ଖୁସି ଅନୁଭବ କରୁ ନାହାଁନ୍ତି। ଯିଏ ଦୁଃଖିତ, ସୁଖର ଇଚ୍ଛା ଅନ୍ୟମାନଙ୍କ ଠାରେ ସେ ଦେଖିପାରେ ନାହିଁ। ପାରିବାରିକ କ୍ଷେତ୍ରରେ ପିତା ପୁତ୍ରର ସଂପର୍କ ବିଚ୍ଛିନ୍ନ ମନେହୁଏ। ପୁତ୍ର ଯାହାକୁ ପିତା ଅବତାର ଦେଇଥିଲେ, ସେହି ପୁଅ ଯେତେବେଳେ ତାଙ୍କ ପାଦରେ ଠିଆ ହୁଏ, ସେ ବୁଝେ ଯେ ଈଶ୍ୱର ତାଙ୍କୁ ଏହି ଜଗତକୁ ଆଣିଛନ୍ତି ଓ ଭଗବାନ ଯାହା ସୁଖ ଦେଉଛନ୍ତି, ସେ ତାହା ପାଇଛନ୍ତି। ତାହା କେବଳ ତାଙ୍କର ଉପହାର, ଅର୍ଥାତ୍ ଈଶ୍ୱରଙ୍କ ଉପହାର। ପିତା ଦୁଃଖିତ ହୁଅନ୍ତି ପୁଅର ଦୁଃଖ ଦେଖି। କିନ୍ତୁ ପୁଅ ପିତାଙ୍କ ଦୁଃଖରେ ଜଡିତ ହେବାକୁ ଚାହେଁ ନାହିଁ। ପ୍ରତ୍ୟେକ ପରିବାରର ଏଭଳି ସମାନ ପରିସ୍ଥିତି ଦେଖାଯାଏ। ପାରିବାରିକ ଅବସ୍ଥା ବିପର୍ଯ୍ୟସ୍ତରୁ ସାମାଜିକ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟୟ। ଏହା ମଧ୍ୟ ସ୍ୱାର୍ଥପରତାର ଦିଗକୁ ବୁଝାଉଛି ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ହଜିଯାଇଛି। ପ୍ରତ୍ୟେକ ପିତା ନିଜ ପୁଅକୁ ଉପଲବ୍ଧ କରାଇବା ପାଇଁ ସମସ୍ତ ପ୍ରକାରର ପ୍ରୟାସ, କଠିନ ପରିଶ୍ରମ ଓ ଆଶୀର୍ବାଦ କରନ୍ତି, କିନ୍ତୁ ପୁଅ ଏହାକୁ ପ୍ରଶଂସା କରେ ନାହିଁ। ପୁଅ ଯେତେବେଳେ ପିତା ହୁଏ, ସେତେବେଳେ କେବଳ ଏସବୁ ତା' ମୁଣ୍ଡରେ ପ୍ରବେଶ କରିବ, ସେତେବେଳେ ବୁଝିଯିବ।

ଏସବୁ ଦୃଷ୍ଟିରୁ ଆଜିର ପରିସ୍ଥିତିରେ ଜୀବନ କଷ୍ଟସାଧ୍ୟ ହୋଇପଡିଛି। ସଂଘର୍ଷର ଏକ ଲମ୍ବା ତାଲିକା ସବୁଆଡେ ଚାଲିଛି। ସମସ୍ତେ ନିଜ ଇଚ୍ଛାରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ରାଜନୈତିକ, ସାମାଜିକ ତଥା ପାରିବାରିକ ଏହି ତିନୋଟି ବ୍ୟବସ୍ଥା ଆଜି ଧୂଳିସାତ୍ ହୋଇଯାଇଛି। ଲୋକମାନେ ନିଜ ଉପରେ ଭଲ କୁହନ୍ତି, କିନ୍ତୁ ଅନ୍ୟ ଉପରେ ଥରେ ଭଲ କହିବା ଦେଖିବାକୁ ମିଳିନଥାଏ। ସମସ୍ତେ ନିଜ ପାଇଁ , କଥାରେ ଅଛି ଆପେ ବଞ୍ଚିଲେ ବାପର ନାଁ। ଅନେକ ସରଳ ବ୍ୟକ୍ତି ଅଛନ୍ତି ବଞ୍ଚିଥିଲେ ମଧ୍ୟ ବଞ୍ଚନ୍ତି ନାହିଁ। ସମଗ୍ର ଜୀବନ ସୁଖ ଏବଂ ଦୁଃଖରେ ଗତିଶୀଳ। ଏହାକୁ ଭଲ ଭାବରେ ବୁଝିବା ଉଚିତ୍। ପ୍ରତ୍ୟେକ ବ୍ୟକ୍ତି ଜୀବନ ଏପରି ଦୁଃଖ ଓ ସୁଖର ନଦୀ ଭଳି। ଯେଉଁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ବଞ୍ଚିବାର ଆଲୋକ ଆସେ ଓ ପ୍ରମାଣ କରେ ଯେ ଜୀବନ ଏକ ନଦୀ ପରି, ଯାହା ଆଗକୁ ବଢି ଚାଲିଛି। ସମସ୍ତେ ଏଠାକୁ ଅନୁଭବ କଲେ , ଜୀବନରେ ଦୁଃଖ ବଦଳରେ ସୁଖ ଅନୁଭବ କରିହେବ ଓ ଖୁସି ହାତ ପାହାନ୍ତରେ ଖସି ପଡ଼ିବ। ନୋହିଲେ ଏହି ଜୀବନ ଏକଚାଟିଆ ହୋଇଯିବ।

ଥରେ ମାତ୍ର ଚିନ୍ତା କରି ଦେଖନ୍ତୁ , ଶାନ୍ତି ଏକ ପବିତ୍ର ଶବ୍ଦ। ଯାହା ଆତ୍ମାକୁ ପରମାତ୍ମାଙ୍କ ସହିତ ସଂଯୋଗ କରେ। ତେଣୁ ଶାନ୍ତି ମାଗିଲେ ମିଳେନାହିଁ କି କେବେ ତାକୁ କିଣି ହୁଏ ନାହିଁ। ଆଶା କରୁଥିବା ପୁତ୍ର, କନ୍ୟା ବା କାହାରି ଠାରୁ ଛଡେଇ ବି ଆଣି ହୁଏନାହିଁ। ଅଶାନ୍ତି ପାଇଁ ଅନ୍ୟକୁ ଆରୋପ କରିବା ଠିକ୍ ନୁହେଁ। ବରଂ ନିଜ ସଂସ୍କାରରେ, ଚିନ୍ତାଧାରାରେ, ପ୍ରକୃତିରେ, ସ୍ୱଭାବରେ ଶାନ୍ତିକୁ ଅନୁଶୀଳନ କରିବା ଆବଶ୍ୟକ। ଆତ୍ମା ସହିତ ଏହା ଓତଃପ୍ରୋତ ଭାବରେ ଜଡ଼ିତ। ନିଜର ମେଧା ଦ୍ୱାରା, ଆତ୍ମତର୍ଜମା ଦ୍ୱାରା ଶାନ୍ତିକୁ ଉପଲବ୍ଧି କରିବାକୁ ପଡିବ। ନିଜ ଭିତରେ ଲୁଚି ରହିଥିବା ବିକାର, ଆକାଂକ୍ଷା, ଦ୍ୱେଷ, ଲୋଭ, ପରଶ୍ରୀକାତରତା,ଘୃଣା ଓ ଭୟ ଭଳି ନକରାତ୍ମକ ଶକ୍ତିକୁ ନଷ୍ଟ କରି ସକାରାତ୍ମକ ଉର୍ଜା ବଢାଇ ପାରିଲେ ଶାନ୍ତ ସ୍ୱରୂପ ଆତ୍ମା ସୁଖ ମିଳି ପାରିବ।

ଏ ଜୀବନ ରୂପକ ରଙ୍ଗ ମଞ୍ଚରେ ସମସ୍ତେ ଜଣେ ଜଣେ ଅଭିନେତା ବା ଅଭିନେତ୍ରୀ। ମଞ୍ଚରେ ନାଟକ ମଞ୍ଚସ୍ଥ ବେଳେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କଲା ଭଳି ଏଠାରେ ସମସ୍ତେ ଅଭିନୟ କରୁଛେ। କାହାକୁ କେବେ ନାୟକ କି ଖଳନାୟକ, କେବେ କମେଡ଼ିୟାନ୍ କି ଯୋଗୀ ଆଦି ଚରିତ୍ରରେ ଅଭିନୟ କରିବାକୁ ପଡ଼େ। ସମସ୍ତେ ନାଟକ ପୂର୍ବରୁ ଓ ପରେ ନିଜ ନିଜ ଚରିତ୍ରରେ ରହିଥାନ୍ତି। ନାଟକ ଦେଖୁ ଥିବା ଦର୍ଶକ ନାୟକ ଚରିତ୍ରରେ ଖୁସି ହୁଅନ୍ତି, ତାଳିମାରି ବାଃ ବାଃ ଦିଅନ୍ତି। କିନ୍ତୁ ମନ୍ଥରା କି ଶକୁନି ଭଳି ଖଳନାୟକ ଚରିତ୍ରକୁ ଘୃଣା କରନ୍ତି, ଆକ୍ରୋଶ ମଧ୍ୟ କରନ୍ତି। ନାଟକର କେଉଁ ଚରିତ୍ର ସମାଜ ପାଇଁ କେତେ ଉପଯୋଗୀ ଓ କିଏ ଅନୁପଯୋଗୀ ଦର୍ଶକ ଜାଣେ। ଠିକ୍ ସେମିତି ଈଶ୍ୱରଙ୍କ ରଙ୍ଗମଞ୍ଚରେ ଅଭିନୟ କରୁଥିବା ପ୍ରତ୍ୟେକ ମଣିଷ ଜଣେ ଜଣେ କଳାକାର। କେବଳ ସଂସାର ଭିତରେ ସମସ୍ତଙ୍କୁ କର୍ତ୍ତବ୍ୟ କରିବାକୁ ହେବ। ଶେଷରେ ଯେମିତି ନାଟକର କଳାକାର ସେଇ ଚରିତ୍ର ନେଇ ଘରକୁ ଫେରେନି, ନାଟକ ପରେ ନିଜ ପରିଚୟକୁ ଫେରିଆସେ। ଠିକ୍ ସେମିତି ଆମ ଅଭିନୟ ପରେ ଆମକୁ ପରମାତ୍ମାଙ୍କ ପାଖକୁ ଫେରିଯିବାର ହେବ। ତେଣୁ ଏ ଜୀବନ ଏକ ନାଟକ। ନାଟକ ରୂପକ ରଙ୍ଗ ମଞ୍ଚରେ ଏଭଳି ତୁଚ୍ଛ ମୋହ, ମାୟା , ଆଶା, ଆକାଂକ୍ଷା, କ୍ରୋଧ ,ଭୟ , ପଦ ପଦବୀ, କ୍ଷମତା , ଲାଳସା ଆଦିକୁ ପରିହାର କରି ପାରିଲେ ଖୁସିର ମାର୍ଗ ଆପେ ଆପେ ଦେଖାଯିବ।

ନିଷ୍କର୍ଷରେ କହିହେବ ଜୀବନର ଅର୍ଥ କେବଳ ଦୁଃଖ ଓ ସୁଖର ସମାହାର। ଜୀବନ ହେଉଛି ଆତ୍ମା ଓ ସେହି ସମାନ ଈଶ୍ୱର ଯାହାକୁ ଭଗବାନ ଭାବରେ ବିବେଚନା କରାଯାଏ। ଯଦି ଏହା ବାସ୍ତବ, ତେବେ ମଣିଷ ମନୁଷ୍ୟରେ ବସିଥାଏ। ଏହାକୁ ବିଶ୍ୱାସ କର ଓ ଜୀବନକୁ ଉତ୍ସର୍ଗ କର, ଏହା ସେବାରେ ଜୀବନକୁ ସଫଳ କରିବ। ସ୍ୱାଭାବିକ ଭାବେ ଦୁଃଖ ସୁଖରେ ରୂପାନ୍ତରିତ ହେବ, ତାହାହିଁ ଖୁସି ପାଲଟିଯିବ..!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# ରାଜ କରିବା ମାର୍ଗରେ ପରମ ସତ୍ୟକୁ ଅମାନ୍ୟ ଦିଗ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସେ ସତ୍ୟ ଯୁଗର କଥା ସେତେବେଳେ ରାଜ କରିଥାନ୍ତି ରାଜା ହିରଣ୍ୟ କଶିପୁ। ହିରଣ୍ୟ ମାନେ ସୁନା। ଲୋକେ ଶବ୍ଦଟିରେ ନାମ ସଂଯୋଗ ଓ ମୂଲ୍ୟବାନ ମୂଲ୍ୟାୟନରେ ସୁନା ଏବେ ବି ଲଗାଉଛନ୍ତି। ସୁନାର ତତୁଲ୍ୟ ତଦଭବ ସଦୃଶ ଏମିତି ବିଶେଷଣରେ ନାମ ହୋଇପାରେ ହିରଣ୍ୟ ଏଥିରୁ। ଅନ୍ୟତମ ହିରଣ୍ୟକଶିପୁ, ହରିଣାକ୍ଷ ଏମିତି ଦୁଇ ଭାଇ। ଏମାନେ ସୁନାପୁଅ ବାପା ମାନଙ୍କର ଥିଲେ କି ନଥିଲେ ଏ ପ୍ରସଙ୍ଗ ନୁହେଁ, ପ୍ରସଙ୍ଗ ହେଉଛି ଏମାନେ କିପରି ଅନ୍ୟାୟରେ ଧନ ଏକଠାର କୌଶଳ ପ୍ରୟୋଗ କରିବା। ପ୍ରଜା ଧନରେ ରାଜାମାନେ ସ୍ୱାହା, ସେହି ଯୁଗରୁ ହୁଏତ ଆରମ୍ଭ, କିପରି ଅନେକଙ୍କୁ କରାୟତ କରିହେବ ଏ କୌଶଳ ତାଙ୍କ କପଟ ବୁଦ୍ଧିରେ ସେ ଭାବ ନେଇକି ସେପରି ପଥ ଧରିଥିଲେ।

ଜ୍ଞାନୀ ବିଦ୍ୱାନଙ୍କୁ ମୁଣ୍ଡିଆ ମାରି ସମ୍ମାନିତ କରି ତାଙ୍କ ମୁହଁ ବନ୍ଦ କରି କେତେକଙ୍କୁ ଡରାଇ, ଧମକାଇ, ବହୁତ ବ୍ୟକ୍ତିରେ ଅଗ୍ରଗାମୀ ମତ ଉପସ୍ଥାପିତକାରୀଙ୍କୁ ବହୁଜନ ସମକ୍ଷରେ ପିଟିମାରି ରକ୍ତପାତ ପ୍ରାଣ ସଙ୍କଟ କରାଇ ଅନ୍ୟ ମାନଙ୍କୁ ଏକ ନିଜର କରି ଭୟ ବାତାବରଣ ସୃଷ୍ଟି କରି ବେଳକୁ ବେଳ ଅଧିକାର ବଢ଼ାଇ ବଢ଼ାଇ କୁଜୀ ଜମିଦାରରୁ ମହାରାଜ ହୋଇ ପ୍ରଜାଙ୍କୁ ମନମାନି କାନୁନ ଲଗାଇ ଅର୍ଥ ଧନ ଶୋଷଣ ଜାହିର ହେଉଥିଲା। ଯେଉଁମାନେ ସ୍ୱର ଉତ୍ତୋଳନ କରିବା ଆଶଙ୍କା, ସେମାନଙ୍କ ବଳ ଭିନ୍ନ ଭାବରେ ଛୋଟ ଛୋଟ ଜମିଦାରୀ ଦେଇ ତାଙ୍କୁ ରାଜପରିଷଦ କରିବା ବୁଝାଯାଉଛି। ଭୋକିଲା ଶ୍ୱାନ, ରାବିଲା କାକ ଏମାନଙ୍କୁ ଖଣ୍ଡିଏ ଖଣ୍ଡିଏ ମାଂସ ଟୁକୁଡା ଦେଇଦେଲେ ପାଟି ଚୁପ ସୂତ୍ରଟି ହୁଏତ ସେହି ସମୟରୁ ଗଡ଼ି ଆସୁଛି। ପଞ୍ଚାଏ ସ୍ତୁତି ଗାନକାରି, ବିନା ପୁଞ୍ଜିରେ ରାଜନୁଗୃହିତ ହେବା କୌଶଳ ହାସଲ ସେହିଯୁଗର ସୂତ୍ରପାତ, ରାଜାଙ୍କୁ ଭଗବାନଙ୍କ ଅବତାର ପ୍ରଚାର ଏପରି କୌଶଳୀଙ୍କ ମିଠାବିଷର ଏକ ପନ୍ଥା। ରାଜକରରୁ ଭାଗ ଏମିତି ତୋଷରପାତର ପନ୍ଥା। ସର୍ବଦା ଶିକ୍ଷା ପରିମାର୍ଜିତ ହୋଇଚାଲୁଛି, ଏକ ପିଢ଼ି ପରେ ଅନ୍ୟ ପିଢ଼ି ପାଇଁ ସଦା ବିଦ୍ୟା ମାର୍ଜିତ, ନୂଆ ଭାବନା ଯୁକ୍ତ ହୋଇଥାଏ, ରାଜପିଢ଼ି ପ୍ରଜାପିଢ଼ି ଏକସାଥେ ବଦଳୁଛି। ବୁଢ଼ା ରାଜା, ବର୍ଷିଆନ ରାଜା କେତେ ଭୁଆଁ ବୁଲାଇ ପ୍ରଜାଙ୍କୁ ବର୍ଷ ବର୍ଷ ଶୋଷଣ କରିଚାଲିବେ ସମୟର ନିୟମ ବିବର୍ତ୍ତନ ହିଁ ପରିବର୍ତ୍ତନ ଆଣିବ ରାଜପୁତ୍ର ପାଠପଢ଼ିଲେ ଜାଣିଲେ ତାଙ୍କର ପରମ୍ପରାରେ ଦୋଷ କେଉଁଠି? ଅତୀତ କାଳର ଲୋକଙ୍କୁ ବୋକା ବନାଇ ଶାସନ ଜାହିର କେବେ ଠିକ ନୁହେଁ। ପ୍ରକୃତିର ଦାନକୁ ସମସ୍ତେ ଉପଭୋକ୍ତା, ଚାଲାଖି କରି ରାଜା ପ୍ରକୃତିର ନିୟନ୍ତ୍ରକ ଏ ଭାବନା ସୃଷ୍ଟି କରାଇ ପ୍ରଚାର କରାଇ ଶାସନ ଅଧିକାରୀ ହୋଇ ରହିବା କେବେ ଦୀର୍ଘସ୍ଥାୟୀ ନୁହେଁ।

ହିରଣ୍ୟ କଶିପୁଙ୍କ ପୁତ୍ର ବିଦ୍ୟାର୍ଜନ କରି ଗୁରୁଗୃହରୁ ଫେରି ରାଜ ଦରବାରର ରେ ବିଦ୍ୟାର ସମବର୍ତ୍ତନରେ ଯେଉଁ ଦୀକ୍ଷାନ୍ତ ବକ୍ତବ୍ୟ ରଖିଲେ ଏଥିରେ ଖୋଦ ହିରଣ୍ୟ କଶିପୁ ଶୁଣି ଗର୍ଜନ କରି ଉଠିଥିଲେ। ଏ ଶିକ୍ଷା ଶିକ୍ଷା ନୁହେଁ, ସଂସାରର ସର୍ବେସର୍ବା ରାଜା, କେବେ ଭଗବାନ ହୋଇନପାରନ୍ତି, ଭଗବାଙ୍କୁ କେହି ବି ଦେଖି ନାହାଁ। ଯେ ଅଦୃଶ୍ୟ ସେ ପୁଣି ରାଜକରିବ କିପରି? କିନ୍ତୁ କେହି ବିଶ୍ୱାସ କରୁ ନକରୁ ଭଗବାନ ନିଶ୍ଚିତ ଅଛନ୍ତି। ଏଥିଲା ପ୍ରହ୍ଲାଦଙ୍କ ଦୀକ୍ଷାନ୍ତ ବୟାନ। ରାଜା ବୋକା ବନାଇ ରଖି ରାଜ କରୁଥିବା ମାର୍ଗ ଉନ୍ମୋଚିତ ହେବାକୁ ଯାଉଛି ଜାଣି ପୁତ୍ର ଶତ୍ରୁ ତାକୁ ପଥରୁ ହଟାଇବା ପାଇଁ ଅନେକ ଚେଷ୍ଟା, ସବୁ ବିଫଳ ହୋଇଛି ଯାହାକୁ ରଖିବେ ଅନନ୍ତ କି କରି ପରେ ବଳବନ୍ତ। ପୁଣି ରଖେ ହରି ତ ମାରେ କିଏ। ସମୟ ଆସିଲା ଶକ୍ତିଶାଳୀ ପ୍ରକୃତି ଆଗରେ ରାଜ ଅହମିକା ବଳ ହାରିଲା। ଦେବଶକ୍ତି କ'ଣ, ଅବିଦ୍ୟାଗ୍ରସ୍ତ ହିରଣ୍ୟ ଶେଷରେ ଜାଣିଲେ ଛାତ ଭାରଧାରୀ ଖମ୍ବଧାରୀ ଖମ୍ବ ତଳେ ଠିଆ ହୋଇ ଖମ୍ବଅସ୍ତ୍ରରେ ଭାଙ୍ଗିଲେ ଅକାଳ ମୃତ୍ୟୁ ଛାତ ପଡ଼ି ହେବକି ନାହିଁ? ପ୍ରହ୍ଲାଦ ଆଧୁନିକ ପାଠରେ ଧୁରୀଣ ଥିଲେ। ସେ ଶକ୍ତି କଣ, ତାଙ୍କ ଗୁରୁମାନଙ୍କ ଠାରୁ ଭଲ ଭାବରେ ଶିକ୍ଷା କରିଥିଲେ। ପ୍ରକୃତରେ ଗୁରୁମାନେ ହିଁ ନୃସିଂହ ଏହି ଶକ୍ତି କାହାକୁ ଭୟ କରନ୍ତି ନାହିଁ। ଭଲ ମେଧାବୀ ଛାତ୍ରକୁ ସେମାନେ ଆହ୍ଲାଦରେ ବିଦ୍ୟା ଦାନ କରନ୍ତି। ବିଶେଷ ଆହ୍ଲାଦଶିକ୍ଷିତ, ଭବିଷ୍ୟତରେ ଧର୍ମ ନୀତିରେ ଶାସନ ଜାହିର କରି ପ୍ରଜା ପାଳନ କରିବା ବ୍ୟକ୍ତି ହିଁ ଆହ୍ଲାଦିନୀ ଶକ୍ତିଭୂଷିତ ପ୍ରହ୍ଲାଦ। ଯେ ନୃସିଂହ ଦ୍ୱାରା ଗଢ଼ା ଅନ୍ୟ ଏକ ନୃସିଂହ। ଭାଗବତକାର ଜଗନ୍ନାଥ ଦାଶ, ଭଗବତର ଆଦ୍ୟ ଧାଡ଼ିରେ ଉଦଘୋଷ କରିଛନ୍ତି 'ନମଇଁ ନୃସିଂହ ଚରଣ, ଲୀଳା ବିଧୃତ କଳେବର। ବୁଝନ୍ତୁ କିଏ ହିରଣ୍ୟ? ପ୍ରଜା ପୀଡ଼କ ନା ପ୍ରଜାନୁରଞ୍ଜକ?

**'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**

# ଏସ୍ଆଇଆର୍ ସମୟ ସୀମା ୭ ଦିନ ବଢ଼ିଲା



**ଡିସେମ୍ବର ୧୧ ଯାଏ ଦାଖଲ କରିହେବ ଫର୍ମ**

ନୂଆଦିଲ୍ଲୀ, ୩୦।୧୧: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାର ଶେଷ ତାରିଖକୁ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି ନିର୍ବାଚନ କମିଶନ। ଏସଆଇଆର ଫର୍ମଗୁଡ଼ିକ ଏବେ ଡିସେମ୍ବର ୪ ପରିବର୍ତ୍ତେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ। ଚୂଡ଼ାନ୍ତ ତାଲିକା ଫେବୃଆରୀ ୧୪, ୨୦୨୬ରେ ପ୍ରକାଶିତ ହେବ। ନିର୍ବାଚନ କମିଶନ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାର ସମୟସୀମା ବୃଦ୍ଧି କରିଛନ୍ତି।

କମିଶନ ତାଙ୍କର ପୂର୍ବ ନିର୍ଦ୍ଦେଶକୁ ବାତିଲ କରିଛନ୍ତି ଓ ସଂଶୋଧନ ପ୍ରକ୍ରିୟାକୁ ପୁନଃନିର୍ଦ୍ଧାରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନାଗରିକମାନେ ଏବେ ଭୋଟର ତାଲିକା ଅପଡେଟ୍ କରିବା ପାଇଁ ଅତିରିକ୍ତ ସାତ ଦିନ ପାଇବେ। ଏହି ସଂପ୍ରସାରଣ ସେହି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ପ୍ରଯୁଜ୍ୟ ଯେଉଁଠାରେ ଏସଆଇଆର ପୂର୍ବରୁ ଚାଲିଛି। ଏଥିରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲାକ୍ଷଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଅନ୍ତର୍ଭୁକ୍ତ। ନିର୍ବାଚନ କମିଶନଙ୍କ ଅନୁଯାୟୀ, ଅଧିକ ସଠିକ, ଅଦ୍ୟତନ ଏବଂ ସୁବ୍ୟବସ୍ଥିତ ଭୋଟର ତାଲିକା ସୁନିଶ୍ଚିତ କରିବା ପାଇଁ ଏହି ସଂପ୍ରସାରଣ ଆବଶ୍ୟକ ଥିଲା। ଏସଆଇଆର ପୂରଣ କରିବାର ସମୟସୀମା ମୂଳତଃ ଡିସେମ୍ବର ୪ ତାରିଖ ପାଇଁ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସମୟସୀମା ବୃଦ୍ଧି ପରେ ଏହି ଅବଧି ୧୧ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି, ଯାହା ଭୋଟର ତାଲିକାର ଅପଡେଟ୍ ଏବଂ ଯାଞ୍ଚ ପାଇଁ ଅଧିକ ସମୟ ଯୋଗାଇବ।

# ତାମିଲନାଡୁରେ ଭୀଷଣ ବର୍ଷା ୩ ମୃତ

## 'ଡିଟୱା'ର ତାଣ୍ଡବ



ଚେନ୍ନାଇ ୩୦।୧୧: ଘୂର୍ଣ୍ଣିବାତ୍ୟା 'ଡିଟୱା' ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ରବିବାର ବର୍ଷା ଜାରି ରହିଛି। ଏହି ସମୟରେ ବର୍ଷା ସମ୍ପର୍କିତ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟାରେ ଘୂର୍ଣ୍ଣିବାତ୍ୟା ରାଜ୍ୟର ଉତ୍ତର ଉପକୂଳ ଓ ପୁଡିଚେରୀ ସମାନ୍ତରରେ ପହଞ୍ଚିବ। ତାମିଲନାଡୁର କାବେରୀ ଡେଲ୍ଟାରେ ରାମନାଥପୁରମ ଓ ନାଗପଟ୍ଟିନମ ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରହିଛି। ଉପକୂଳ ସହର ରାମେଶ୍ୱରମ ଓ ନାଗପଟ୍ଟିନମରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। କାରଣ ବର୍ଷାରେ ତଳିଆ ଅଞ୍ଚଳରେ ପାଣି ପଶି ଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗର ତାଜା ବୁଲେଟିନ ଅନୁସାରେ ଘୂର୍ଣ୍ଣିବାତ୍ୟା ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ଉତ୍ତର ଦିଗକୁ ବଢୁଛି। ଏହା ଏବେ କୁଡାଲୋରର ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୧୦୦ କିଲୋମିଟର ଦୂରରେ ଥିବା ବେଳେ କରାଇକେଲରୁ ୧୦୦ କିଲୋମିଟର ଉତ୍ତରପୂର୍ବ, ବେଦାରଣ୍ୟମରୁ ୧୪୦ କିଲୋମିଟର ଉତ୍ତର-ପୂର୍ବ, ପୁଡୁଚେରୀରୁ ୧୧୦ କିଲୋମିଟର ଦକ୍ଷିଣ ପୂର୍ବ ଓ ଚେନ୍ନାଇରୁ ୧୮୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ କେନ୍ଦ୍ରିତ ରହିଛି। ଏହା ପୂର୍ବରୁ ମଧ୍ୟାହ୍ନରେ ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଥିଲା ଯେ ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳରୁ ଘୂର୍ଣ୍ଣିବାତ୍ୟାର କେନ୍ଦ୍ର ସ୍ଥଳ ଦୂରତା ୭୦ କିଲୋମିଟର ରହିଛି। ଆଗାମୀ ୨୪ ଘଣ୍ଟାରେ ଏହା ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳ ସମାନ୍ତରରେ ଉତ୍ତରକୁ ବଢ଼ିବାର ପ୍ରବଳ ସମ୍ଭାବନା ରହିଛି। ଉତ୍ତର ଦିଗକୁ ଗତି କରି ଘୂର୍ଣ୍ଣିବାତ୍ୟା କ୍ରମଶଃ ଅବପାତରେ ପରିଣତ ହେବ।

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ମନ୍ତ୍ରୀ କେ.କେ.ଏସ.ଏସ୍.ଆର ରାମଚନ୍ଦ୍ରନ କହିଛନ୍ତି ଯେ, ଘୂର୍ଣ୍ଣିବାତ୍ୟା ଓ ବର୍ଷା ସମ୍ପର୍କିତ ଘଟଣାରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଟୁଟିକୋରିନ ଓ ତାଞ୍ଜାଭୁରୁରେ କାନ୍ଥ ପଡିବା ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମଇଲାଦୁଥରାଇରେ ବିଦ୍ୟୁତ ଆଘାତରେ ଜଣେ ୨୦ ବର୍ଷ ବୟସ୍କ ଯୁବକର ମୃତ୍ୟୁ ହୋଇଛି। ମନ୍ତ୍ରୀ କହିଛନ୍ତି ଯେ, ଡେଲ୍ଟା ଜିଲ୍ଲାରେ ୧୪୯ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ସେହିପରି ୫୭,୦୦୦ କୃଷିଭୂମି ପ୍ରଭାବିତ ହୋଇଛି।




# ଜର୍ମାନୀରେ ବିକ୍ଷୋଭ ପାଇଁ ରାସ୍ତାକୁ ଓହ୍ଲାଇଲେ ୩୦ ହଜାର ଯୁବକ

ବର୍ଲିନ, ୩୦।୧୧: ଜର୍ମାନୀରେ ବଡ଼ ଧରଣର ବିକ୍ଷୋଭ ଦେଖାଦେଇଛି। ଏଏଫଡି ବା ଅଲଟରନେଟ୍ ଫର୍ ଜର୍ମାନୀ ପାର୍ଟିର ଯୁବ ସମ୍ମିଳନୀ ପୂର୍ବରୁ ଦେଶରେ ଏତେ ବଡ ବିକ୍ଷୋଭ ଚିନ୍ତାର କାରଣ ପାଲଟିଛି। ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କେତେକ ସ୍ଥାନରେ ବିକ୍ଷୋଭକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଛନ୍ତି। ଅନେକ ସ୍ଥାନରେ ଗମନାଗମନ ବାଧାପ୍ରାପ୍ତ ହେବା ସହ ବିପୁଳ ପରିମାଣରେ ଫୋର୍ସ ମୁତୟନ ହୋଇଛନ୍ତି। ସ୍ଥାନୀୟ ଅଧିକାରୀଙ୍କ କହିବାନୁସାରେ ପ୍ରଦର୍ଶନରେ ୨୦ରୁ ୩୦ ହଜାର ଯୁବକ ସାମିଲ ହୋଇଛନ୍ତି। ଜାଇସେନ୍ ସହରରେ ପ୍ରତିବାଦ ଏବଂ ଶୋଭାଯାତ୍ରା କାରଣରୁ ଅନେକ ସ୍ଥାନରେ ଟ୍ରାଫିକ୍ ଜାମ୍ ଲାଗିଛି। ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରଦର୍ଶନକାରୀଙ୍କ କହିବାନୁସାରେ, ଏଏଫଡି ନିଜ ନୀତି ନିୟମ ଏବଂ ଯୁବ ସଙ୍ଗଠନ ଦ୍ୱାରା ଦେଶରେ କଠୋର ଦକ୍ଷିଣପନ୍ଥୀକୁ ପ୍ରୋତ୍ସାହନ ଦେବ। ଯାହା ଜର୍ମାନୀର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ। ବିକ୍ଷୋଭ ଆରମ୍ଭ ସମୟରେ ପ୍ରଥମେ ପୋଲିସ ଶାନ୍ତି ରକ୍ଷା ପାଇଁ ଅପିଲ କରିଥିଲା। କିନ୍ତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ବ୍ୟାରିକେଡ୍ ଲଗାଇ ବଳ ପ୍ରୟୋଗ କରାଯାଇଥିଲା। ଅନେକ ବ୍ୟକ୍ତି ଜାଣିଶୁଣି ହିଂସା ସୃଷ୍ଟି କରୁଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଏଏଫଡିର ନୂଆ ଯୁବସଙ୍ଘ ଛାତ୍ରସ୍ତରରୁ ଦଳକୁ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରୁଛି। ଏହାଦ୍ୱାରା ଦେଶରେ ଦକ୍ଷିଣପନ୍ଥୀ ଚିନ୍ତାଧାରା ବଢ଼ିପାରେ। ଯାହାକୁ ସେଠାକାର ଅନେକ ବ୍ୟକ୍ତି ବିରୋଧ କରି ଆସୁଛନ୍ତି। କାରଣ ଏଏଫଡି ନାଜିବାଦୀର କଥା କହେ। ଦଳର ନେତା ପୂର୍ବରୁ ଭେଦଭାବକୁ ସମର୍ଥନ କରି ବୟାନବାଜି କରିଛନ୍ତି। ଯାହା ଜର୍ମାନୀବାସୀଙ୍କୁ ପସନ୍ଦ ଆସିନି।

'ଅପରେଶନ ସିନ୍ଦୂର ୨.୦'କୁ ନେଇ ଭୟଭୀତ ପାକିସ୍ତାନ

# ସୀମାରୁ ହଟାଇଲା ୭୨ ଆତଙ୍କୀ ଲଞ୍ଚପ୍ୟାଡ୍



ନୂଆଦିଲ୍ଲୀ, ୩୦।୧୧: 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଭୟଭୀତ। ଦିଲ୍ଲୀର ଲାଲକିଲ୍ଲା ନିକଟ ଆତଙ୍କବାଦୀ ବିସ୍ଫୋରଣରେ ଆଇଏସ୍ଆଇର ହାତଥିବା ଜଣାପଡ଼ିଛି। କେଉଁ ମୁହୂର୍ତ୍ତରେ ଭାରତ ପକ୍ଷରୁ 'ଅପରେଶନ ସିନ୍ଦୂର ୨.୦' ଆରମ୍ଭ ହୋଇପାରେ। ଅତ୍ୟନ୍ତ ସତର୍କତାର ସହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିଲାଗି ପାକିସ୍ତାନର ଭାରତୀୟ ସୀମାରେ ଡିଜାଇନ୍ ହୋଇଥିବା ୭୨ରୁ ଅଧିକ ଲଞ୍ଚପ୍ୟାଡକୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତରିତ କରିଛି। ବିଏସ୍ଏଫ କହିଛି ଯେ, ଯଦି ସରକାର ସୀମାପାର ଅପରେସନ୍ ସିନ୍ଦୂର ୨.୦ ଆରମ୍ଭ କରିବାକୁ ନିଷ୍ପତ୍ତି ନିଏ, ତେବେ ସୁରକ୍ଷା ବାହିନୀ ଶତ୍ରୁକୁ ଭାରୀ କ୍ଷତି ପହଞ୍ଚାଇବାକୁ ପ୍ରସ୍ତୁତ। ବିଏସ୍ଏଫ୍ ଡେପୁଟି ଇନ୍ସପେକ୍ଟର ଜେନେରାଲ ବିକ୍ରମ କୁନୱାର କହିଛନ୍ତି, ସିନ୍ଦୁର ଅପରେସନ୍ ସମୟରେ, ବିଏସ୍ଏଫ୍ ସୀମାରେ ଅନେକ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ନଷ୍ଟ କରିଥିଲା। ଯାହା ପରେ ପାକିସ୍ତାନ ସରକାର ଏହି ଲଞ୍ଚପ୍ୟାଡଗୁଡ଼ିକୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତରିତ କରିଛି। ସିଆଲକୋଟ ଏବଂ ଜାଫରୱାଲରେ ପ୍ରାୟ ୧୨ଟି ଲଞ୍ଚପ୍ୟାଡ୍ କାର୍ଯ୍ୟକ୍ଷମ ଅଛି, ଯାହା ପ୍ରକୃତରେ ସୀମାରେ ନାହିଁ। ସେହିପରି ସୀମାଠାରୁ ଦୂରରେ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଞ୍ଚଳରେ ୬୦ଟି ଲଞ୍ଚପ୍ୟାଡ୍ ସକ୍ରିୟ ଅଛି। ସେ କହିଛନ୍ତି, ଯଦି ସୁଯୋଗ ଦିଆଯାଏ, ତେବେ ଆମେ ମେ ମାସରେ ହୋଇଥିବା କ୍ଷତି ତୁଳନାରେ ଆହୁରି ଅଧିକ କ୍ଷତି ପହଞ୍ଚାଇବାକୁ ସକ୍ଷମ। ଆମେ ଜମ୍ମୁ ଅଞ୍ଚଳରେ ୧୧୮ଟି ପାକିସ୍ତାନୀ ପୋଷ୍ଟକୁ ଧ୍ୱଂସ କରିଛୁ। ଆମେ ସେମାନଙ୍କର ନିରୀକ୍ଷଣ ଉପକରଣକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛୁ। ସରକାର ଯେକୌଣସି ନୀତି ନିଷ୍ପତ୍ତି ନିଅନ୍ତୁ, ବିଏସଏଫ ଏଥିରେ ନିଜର ଭୂମିକା ଗ୍ରହଣ କରିବ।

ଭଡ଼ା ଘରେ ରହୁଥିବା ଲୋକଙ୍କ ଲାଗି ଖୁସି ଖବର

# ଦେଶରେ 'ହୋମ ରେଣ୍ଟ ରୁଲ-୨୦୨୫' ଲାଗୁ

ନୂଆଦିଲ୍ଲୀ ୩୦।୧୧: କେନ୍ଦ୍ର ସରକାର ଦେଶରେ 'ଘରଭଡ଼ା ନିୟମ-୨୦୨୫' ଲାଗୁ କରିଛନ୍ତି। ଦୀର୍ଘ ସମୟରୁ ଭଡ଼ାଟିଆମାନେ ମନଇଛା ଭଡ଼ା ବୃଦ୍ଧି, ଅତ୍ୟଧିକ ସୁରକ୍ଷା ଜମା ଓ କମଜୋର କାଗଜପତ୍ର ଭଳି ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେବେ ନୂଆ ନିୟମକୁ ଖାସ କରି ବେଙ୍ଗାଲୁରୁ, ମୁମ୍ବାଇ, ହାଇଦ୍ରାବାଦ ଓ ପୁଣେ ଭଳି ସହରରେ ବସବାସ କରୁଥିବା ଭଡ଼ାଟିଆଙ୍କୁ ଆଶ୍ୱସ୍ତ କରିବା ଲାଗି ପ୍ରସ୍ତୁତ କରାଯାଇଛି।

ନୂଆ ନିୟମରେ ନା କେବଳ ଭଡ଼ାଟିଆଙ୍କୁ ସୁରକ୍ଷା ମିଳିବ ବରଂ ଘର ମାଲିକଙ୍କୁ ସ୍ପଷ୍ଟ ଅନୁପାଳନ ପ୍ରକ୍ରିୟା ଏବଂ ବିବାଦ ସମାଧାନ ପାଇଁ ଅଧିକ ନିର୍ଭରଯୋଗ୍ୟ ତନ୍ତ୍ର ମିଳିବ। ଏହା ଦ୍ୱାର ଭଡ଼ା ବଜାରରେ ପାରଦର୍ଶିତା ଓ ସନ୍ତୁଳନ ଆସିବାର ଆଶା କରାଯାଉଛି। ଏହି ସବୁ ସଂଶୋଧନରେ ଡିଜିଟାଲ ଅନୁପାଳନ ବାଧ୍ୟତାମୂଳକ କରାଯାଇଛି। ଏବେ ପ୍ରତ୍ୟେକ ଘରଭଡ଼ା ବୁଝାମଣାପତ୍ରକୁ ଡିଜିଟାଲ ଷ୍ଟାମ୍ପ କରିବାକୁ ପଡିବ ଓ ସ୍ୱାକ୍ଷର କରାଯିବାର ୬୦ ଦିନ ମଧ୍ୟରେ ଅନଲାଇନ ରେଜିଷ୍ଟ୍ରି କରିବା ବାଧ୍ୟତାମୂଳକ ହେବ। ଏଥିପାଇଁ ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ରେଜିଷ୍ଟ୍ରେସନ ପୋର୍ଟାଲକୁ ଅପଗ୍ରେଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ଦ୍ରୁତ ଡିଜିଟାଲ ସତ୍ୟାପନ ସମ୍ଭବ ହେବ। ଯଦି ରେଜିଷ୍ଟ୍ରେସନ ନ କରାଯାଏ ତେବେ ୫ ହଜାର ଟଙ୍କାରୁ ଆରମ୍ଭ ହେବାକୁ ଥିବା ଜରିମାନା ଦେବାକୁ ପଡିପାରେ, ଯାହା ରାଜ୍ୟ ଦ୍ୱାରା ଧାର୍ଯ୍ୟ ନିୟମ ଅନୁସାରେ ବଢ଼ିବି ପାରେ। ଏହା ଦ୍ୱାରା ଠକେଇ, ପିଛିଲା ତାରିଖରେ ଏଗ୍ରିମେଣ୍ଟ ଓ ଅବୈଧ ବେଦଖଲ ଉପରେ ରୋକ ଲାଗିବ। ନୂଆ ନିୟମ ଅନୁସାରେ ଏବେ ଆବାସୀୟ ସମ୍ପତ୍ତି ଉପରେ ସୁରକ୍ଷା ଜମା ସର୍ବାଧିକ ୨ ମାସର ଘରଭଡ଼ା ମଧ୍ୟରେ ସୀମିତ ରହିବ। ଏହା ଦ୍ୱାରା ବଡ଼ବଡ଼ ସହରାଞ୍ଚଳରେ ଘର ବଦଳାଉଥିବା ଲୋକଙ୍କ ଉପରେ ପଡୁଥିବା ଭାରି ଆଡଭାନ୍ସର ଆର୍ଥିକ ବୋଝ ବେଶ୍ କମ୍ ହୋଇଯିବ। ସେହିପରି ଭଡ଼ା ବୃଦ୍ଧି ଉପରେ ମଧ୍ୟ କଡ଼ା ବ୍ୟବସ୍ଥା କରାଯାଇଛି। ହୋମ ରେଣ୍ଟ ରୁଲ ୨୦୨୫ ଅନୁସାରେ ଭଡ଼ା ବୃଦ୍ଧି ବର୍ଷକରେ ଥରେ କରାଯାଇ ପାରିବ। ଏଥିଲାଗି ଘର ମାଲିକଙ୍କୁ ୯୦ ଦିନ ପୂର୍ବରୁ ଭଡ଼ା ବୃଦ୍ଧି ନୋଟିସ୍ ଜାରି କରିବାକୁ ପଡିବ। ୫ ହଜାରରୁ ଅଧିକ ଭଡ଼ା କେବଳ ଡିଜିଟାଲ ପେଠ କରାଯିବ। ଏଣୁ ନେଣଦେଣର ସ୍ପଷ୍ଟ ରେକର୍ଡ ରହିବ ଓ ନଗଦ ବିବାଦ କମ୍ ହେବ। ସେହିପରି ମାସିକ ଭଡ଼ା ୫୦ ହଜାରରୁ ଅଧିକ ହେଲେ ସେକ୍ସନ ୧୯୪-ଆଇବି ଅନୁସାରେ ଟିଡିଏସ୍ କାଟିବା ବାଧ୍ୟତାମୂଳକ ହେବ। ଭଡ଼ା ବୁଝାମଣାରେ ସରକାର ଏକ ଷ୍ଟାଣ୍ଡାର୍ଡାଇଜ୍ ରେଣ୍ଟେଡ ଏଗ୍ରିମେଣ୍ଟେ ଟେମ୍ପଲେଟ୍ ଜାରି କରିବେ। ଏହି ଟେମ୍ପଲେଟ୍ ନିରୀକ୍ଷଣ, ମରାମତି, ଭଡାଟିଆଙ୍କ ଅଧିକାର, ସମ୍ପତ୍ତି ରକ୍ଷଣାବେକ୍ଷଣା ଓ ବେଦଖଲ ଆଦି ସର୍ତ୍ତଗୁଡିକୁ ସ୍ପଷ୍ଟ ରୂପେ ପରିଭାଷିତ କରିବ।




# ଆଇଏସ୍ଆଇ ସହ ଜଡ଼ିତ ୩ ଆତଙ୍କବାଦୀ ଗିରଫ



ନୂଆଦିଲ୍ଲୀ, ୩୦।୧୧: ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଏକ ବଡ଼ ସଫଳତା ହାସଲ କରିଛି। ସ୍ପେଶାଲ ସେଲ୍ ତିନିରୁ ଅଧିକ ଆତଙ୍କବାଦୀଙ୍କୁ ଗିରଫ କରିଛି। ରିପୋର୍ଟ ଅନୁସାରେ, ଏହି ସମସ୍ତ ଆତଙ୍କବାଦୀ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ଜଡିତ ଆତଙ୍କବାଦୀ ଶହଜାଦ ଭାଟି ସମ୍ପର୍କରେ ଥିଲେ। ସ୍ପେଶାଲ ସେଲରୁ ମିଳିଥିବା ସୂଚନା ଅନୁଯାୟୀ, ଗିରଫ ହୋଇଥିବା ସମସ୍ତ ଆତଙ୍କବାଦୀ ଉତ୍ତର ଭାରତର ବାସିନ୍ଦା ବୋଲି ବିଶ୍ୱାସ କରାଯାଉଛି। ଏହି ଗିରଫଦାରୀ ମଧ୍ୟ ପ୍ରଦେଶ, ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ କରାଯାଇଥିଲା। ଏହି ଆତଙ୍କବାଦୀମାନେ ଆଇଏସଆଇ ସହିତ ଜଡିତ ଆତଙ୍କବାଦୀ ଶହଜାଦ ଭଟ୍ଟିର ନେଟୱାର୍କ ସହିତ ମଧ୍ୟ ଯୋଗାଯୋଗରେ ଥିଲେ। ସ୍ପେଶାଲ୍ ସେଲ୍ ଦୀର୍ଘ ସମୟ ଧରି ସେମାନଙ୍କ ନେଟୱାର୍କ ଉପରେ ନଜର ରଖିଥିଲା। ବର୍ତ୍ତମାନ, ସମସ୍ତ ଆତଙ୍କବାଦୀଙ୍କୁ ପଚରାଉଚରା କରାଯାଉଛି। ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ୧୫ ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ ଘଟଣାର ତଦନ୍ତ କରି ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଥିଲେ। ବିସ୍ଫୋରଣ ପଛରେ ଡାକ୍ତରଙ୍କ ଏକ ଟିମର ହାତ ଥିବା ଜଣାପଡ଼ିଛି । ସେମାନଙ୍କ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ମାଷ୍ଟରମାଇଣ୍ଡ ସହ ସମ୍ପର୍କ ରହିଛି। ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲରେ ଗିରଫ ହୋଇଥିବା ସମସ୍ତ ଆତଙ୍କବାଦୀ ଅଲ-କାଏଦାର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଥିଲେ। ଆତଙ୍କବାଦୀ ଡକ୍ଟର ଉମର ନବି ଆଇଏସଆଇଏସ ଏବଂ ଜୈଶ-ଏ-ମହମ୍ମଦର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଥିଲା ବୋଲି ଜଣାପଡ଼ିଛି।

# ବିହାରରେ ଖୁବଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ



**ଜେଡିୟୁର ୬ ଓ ବିଜେପିର ୩ ବିଧାୟକ ହେବେ ମନ୍ତ୍ରୀ**

ପାଟନା ୩୦।୧୧: ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଡିସେମ୍ବର ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିପାରନ୍ତି। ସୂତ୍ର ଅନୁସାରେ ଜେଡିୟୁ ଓ ବିଜେପି ଉଭୟ ଦଳ ଖାଲିପଡିଥିବା ମନ୍ତ୍ରୀ ପଦ ପୂରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହି ସମ୍ପ୍ରସାରଣ ମାଧ୍ୟମରେ ସାମାଜିକ ଓ ଜାତୀୟ ସମୀକରଣ ସାଧିବା ପାଇଁ ଖାସ ଜୋର ଦିଆଯିବ। ବର୍ତ୍ତମାନ ନୀତୀଶ କୁମାରଙ୍କ ମନ୍ତ୍ରିମଣ୍ଡଳରେ ୯ଟି ମନ୍ତ୍ରୀପଦ ଖାଲି ରହିଛି। ଏଥିରେ ଜେଡିୟୁର ୬ଟି ପଦବୀ ଥିବା ବେଳେ ବିଜେପିର ୩ଟି ରହିଛି। ସୂତ୍ର ଅନୁସାରେ ଜେଡିୟୁ ମନ୍ତ୍ରିମଣ୍ଡଳରେ କୁଶବାହା ଓ ଅତି ପଛୁଆ ବର୍ଗ ବିଧାୟକଙ୍କୁ ପ୍ରତିନିଧିତ୍ୱ ଦେଇପାରେ। କୁହାଯାଉଛି ପାର୍ଟି ଏହି ସମ୍ପ୍ରସାରଣ ମାଧ୍ୟମରେ ଜାତୀୟ ଓ ସାମାଜିକ ସଂରଚନାକୁ ଧ୍ୟାନରେ ରଖି ନିଷ୍ପତ୍ତି ନେବ। ସୂତ୍ର ଅନୁସାରେ ପାର୍ଟି ଏହି ସମ୍ପ୍ରସାରଣରେ ନୂଆ ମୁହଁଙ୍କୁ ସୁଯୋଗ ଦେବ। ବିହାର ସରକାରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସର୍ବାଧିକ ୩୬ ଜଣ ମନ୍ତ୍ରୀ ରହି ପାରିବେ। ଏନଡିଏ ସିଟ୍ ସେୟାରିଂ ଅନୁସାରେ ବିଜେପି ୧୭ ଜଣଙ୍କୁ ମନ୍ତ୍ରୀପଦ ଦେଇ ପାରୁଥିବା ବେଳେ ଜେଡିୟୁ ୧୫ (ମୁଖ୍ୟମନ୍ତ୍ରୀ ସମେତ), ଏଲଜେପି(ଆର) ୨, ଏଚଏଏମ ଗୋଟିଏ ଓ ଆରଏଲଏମକୁ ଗୋଟିଏ ମନ୍ତ୍ରୀପଦ ମିଳି ପାରିବ। ଏହି ହିସାବ ଅନୁସାରେ ଏବେ ଜେଡିୟୁ ଓ ବିଜେପିର ଆହୁରି ବିଧାୟକ ମନ୍ତ୍ରୀ ହୋଇ ପାରିବେ। ଏବେ ଜେଡିୟୁ ଓ ବିଜେପିର କେତେକ ମନ୍ତ୍ରୀଙ୍କ ହାତରେ ଏକାଧିକ ବିଭାଗ ରହିଛି। ଏଥିରେ ଜେଡିୟୁର ବିଜେନ୍ଦ୍ର ପ୍ରସାଦ ଯାଦବଙ୍କ ହାତରେ ସର୍ବାଧିକ ୫ଟି ବିଭାଗ ଥିବା ବେଳେ ବିଜୟ ଚୌଧୁରୀଙ୍କ ହାତରେ ୪ଟି, ଶ୍ରବଣ କୁମାର ଓ ସୁନିଲ କୁମାରଙ୍କୁ ୨ଟି ଲେଖାଏଁ ବିଭାଗ ଦିଆଯାଇଛି। ସେହିପରି ବିଜେପିର ବିଜୟ ସିଂହ, ମଙ୍ଗଲ ପାଣ୍ଡେୟ, ନିତିନ ନବୀନ ଓ ଅରୁଣ ଶଙ୍କର ପ୍ରସାଦଙ୍କ ହାତରେ ୨ଟି ଲେଖାଏଁ ବିଭାଗ ରହିଛି।

# ବ୍ରେକ୍ଅପ୍ ପରେ ଏବେ ଚାଲିଛି ମେକ୍ଅପ୍

**ସିଦ୍ଧରମୈୟା-ଶିବକୁମାରଙ୍କ ବୈଠକ ନେଇ ବିଜେପିର କଟାକ୍ଷ**

ବେଙ୍ଗାଲୁରୁ,୩୦।୧୧: କର୍ଣ୍ଣାଟକରେ କଂଗ୍ରେସ ସଙ୍କଟ ଉପରେ ବିଜେପି ପ୍ରତିକ୍ରିୟା ପ୍ରକାଶ କରିଛି। ଶନିବାର କର୍ଣ୍ଣାଟକ ରାଜନୀତିରେ 'ବ୍ରେକ୍ଫାଷ୍ଟ କୂଟନୀତି' ଦେଖାଯାଇଥିଲା। ବିଜେପି ଏହାକୁ ଏକ ନାଟକ ବୋଲି କହିଛି। ବିଜେପି ମୁଖପାତ୍ର ଶହଜାଦ ପୁନାୱାଲା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ କନ୍ଦଳକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ସେ ଏହି ସାକ୍ଷାତକୁ 'ବ୍ରେକ୍ଅପ୍ ପରେ ମେକ୍ଅପ୍' ଚାଲିଥିବା କହିଛନ୍ତି। ପୁନାୱାଲା ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ଦୁଇ ନେତା ଯେଉଁଭଳି ଏକତା ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ସେମାନଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ସହାୟକ ଅଭିନେତା ଭାବେ ଓସ୍କାର ପୁରସ୍କାର ଦିଆଯିବା ଉଚିତ୍।

ଶହଜାଦ ପୁନାୱାଲା କହିଛନ୍ତି, ଏହା କେବଳ ଆଭ୍ୟନ୍ତରୀଣ କଳହକୁ ଦମନ ଏବଂ ଲୁଚାଇବା ପାଇଁ ଏକ ପ୍ରୟାସ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ମନ୍ତବ୍ୟକୁ ନେଇ ସେ କହିଛନ୍ତି ଯେ, ଯେତେବେଳେ ଦଳରେ ସବୁକିଛି ଠିକ୍ ଥିଲା, ସେତେବେଳେ ଏତେ ସମସ୍ୟାର ସମାଧାନ କାହିଁକି ହେଉଛି? ପରମେଶ୍ୱର ଏବଂ ବୀରପ୍ପା ମୋଇଲିଙ୍କ ମନ୍ତବ୍ୟ କଂଗ୍ରେସ ଭିତରେ ଥିବା ବିଶୃଙ୍ଖଳାକୁ ପ୍ରକାଶ କରିଛି। ବିଜେପି ମୁଖପାତ୍ର ସବୁଠାରୁ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି ଯେ, ନେତାଙ୍କ ଏହି ଜଳଖିଆ ଟେବୁଲରେ କର୍ଣ୍ଣାଟକର ମେନୁ ମଧ୍ୟ ନଥିଲା। କେବଳ ଚେୟାର ଏବଂ କ୍ଷମତା ବଞ୍ଚାଇବା ପରିବେଷଣ କରାଯାଉଥିଲା। ପୁନାୱାଲା ଜନସାଧାରଣଙ୍କୁ ମନେ ପକାଇ ଦେଇଛନ୍ତି ଯେ, ଜନସାଧାରଣ ଅତୀତରେ ଏହି ଦୁଇ ନେତାଙ୍କ ମଧ୍ୟରେ ଟ୍ୱିଟର ଯୁଦ୍ଧ ଦେଖିଛନ୍ତି। ସେ କହିଛନ୍ତି, ଆଜି ଉଭା ହେଉଥିବା ଚିତ୍ର ବାସ୍ତବତା ନୁହେଁ ବରଂ ଏକ କାର୍ଯ୍ୟ, ଯାହା କେବଳ ଦିଲ୍ଲୀ ହାଇକମାଣ୍ଡଙ୍କୁ ଖୁସି ରଖିବା ଏବଂ ଜନସାଧାରଣଙ୍କୁ ଭ୍ରମିତ କରିବା ଲକ୍ଷ୍ୟ ନେଇ କରାଯାଇଛି। ରାଜ୍ୟର ଚାଷୀମାନେ ଆଖୁ ଏବଂ ମକାର ମୂଲ୍ୟ ହ୍ରାସ ପାଇବା ଯୋଗୁ କଷ୍ଟ ପାଉଛନ୍ତି। ହଜାର ହଜାର ସରକାରୀ ସ୍କୁଲ ବନ୍ଦ ହେଉଛି ଏବଂ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଗୋଷ୍ଠୀ ବିବାଦ ପରିଚାଳନା, ସମର୍ଥକମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ନିଜ ଆସନ ବଞ୍ଚାଇବା ପାଇଁ ମନ୍ଦିରକୁ ଦୌଡ଼ିବାରେ ବ୍ୟସ୍ତ ଅଛନ୍ତି। ରାଜ୍ୟର ପ୍ରକୃତ ପ୍ରସଙ୍ଗଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି।




● ୱାଶିଂଟନ ପରେ କାଲିଫର୍ଣ୍ଣିଆ

# ଭୟଙ୍କର ଗୁଳିକାଣ୍ଡ, ୪ ମୃତ ଓ ୧୯ ଆହତ

କାଲିଫର୍ଣ୍ଣିଆ,୩୦।୧୧ : ୱାଶିଂଟନରେ ନ୍ୟାସନାଲ୍ ଗାର୍ଡ ସଦସ୍ୟଙ୍କ ଉପରେ ଆକ୍ରମଣର ୩ ଦିନ ପରେ କାଲିଫର୍ଣ୍ଣିଆର ଷ୍ଟକଟନ୍‌ରେ ଏକ ବଡ଼ ଗୁଳିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୯ ଜଣ ଆହତ ହୋଇଛନ୍ତି। ସୂଚନା ପାଇବା ପରେ କାଲିଫର୍ଣ୍ଣିଆ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କୁ ଖୋଜି କାର୍ଯ୍ୟ ଜାରି ରଖିଛି। ସୂଚନାନୁଯାୟୀ, ଜୋଆକୁଇନ୍ କାଉଣ୍ଟି ସେରିଫ୍ କାର୍ଯ୍ୟାଳୟ କହିଛି ଯେ, ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯିବା ସହ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରୁଛନ୍ତି। ଅଧିକାରୀମାନେ ଆହତଙ୍କ ଅବସ୍ଥା ବିଷୟରେ କୌଣସି ସୂଚନା ଦେଇନାହାଁନ୍ତି। ଏଥିସହ ମାମଲା ତଦନ୍ତାଧୀନ ରହିଛି ବୋଲି ଅଧିକାରୀମାନେ କହିଛନ୍ତି। ଗୁଳି ଚଳାଇଥିବା ବ୍ୟକ୍ତି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇନାହିଁ। ପୋଲିସ ଘଟଣାସ୍ଥଳକୁ ଘେରାବନ୍ଦୀ କରିଛି। ଘଟଣାଟି ଏକ ଜନ୍ମଦିନ ପାର୍ଟି ନିକଟରେ ଘଟିଥିବା ଜଣାପଡ଼ିଛି। ଯେଉଁଠାରେ ପିଲାମାନେ କିଛି ସମୟ ପୂର୍ବରୁ ସେମାନଙ୍କ ପରିବାର ସହିତ ଏକାଠି ହୋଇଥିଲେ। ଘଟଣାସ୍ଥଳରେ ବହୁ ସଂଖ୍ୟକ ଜରୁରୀକାଳୀନ କର୍ମଚାରୀ ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥା ପହଞ୍ଚିଛନ୍ତି । ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

● ୟୁକ୍ରେନ ସହ ପୁଣି ବଢ଼ିବ ତିକ୍ତତା

# ରୁଷ ତେଲ ଟ୍ୟାଙ୍କର ଉପରେ ଡ୍ରୋନ ଆକ୍ରମଣ

ନୂଆଦିଲ୍ଲୀ,୩୦।୧୧: ୟୁକ୍ରେନ୍ ଏହାର ସ୍ୱଦେଶୀ 'ସି ବେବି' ନୌସେନା ଡ୍ରୋନ୍ ବ୍ୟବହାର କରି କୃଷ୍ଣ ସାଗରରେ ଦୁଇଟି ରୁଷୀୟ ତେଲ ଟ୍ୟାଙ୍କର୍ ଉପରେ ଆକ୍ରମଣ କରିଛି। ୟୁକ୍ରେନ୍ ସୁରକ୍ଷା ସେବାର ଜଣେ ଅଧିକାରୀ ଶନିବାର କହିଛନ୍ତି ଯେ, କାଇରୋସ୍ ଏବଂ ଭିରାଟ୍ ନାମକ ଦୁଇଟି ତେଲ ଟ୍ୟାଙ୍କର୍ ଉପରେ ଆକ୍ରମଣ ହୋଇଛି। ଏହା ରୁଷିଆର ଛାୟା ନୌବାହିନୀର ଅଂଶ ଥିଲା ଏବଂ ଏହାକୁ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ବ୍ୟବହୃତ ହେଉଥିଲା। ଆକ୍ରମଣ ପରେ ତୁର୍କୀ ତଟରକ୍ଷୀ ବାହିନୀ ଏବଂ ଅନ୍ୟାନ୍ୟ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଭୟ ଜାହାଜର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ଅଧିକାରୀ ଜଣକ କହିଛନ୍ତି ଯେ, ଉଭୟ ଟ୍ୟାଙ୍କର ଉପରେ ପୂର୍ବରୁ ହିଁ ପଶ୍ଚିମ ଦେଶର ପ୍ରତିବନ୍ଧକ ଲାଗିଥିଲା ଏବଂ ୟୁକ୍ରେନ ଗୁଇନ୍ଦା ସଂସ୍ଥାଗୁଡ଼ିକ ରୁଷକୁ ଯୁଦ୍ଧ ପାଇଁ ଆର୍ଥିକ ଭାବରେ ଦୁର୍ବଳ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ସି ବେବି ନୌସେନା ଡ୍ରୋନଗୁଡ଼ିକ ଜାହାଜଗୁଡ଼ିକୁ ଅକ୍ଷମ କରିଦେଇଥିଲା, ଯାହା ପ୍ରାୟ ୭୦ ମିଲିୟନ ଆମେରିକୀୟ ଡଲାର ମୂଲ୍ୟର ତେଲ ବହନ କରିପାରୁଥିଲା। ଏହା ଆନ୍ତର୍ଜାତୀୟ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ରୁଷର ପ୍ରୟାସକୁ ଏକ ବଡ଼ ଧକ୍କା ଦେଇଥିଲା। ପୂର୍ବରୁ, ତୁର୍କୀର ପରିବହନ ଏବଂ ଭିତ୍ତିଭୂମି ମନ୍ତ୍ରୀ ଅବଦୁଲକାଦିର ଉରାଲୋଗ୍ଲୁ କହିଥିଲେ ଯେ, ଟ୍ୟାଙ୍କରଗୁଡ଼ିକୁ ମିସାଇଲ, ନୌସେନା ଜାହାଜ କିମ୍ବା ଡ୍ରୋନ ଦ୍ୱାରା ଗୁଳି କରି ଖସାଇ ଦିଆଯାଇଛି।

# ସୋନିଆ ଓ ରାହୁଲଙ୍କ ବିରୋଧରେ ମାମଲା ରୁଜୁ

**ନ୍ୟାଶନାଲ ହେରାଲ୍ଡ ମାମଲା**



ନୂଆଦିଲ୍ଲୀ, ୩୦।୧୧: କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ପୁଅ ରାହୁଲ ଗାନ୍ଧୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଉଭୟଙ୍କ ନାଁରେ ଏଫଆଇଆର ରୁଜୁ କରିଛି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଏହି ଏଫଆଇଆର ହୋଇଛି। ଅନ୍ୟ ୭ ଜଣଙ୍କ ନାଁ ମଧ୍ୟ ଏଫଆଇଆରରେ ଉଲ୍ଲେଖ ରହିଛି। ସେମାନଙ୍କ ବିରୋଧରେ ଠକେଇର ମାମଲା ଲାଗିଛି। ୨୦୦୦ କୋଟି ଟଙ୍କାର ଆସୋସିଏଟେଡ୍ ଜର୍ଣ୍ଣାଲ ଲିମିଟେଡକୁ ଅକ୍ତିଆର କରିବା ସମୟରେ ସେମାନେ ଚଞ୍ଚକତା କରିଥିବା ଅଭିଯୋଗ ହୋଇଛି। ଯେଉଁଥିରେ ଗାନ୍ଧୀ ପରିବାରର ୭୬ ପ୍ରତିଶତ ସେୟାର ରହିଥିଲା।

ରିପୋର୍ଟ ଅନୁସାରେ, ଅକ୍ଟୋବର ୩ ତାରିଖରେ ଏଫଆଇଆର ରୁଜୁ ହୋଇଥିଲା। ଏବେ ଏହାର ତଥ୍ୟ ସାର୍ବଜନୀନ ହୋଇଛି। ଇଡିର ଏକ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୦୦ କୋଟିର ଆସୋସିଏଟେଡ୍ ଜର୍ଣ୍ଣାଲ ଲିମିଟେଡକୁ ୟଙ୍ଗ୍ ଇଣ୍ଡିଆ ମାଧ୍ୟମରେ ଚଞ୍ଚକତା କରି ହାତେଇଥିଲେ ସୋନିଆ ଏବଂ ରାହୁଲ। କୋଲକାତାରେ ଥିବା ଡୋଟେକ୍ସ ମର୍ଚାଣ୍ଡାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସେଲ କମ୍ପାନୀକୁ ତଦନ୍ତର ପରିସରଭୁକ୍ତ କରାଯାଇଛି। ସେଲ୍ କମ୍ପାନୀ ୟଙ୍ଗ ଇଣ୍ଡିଆକୁ ୧ କୋଟି ଟଙ୍କା ପ୍ରଦାନ କରିଥିଲା । ଯାହା ଆସୋସିଏଟେଡ୍ ଜର୍ଣ୍ଣାଲ ଲିମିଟେଡର ଅଧିଗ୍ରହଣକୁ ସହଜ କରିଥିଲା।

ଦିଲ୍ଲୀ ପୋଲିସ ପକ୍ଷରୁ ହୋଇଥିବା ମାମଲାରେ ସୋନିଆ ଏବଂ ରାହୁଲଙ୍କ ସମେତ ଅନ୍ୟମାନେ ସାମିଲ ଅଛନ୍ତି। ଏଥିରେ ସାମ୍ ପିତ୍ରୋଡାଙ୍କ ନାଁ ମଧ୍ୟ ରହିଛି। ଏଫଆଇଆରରେ ତିନୋଟି କମ୍ପାନୀର ନାଁ ରହିଛି। ଯାହାର ତଦନ୍ତ କରାଯିବ। ଜଣାପଡିଛି ଯେ, ଏପ୍ରିଲ ୯ ତାରିଖରେ ଗାନ୍ଧୀ ପରିବାର ଏବଂ ଅନ୍ୟମାନଙ୍କ ବିରୋଧରେ ପିଏମଏଲଏ ଆକ୍ଟ ଅନୁସାରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ରାଉସ ଆଭିନ୍ୟୁ କୋର୍ଟରେ ମାମଲା ଦୀର୍ଘଦିନ ହେବ ଚାଲିଛି । ଡିସେମ୍ବର ୧୬ରେ ମାମଲା ଉପରେ ରାୟ ପ୍ରକାଶ ପାଇପାରେ। ସୂତ୍ରାନୁସାରେ, ଆସୋସିଏଟେଡ୍ ଜର୍ଣ୍ଣାଲ ଲିମିଟେଡର ସେୟାରହୋଲ୍ଡରଙ୍କୁ ପଚରାଉଚରା ପାଇଁ ସମନ ହୋଇପାରେ। କଂଗ୍ରେସ ୟଙ୍ଗ ଇଣ୍ଡିଆକୁ ହସ୍ତାନ୍ତର କରିବା ପୂର୍ବରୁ ବୋର୍ଡ ସଦସ୍ୟଙ୍କ ସହ ଆଲୋଚନା କରିଥିଲା ନା ନାହିଁ ତାହା ଏଥିରୁ ସ୍ପଷ୍ଟ ହେବ। ପୂର୍ବରୁ ଅଭିଯୋଗକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ଇଡି ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା କହି ଆସିଛି। ଅନ୍ୟ ଦିଗରେ ନୂଆ ଏଫଆଇଆର ବାବଦରେ ଦଳ କିଛି ଜାଣିନଥିବା ମଧ୍ୟ କିଛି ନେତା କହିଛନ୍ତି।

# ରାଞ୍ଚିରେ ଭାରତର ରୋମାଞ୍ଚକର ବିଜୟ

## ଦକ୍ଷିଣ ଆଫ୍ରିକାକୁ ୧୭ ରନରେ ହରାଇ ୧-୦ରେ ସିରିଜ ଆଗୁଆ



**ରାଞ୍ଚି,୩୦।୧୧:** ରାଞ୍ଚିରେ ଖେଳା ଯାଇଥିବା ପ୍ରଥମ ଦିନିକିଆକୁ ଜିତି ନେଇଛି ଭାରତ। ବିରାଟ କୋହଲିଙ୍କ ଶତକ ଓ ରୋହିତଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ମିଳିତ ପ୍ରୟାସରେ ପ୍ରଥମ ଦିନିକିଆରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୧୭ ରନରେ ହରାଇଛି। ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଭାରତ ଦ୍ୱାରା ଧାର୍ଯ୍ୟ ୩୫୦ ରନର ବିଜୟ ଲକ୍ଷ୍ୟ ପିଛା କରି ଦକ୍ଷିଣ ଆଫ୍ରିକା ୩୩୨ ରନ କରି ପରାଜୟ ଲଭିଛି। ମାଥ୍ୟୁ ବ୍ରିଟଜକେ ୭୨ ରନ ଓ ମାର୍କୋ ଜନସେନ ବିସ୍ଫୋରକ ୭୦ ରନ କରିଥିଲେ। ବୋଲିଂରେ କୁଲଦୀପ ଯାଦବ ୪ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି। ଏହା ପୂର୍ବରୁ ଭାରତ ବିରାଟ କୋହଲିଙ୍କ ୧୩୫ ରନ, ରୋହିତଙ୍କ ୫୭ ରନ ଓ କେଏଲ ରାହୁଲଙ୍କ ୬୦ ରନ ବଳରେ ୮ ୱିକେଟ୍ ହରାଇ ୩୪୯ ରନ କରିଥିଲା। ସିରିଜର ଦ୍ୱିତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସହ ୧୧ ରନରେ ୩ ୱିକେଟ୍ ହରାଇଥିଲା। ଇନିଂସର ଦ୍ୱିତୀୟ ଓଭରରେ ହର୍ଷିତ ରାଣା ରିୟାନ ରିକଲଟନ ଓ କ୍ୱିଣ୍ଟନ ଡିକକଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ। ଅଧିନାୟକ ଆଡେନ ମାରକ୍ରମ(୭)ଙ୍କ ଆଉଟ୍ କରିଥିଲେ ଅର୍ଶଦୀପ ସିଂ। ୧୩୦ ରନରେ ୫ ୱିକେଟ୍ ହରାଇବା ପରେ ମ୍ୟାଚଜକେ ଓ ମାର୍କୋ ଜନସେନ ପାଲଟା ଆକ୍ରମଣ କରିଥିଲେ। ଦୁହେଁ ୯୭ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ମ୍ୟାଚର ପ୍ରତ୍ୟାବର୍ତ୍ତନ କରାଇଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଯୋଡ଼ି ଟିମ୍ ଇଣ୍ଡିଆ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲେ। ତେବେ ୩୪ ତମ ଓଭରରେ ଜନସେନ ଓ ବ୍ରିଟଜକେ ଉଭୟ କୁଲଦୀପଙ୍କ ଶିକାର ହୋଇଥିଲେ। ଜନସେନ ମାତ୍ର ୩୯ ବଲରୁ ୮ ଚୌକା ଓ ୩ ଛକା ସହ ୭୦ ରନ କରିଥିଲେ। ବ୍ରିଟଜକେ ୭୨ ରନର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୱିକେଟ୍ ନେଇଥିଲେ। ସେ ୧୦ ଓଭର ବୋଲିଂ କରି ୬୮ ରନ୍ ଦେଇ ୪ ୱିକେଟ ହାସଲ କରିଥିଲେ।

● ବରେନ୍ଦ୍ରକୃଷ୍ଣ ଧଳ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା

## ‘ନୂଆ ଟେକ୍ନୋଲୋଜି ବିପଜ୍ଜନକ ହୋଇପାରେ’




**ଭୁବନେଶ୍ୱର,୩୦।୧୧(ସଂଚାର ବ୍ୟୁରୋ):** ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ପ୍ରୟୋଗର ସକାରାତ୍ମକ ଦିଗ ପ୍ରତି ଏବେଠାରୁ ଉପଯୁକ୍ତ ଧ୍ୟାନ ଦିଆନଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବ ଜଗତ ପାଇଁ ଅତ୍ୟନ୍ତ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ ‘ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ’ ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଦାସଗୁପ୍ତା କହିଥିଲେ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଶ୍ରୀ ଧଳଙ୍କ ସାମ୍ବାଦିକତା ସହ ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା ଓ ସଂଗଠନ କ୍ଷେତ୍ରରେ ଯଥେଷ୍ଟ ପାରଦର୍ଶିତା ରହିଥିଲା ବୋଲି କହିଥିଲେ।

ବିଶିଷ୍ଟ ଅତିଥି ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢ଼ା, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓ ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ବିଭିନ୍ନ ମତ ରଖିଥିଲେ। ଏହି ବକ୍ତୃତାମାଳା କାର୍ଯ୍ୟକ୍ରମରେ ଚଳିତବର୍ଷ ଢେଙ୍କାନାଳ ଆଇଆଇଏମ୍‌ସିରୁ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦିବାଲିନା ବେହେରା ଏବଂ ପ୍ରଥମଥର ପାଇଁ ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ କୃତୀ ପ୍ରତିଭାଧର ଭାବେ ମନୋନିତ ହୋଇଥିବା ବିଶିଷ୍ଟ ଗାଳ୍ପିକା ସ୍ୱପ୍ନା ମିଶ୍ରଙ୍କୁ ନ୍ୟାସ ପକ୍ଷରୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନରେ ସ୍ୱତନ୍ତ୍ର ଭାବେ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।



ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି କଟକରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍‌ର ଟିକେଟ ପ୍ରଦାନ କରୁଛନ୍ତି।




କମିଶନରେଟ୍ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

## ୧୫୪ ୟୁନିଟ୍ ରକ୍ତ ସଂଗୃହୀତ

**କଟକ, ୩୦।୧୧(ସଂଚାର ବ୍ୟୁରୋ):** ଇଣ୍ଡିଆନ୍ ରେଡ଼କ୍ରସ ସୋସାଇଟି, ଆଞ୍ଚଳିକ ଶାଖା, କମିଶନରେଟ୍ ପୋଲିସ ଏବଂ ପୁରୀଘାଟ ଥାନାର ମିଳିତ ପ୍ରୟାସରେ ରବିବାର ପୁରୀଘାଟ ଥାନା ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ୧୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କଟକ ଡିସିପି ଋଷିକେଶ ଖିଲାରୀ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି, ସୁଦର୍ଶନ ଦାଶ, ଜୋନ-୬ ଏସିପି ଅନ୍ୱେଷା ଅବସ୍ଥୀ, ଏସିପି ଅଶୋକ କୁମାର ଗିରି, ଏସିପି ଜୟନ୍ତ ଦୋରା (ଟ୍ରାଫିକ), କର୍ପୋରେଟର ବନଲତା ପ୍ରଧାନ, ଲକ୍ଷ୍ମୀଧର ସେଠୀ, ଇତିଶ୍ରୀ ଦାଶ, ଗଗନ ଓଝା, ସମାଜସେବୀ ରଞ୍ଜନ ବିଶ୍ୱାଳ, ରାଜୀବ ନନ୍ଦ, ପ୍ରଶାନ୍ତ କିଶୋର, ଏଚଡିଏଫସି ବ୍ୟାଙ୍କ କଟକର ନିଶିକାନ୍ତ ମହାନ୍ତି ଏବଂ ଦରଘାବଜାର, ମଙ୍ଗଳବାଗ, ସିଡିଏ-୨, ବାଦାମବାଡ଼ି, ମଧୁପାଟଣା ଓ ପୁରୀଘାଟ ଥାନାର ଆଇଆଇସିମାନେ ଉପସ୍ଥିତ ରହିଥିଲେ। କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ଏହି ଶିବିରରେ ରକ୍ତସଂଗ୍ରହ କରିଥିଲେ।

■ ବାଂଲାଦେଶ ଏବେ ପାକ୍-ଚୀନ୍ ଆଡକୁ ଢଳୁଛି

## ଅନୁପ୍ରବେଶକୁ ରୋକିବା ପାଇଁ ସେନାର କଡ଼ା ନଜର

**କୋଲକାତା,୩୦।୧୧ (ସଂଚାର ବ୍ୟୁରୋ):** ବାଂଲାଦେଶରେ ହସିନା ସରକାରଙ୍କ ପତନ ପରଠାରୁ, ବାଂଲାଦେଶ ସୀମାରେ ସେନା ସକ୍ରିୟ ରହିଛି। ଯେକୌଣସି ଅନୁପ୍ରବେଶକୁ ରୋକିବା ପାଇଁ ସେନା କଡ଼ା ନଜର ରଖିଛି। ଅନ୍ୟପକ୍ଷରେ, ଲସ୍କର-ଏ-ତୈବା (ଏଲ୍‌ଇଟି) ମୁଖ୍ୟ ହାଫିଜ୍ ସଇଦ ବାଂଲାଦେଶ ଦେଇ ଭାରତ ବିରୁଦ୍ଧରେ ଆତଙ୍କବାଦର ଏକ ନୂତନ ମୋର୍ଚ୍ଚା ଖୋଲିବାକୁ ଯୋଜନା କରୁଛି। ଏହି ପରିସ୍ଥିତିରେ, ପଶ୍ଚିମବଙ୍ଗରେ ସୁରକ୍ଷା ପ୍ରତି ସେନା ଅତିରିକ୍ତ ସତର୍କ ରହିଛି। ଶିଲିଗୁଡ଼ି କରିଡରରେ ସାମରିକ ବାହିନୀ ମୁତୟନ କରାଯାଇଥିବା ଜଣାପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ତିନୋଟି ନୂତନ ସାମରିକ ପ୍ରତିଷ୍ଠାନ ନିର୍ମାଣ ହେଉଛି, ଯାହା ନୂଆଦିଲ୍ଲୀର ରଣନୈତିକ ସ୍ଥିତିରେ ପରିବର୍ତ୍ତନକୁ ସୂଚିତ କରୁଛି। ଧୁବରିର ନିକଟସ୍ଥ ବାମୁନି, କିଶନଗଞ୍ଜ ଏବଂ ଛାପ୍ରାରେ ତିନୋଟି ସାମରିକ ଘାଟିର ନିର୍ମାଣ କାର୍ଯ୍ୟ ଚାଲିଛି। ଭାରତ ଏହି ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ରାଫେଲ ଲଢ଼ୁଆ ବିମାନ, ବ୍ରହ୍ମୋସ କ୍ଷେପଣାସ୍ତ୍ର ଏବଂ ଉନ୍ନତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିୟୋଜିତ କରିଛି।

## ଟ୍ରମ୍ପଙ୍କୁ କଟାକ୍ଷ କଲେ ଜୟଶଙ୍କର

**କୋଲକାତା,୩୦।୧୧(ସଂଚାର ବ୍ୟୁରୋ):** ଆଇଆଇଏମ୍ କୋଲକାତା ମଞ୍ଚରୁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ସେ ସେହି ଡିଗ୍ରୀ ଗ୍ରହଣ କରିବାକୁ କୋଲକାତା ଆସିଥିଲେ। ଜୟଶଙ୍କରଙ୍କ କଥାରେ, ‘ଆମେରିକା ସାମ୍ପ୍ରତିକ ସମୟରେ ସେମାନଙ୍କ ନୀତିରେ ଆମୂଳଚୂଳ ପରିବର୍ତ୍ତନ ଆଣିଛି। ସେମାନେ ବିଭିନ୍ନ ଦେଶ ସହିତ ବିଭିନ୍ନ କାରବାର ମାଧ୍ୟମରେ ରାଜନୈତିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ଆଣୁଛନ୍ତି। ଟ୍ରମ୍ପ ସରକାର ଅଗଷ୍ଟ ମାସରୁ ଭାରତ ଉପରେ ଏକ ନୂତନ ଶୁଳ୍କ ବୋଝ ଲଦି ଦେଇଛନ୍ତି। ବୈଦେଶିକ ମନ୍ତ୍ରୀଙ୍କ ଭାଷାରେ, ‘ସେମାନେ ଦୀର୍ଘ ସମୟ ଧରି ନିଜ ସର୍ତ୍ତରେ ସବୁକିଛି ଚଳାଇବାକୁ ଚେଷ୍ଟା କରୁଛନ୍ତି। ଏହା ଠିକ ନୁହେଁ। ଭାରତ ବିକାଶ ପଥରେ ସ୍ଥିର। ଭାରତ ଭଳି ଦେଶକୁ ସର୍ବଦା ଶିଳ୍ପଭିତ୍ତିକ ବିକାଶକୁ ଗୁରୁତ୍ୱ ଦେବାକୁ ପଡିବ। ଏଥିପାଇଁ, ଉତ୍ପାଦନ ଆବଶ୍ୟକ। ତେଣୁ ଏହା କୁହାଯାଇପାରେ ଯେ ସେମିକଣ୍ଡକ୍ଟରଠାରୁ ଆରମ୍ଭ କରି ବୈଦ୍ୟୁତିକ ଯାନ ପର୍ଯ୍ୟନ୍ତ, ଏଗୁଡ଼ିକ ଏବେ ଭାରତର ବିକାଶର ଚାବିକାଠି।

● କେତୁଗ୍ରାମର ଷ୍ଟେସନରେ ଚମକ

## ଟିକେଟ କାଟି ଟ୍ରେନରେ ଚଢ଼ିଲେ ମିଳୁଛି ରସଗୋଲା ଏବଂ ଖିରି

**କୋଲକାତା,୩୦।୧୧(ସଂଚାର ବ୍ୟୁରୋ):** ଶନିବାରର ଟ୍ରେନ୍ ଯାତ୍ରା ଏତେ ମିଠା ଆଶ୍ଚର୍ଯ୍ୟ ଆଣିବ ବୋଲି ଯାତ୍ରୀମାନେ କଳ୍ପନା କରିପାରି ନ ଥିଲେ। ଟ୍ରେନ୍‌ରେ ଟିକେଟ୍ କିଣିବା ମାତ୍ରେ ସେମାନଙ୍କୁ ଗୁଡ଼ରେ ତିଆରି ତାଜା ରସଗୋଲା ଏବଂ ଖିରି ଦେଇ ସ୍ୱାଗତ କରାଯାଇଥିଲା। ପୂର୍ବ ବର୍ଦ୍ଧମାନ ଜିଲ୍ଲାର କେତୁଗ୍ରାମର ପାଚୁନ୍ଦି ଷ୍ଟେସନ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପଦକ୍ଷେପ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନଥିଲା। ଏହି ଅଭିନବ ବ୍ୟବସ୍ଥା କାଟୱା-ଅହମ୍ମଦପୁର ଜ୍ଞାନଦାସ ରେଳ ଯାତ୍ରୀ ସଂଘ ଦ୍ୱାରା କରାଯାଇଥିଲା। ସେମାନଙ୍କର ପଦକ୍ଷେପ ହେଉଛି ଲୋକଙ୍କୁ ସଚେତନ କରିବା ଏବଂ ଟିକେଟ୍ କିଣି ଟ୍ରେନ୍ ଯାତ୍ରା କରିବାକୁ ଉତ୍ସାହିତ କରିବା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଜିତ...

ବର୍ଷ ଧରି ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ସଫଳତା ପୂର୍ବକ କାର୍ଯ୍ୟ କରିଛନ୍ତି। ଦି ସନ୍ ଟାଇମ୍ସ, ସମ୍ବାଦ, ଓଟିଭି, ଇଟିଭି, ଦି ଟେଲିଗ୍ରାଫ, ଏସଟିଭି, ନ୍ୟୁଜ-୭, କନକ ଟିଭି, ନ୍ୟୁଜ ୱାର୍ଲ୍ଡ ଓଡ଼ିଶା, ଇଟିଭି ଭାରତ ଓ ନନ୍ଦିଘୋଷ ଟିଭି ଭଳି ଆଞ୍ଚଳିକ ଓ ଜାତୀୟ ସ୍ତରର ଗଣମାଧ୍ୟମରେ ସେ ବିଭିନ୍ନ ପଦବୀରେ ଦକ୍ଷତାର ସହ କାର୍ଯ୍ୟ କରି ସାମ୍ବାଦିକତା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ୬ ମାସ ତଳେ ନୂଆ ରୂପରେ ଆତ୍ମପ୍ରକାଶ କରିଥିବା ‘ସଂଚାର’ ଖବରକାଗଜ ଓ ଏହାର ଡିଜିଟାଲ ସଂସ୍କରଣ ‘ସଂଚାର ଲାଇଭ’ ତାଙ୍କ ମାର୍ଗଦର୍ଶନରେ ଆଗାମୀ ଦିନରେ ଗଣମାଧ୍ୟମ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜି ‘ସଂଚାର’ ସମ୍ପାଦକ ହିମାଂଶୁ ଭୂଷଣ କର, ମାଲିକ ସରୋଜ ନାୟକ, ପ୍ରକାଶକ ରୁଦ୍ର ପ୍ରତାପ ଦାସ, ବରିଷ୍ଠ ସହଯୋଗୀ ମନମୋହନ ସ୍ୱାଇଁ, ସୁଶାନ୍ତ କୁମାର ଦାସ, ଆଶୁତୋଷ ଲେଙ୍କା, ବ୍ରଜବନ୍ଧୁ ମଲ୍ଲିକ ଶ୍ରୀ ଦାଶଙ୍କୁ ସ୍ୱାଗତ କରିଛନ୍ତି।

### ଓଡ଼ିଶା...

ଲଘୁ ବ୍ୟାବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି। ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ, ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶା କଠିନ ପରିଶ୍ରମ, ନବସୃଜନ ଓ ଉଦ୍ୟୋଗର ଏକ ରାଜ୍ୟ। ‘ଲଘୁ ଉଦ୍ୟୋଗ ଭାରତୀ’ର ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା ଯୋଜନା ରହିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଓ ଏହା ଜିଲ୍ଲା, ତୃଣମୂଳ ଓ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ସୁଦୃଢ଼ କରିବ। ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ‘ବିକଶିତ ଓଡ଼ିଶା ଓ ବିକଶିତ ଭାରତ’ ଏକ ସ୍ଲୋଗାନ ନୁହେଁ, ବରଂ ଏକ ପ୍ରତିଶ୍ରୁତି। ଆମେ ଚାହୁଁଛୁ ଯେ ଓଡ଼ିଶା ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟୱେ ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଶେଷରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମିଳିଥିବା ସଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପିପିଲି, ରଘୁରାଜପୁର, ସମ୍ବଲପୁର ଓ ଗୋପାଳପୁରର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଓ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ଆମର ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ଏକ ସହାୟତା ଯୋଜନା ନୁହେଁ, ଏହା ମା’ମାନଙ୍କୁ ଛୋଟ ଛୋଟ ବ୍ୟବସାୟ ଜରିଆରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବ। ସମାଜ ଓ ପରିବାରରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବ। ଆଜି ଏହି ଯୋଜନା ଯୋଗୁଁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଆଗାମୀ ଦିନରେ ଆମ ରାଜ୍ୟରେ ମା’ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ବୋଲି ମୁଁ ଆଶା କରୁଛି।

କାର୍ଯ୍ୟକ୍ରମରେ ଯୋଗ ଦେଇ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ ଆମେ ପଦକ୍ଷେପ ନେଉଛୁ ଓ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିପାରିବ ବୋଲି ଶ୍ରୀ ମଲ୍ଲିକ ଆଶା ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର, ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ମଞ୍ଚାସୀନ ଥିଲେ।

### ଶଙ୍ଖ...

ବିଜେପିରେ ଯୋଗଦେଲେ। ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଓ କୋମନା ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। କିଛି ଦିନ ତଳେ ଯାଜପୁର ଧର୍ମଶାଳାରେ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ଏପଟେ ଗତକାଲି ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ ଦଳରୁ ଇସ୍ତଫା ଦେଇଛନ୍ତି। ଦଳର ପରିଚାଳନା ଉପରେ ଅସନ୍ତୋଷ ଝାଡ଼ି ନିଜ ନିଜ ଇସ୍ତଫାପତ୍ର ବିଜେଡି ଜିଲ୍ଲା ସଭାପତିଙ୍କୁ ପଠାଇଛନ୍ତି ୩ ଅଧ୍ୟକ୍ଷ। ଦିନେ ଶଙ୍ଖ ଗଡ଼ ଥିବା ଭଦ୍ରକ, ସରକାର ଯିବାର ମାତ୍ର ୧୭ ମାସରେ ଭାଙ୍ଗି ଖଣ୍ଡ ଖଣ୍ଡ ହେବା ବିଜେଡି ନେତାଙ୍କ ଚିନ୍ତା ବଢ଼ାଇଦେଇଛି। ହେଲେ ନେତାଙ୍କ ମୁହଁଟାଣ ଯାଇନି। ବରିଷ୍ଠ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ଦଳ କ୍ଷମତାରେ ରହିଲେ ବହୁ ନେତା ରହିବେ। କିନ୍ତୁ ବିଜେଡି କ୍ଷମତାରୁ ଯିବା ପରେ କିଛି ଦଳ ଛାଡ଼ିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିରେ ବିଜେଡି କୌଣସି ଭାବେ ପ୍ରଭାବିତ ହେବନି ବୋଲି ଶ୍ରୀ ବେହେରା ମତ ଦେଇଛନ୍ତି।

### ଆଜିଠୁ...

କଂଗ୍ରେସର ଲୋକସଭା ଉପନେତା ଗୌରବ ଗୋଗୋଇ ସହ ବିଭିନ୍ନ ଦଳର ଫ୍ଲୋର୍ ନେତାମାନେ ଯୋଗ ଦେଇଥିଲେ। ବୈଠକରେ ୩୬ଟି ରାଜନୈତିକ ଦଳର ୫୦ ଜଣ ନେତା ଉପସ୍ଥିତ ଥିଲେ। ବିରୋଧୀ ଦଳର ନେତାମାନେ ଏସଆଇଆର ଅଭିଯାନକୁ ନେଇ ଅଭିମତ ଦେଇଥିଲେ। ଏଥିସହ ନିରାପତ୍ତା, ଗଣତନ୍ତ୍ର ଓ ଆଂଚଳିକ ବିଷୟରେ ମଧ୍ୟ ମତ ରଖିଥିଲେ। ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ସଂସଦ ପରିସରରେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ସର୍ବଦଳୀୟ ବୈଠକ ଅତ୍ୟନ୍ତ ଉପଯୋଗୀ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅନେକ ପ୍ରସଙ୍ଗ ଉଠାଯାଇଥିଲା ଓ କେତେକ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା। ଏଥିରେ ଏବେ ୧୨ଟି ରାଜ୍ୟରେ ଚାଲିଥିବା ଏସ୍‌ଆଇଆର୍ ଉପରେ ଆଲୋଚନା ଦାବି ଅନ୍ୟତମ ଥିବା ଏନେଇ ସରକାର କୌଣସି ପ୍ରକାର ସ୍ପଷ୍ଟ ପ୍ରତିଶ୍ରୁତି ଦେଇନାହାନ୍ତି। ସେହିପରି କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳର ସଦସ୍ୟମାନେ ନିକଟରେ ଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଘଟିଥିବା ଭୟଙ୍କର ବିସ୍ଫୋରଣ ପ୍ରସଙ୍ଗରେ ମଧ୍ୟ ସଂସଦରେ ଆଲୋଚନା ପାଇଁ ଦାବି କରାଯାଇଛି। ତେବେ ବିରୋଧୀ ଦଳଗୁଡ଼ିକ ଦେଇଥିବା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ବିରୋଧୀ ଦଳଗୁଡ଼ିକ ଦ୍ୱାରା ଉପସ୍ଥାପିତ ହେଉଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ସକାଶେ ସରକାର ପ୍ରସ୍ତୁତ। ଆମେ ଆଶା କରୁଛୁ ଯେ ସଂସଦ କାର୍ଯ୍ୟ ସୁରୁଖୁରୁରେ ଚଳାଇବାରେ ବିରୋଧୀ ଦଳଗୁଡ଼ିକ ଯଥୋଚିତ ସହଯୋଗ କରିବେ।

### ‘ଭୋଟ ଚୋରି’...

ଅଧିବେଶନରେ ବିଜେଡିର ଆଭିମୁଖ୍ୟକୁ ନେଇ ଏକ ଜାତୀୟ ଏଜେଣ୍ଡାକୁ ସୂଚନା ଦେଇ ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ନିର୍ବାଚନୀ ସ୍ୱଚ୍ଛତାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଛି। ତେଣୁ ସଂସଦରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବାର ଆବଶ୍ୟକତା ରହିଛି। ନିକଟରେ ଶେଷ ହୋଇଥିବା ନୂଆପଡ଼ା ଉପନିର୍ବାଚନରେ ୮୦ ପ୍ରତିଶତରୁ ଅଧିକ ମତଦାନ ହୋଇଛି। ଯାହା ନିର୍ବାଚର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୪ ନିର୍ବାଚନରେ ମଧ୍ୟ ଭୋଟ ଗଡବଡିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ ଏନେଇ ନିର୍ବାଚନ କମିଶନ ନିରବ ରହିଥିଲେ। ଗତ ସାଧାରଣ ନିର୍ବାଚନରେ ଉଭୟ ଲୋକସଭା ଓ ବିଧାନସଭାରେ ବ୍ୟାପକ ଭାବେ ଭୋଟ ଚୋରି ହୋଇଥିବା ସନ୍ଦେହ ହୋଇଥିଲା। ତେଣୁ ଏନେଇ ସଂସଦରେ ବିସ୍ତୃତ ଭାବେ ଆଲୋଚନା ହେବା ଜରୁରୀ ବୋଲି ସସ୍ମିତ କହିଛନ୍ତି। ରାଜ୍ୟରେ ୨୪ ବର୍ଷ ଧରି ଶାସନରେ ଥିବା ବିଜେଡି କୌଣସି ଜାତୀୟ ଦଳ ସହ ନିର୍ବାଚନୀ ବୁଝାମଣାରେ ନ ଥିଲା। କିନ୍ତୁ ଗତ ନିର୍ବାଚନରେ ଦଳ ବିଧାନସଭାରେ ହାରିଯାଇଥିବା ବେଳେ ଗୋଟିଏ ହେଲେ ଲୋକସଭା ଆସନ ଜିତିପାରିନଥିଲା। ବିଜେଡି ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ସଂଘୀୟ ବ୍ୟବସ୍ଥାରେ ବିଶ୍ୱାସ କରି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରୀୟ ବିଲ୍‌କୁ ସମର୍ଥନ ଦେଇଛି ବୋଲି ସେ କହିଛନ୍ତି। ହେଲେ ପ୍ରତି ଅଧିବେଶନ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସାଂସଦଙ୍କୁ ଡାକି ବୈଠକ ନିଅନ୍ତି। ଦିଲ୍ଲୀରେ ବିଜେଡିର ଆଭିମୁଖ୍ୟ କ’ଣ ରହିବ ଓ କେଉଁ ପ୍ରସଙ୍ଗରେ ଦଳ ସ୍ୱର ଶାଣିତ କରିବ ସେନେଇ ରଣନୀତି ହୁଏ। ହେଲେ ଚଳିତଥର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୌସୁମୀ ଅଧିବେଶନ ଭଳି ଶୀତ ଅଧିବେଶନ ପୂର୍ବରୁ ମଧ୍ୟ ବସିଲାନି ବିଜେଡିର ସଂସଦୀୟ ଦଳ ବୈଠକ। ଅସନ୍ତୋଷ ଜାହିର କରିବା ସହ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦଳ ସଭାପତି ବୈଠକ ଡାକୁନାହାନ୍ତି। କେବଳ ହ୍ୱାଟସଆପ୍‌ରେ ଏଜେଣ୍ଡା ଆସୁଛି।

ଭୋଟ ଚୋରି ସହ ବେକାରୀ, ଦରବୃଦ୍ଧି, ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅପରାଧ, ପୁଲିସ ଏସଆଇ ପରୀକ୍ଷାରେ ହୋଇଥିବା ଦୁର୍ନୀତି, କୋଇଲା ରୟାଲଟି ବୃଦ୍ଧି, କୋରାପୁଟ, ବାଲେଶ୍ୱର ଓ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ଆଦି ଦାବି ସହ ଓଡ଼ିଶା ପାଇଁ ପୁଣି ସଂସଦରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି କରିବ ଦଳ। ଏଥିସହ ମହାନଦୀ ଓ ପୋଲାଭରମ ବିବାଦର ସମାଧାନ ନେଇ ମଧ୍ୟ ବିଜେଡି ସ୍ୱର ଉଠାଇବ ବୋଲି ସସ୍ମିତ କହିଛନ୍ତି।

### ବନ୍ଧା...

ସୂଚନାଯୋଗ୍ୟ ଯେ ନିକଟରେ ଶୁଭଙ୍କର ତାଙ୍କ ପୋଡ୍‌କାଷ୍ଟରେ ପ୍ରକାଶିତ ଏକ ଭିଡିଓରେ ଦାବି କରିଥିଲେ ଯେ ଯଦି କୌଣସି ଅବିବାହିତ ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଆନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ଏବଂ ବିବାହ ହୋଇପାରେ ନାହିଁ। ସେ ଏହାର କାରଣ ଦର୍ଶାଇ କହିଥିଲେ ଯେ, ଶ୍ରୀମନ୍ଦିର ଉପରେ ମା’ ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ତାଙ୍କ କାହାଣୀ ଅନୁଯାୟୀ, ଦିନେ ରାଧାରାଣୀଙ୍କୁ ସେବାୟତମାନେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ, ଯାହା ପରେ ରାଧାରାଣୀ କ୍ରୋଧିତ ହୋଇ ଏହି ଅଭିଶାପ ଦେଇଥିଲେ। ଶୁଭଙ୍କର ମିଶ୍ରଙ୍କ ଏହି ମନ୍ତବ୍ୟ ଶୀଘ୍ର ଭାଇରାଲ୍ ହୋଇଯାଇଥିଲା। ଏହି ଅଭିଯୋଗକୁ ଭକ୍ତ ଏବଂ ସେବାୟତମାନେ ବିଭ୍ରାନ୍ତିକର, ଅପ୍ରମାଣିକ ଏବଂ ଶ୍ରୀମନ୍ଦିର ପରମ୍ପରା ପ୍ରତି ଅସମ୍ମାନଜନକ ବୋଲି କହିବା ସହ ଶୁଭଙ୍କରଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ଏହି ପବିତ୍ର ଧାମ ବିଷୟରେ ମିଥ୍ୟା ସୂଚନା ପ୍ରଚାର କରିଥିବାରୁ ଅନେକ ଲୋକ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବି ଦାବି କରିଛନ୍ତି।

### ୮ ସ୍କୁଲର...

ମନମାନିର ପୂରା ପ୍ରମାଣ ମିଳିଥିଲା। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଶ୍ରୀ ବେହେରା ତୁରନ୍ତ ଉକ୍ତ ୧୦ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ଉକ୍ତ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଗୋଟିଏ ଦିନର ଦରମା ବନ୍ଦ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ସପ୍ତାହେ ତଳେ ସମ୍ପୃକ୍ତ ବ୍ଲକ୍‌ର ଶିକ୍ଷାଧିକାରୀ କାହାକୁ କିଛି ନ ଜଣାଇ ବ୍ଲକରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କିପରି ପାଠପଢ଼ା ଚାଲିଛି ଓ ଶିକ୍ଷକଶିକ୍ଷୟିତ୍ରୀମାନେ ନିଜ କର୍ତ୍ତବ୍ୟ ସଠିକ୍ ଭାବେ ତୁଲାଉଛନ୍ତି କି ନାହିଁ ତାହା ପରଖିବା ପାଇଁ ଝାରଖମଣ, ବାହାଲି, ସୁରୁଣ୍ଡି, ବଲଣ୍ଡା, ଖରସଙ୍ଗୁଲେଇ, ସାକୁଶିଙ୍ଗା, କର୍ଣ୍ଣିଆପଦର, ଗୋଟସାହି ଆଦି ସ୍କୁଲ୍ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ଶିକ୍ଷକମାନେ ସ୍କୁଲ ଖୋଲିବାର ବହୁ ସମୟ ପରେ ଆସୁଥିବା ଦେଖିବାକୁ ପାଇଥିଲେ ଓ କେତେକ ବିଦ୍ୟାଳୟରେ ଛୁଟି ପୂର୍ବରୁ ପାଠପଢ଼ା ଛାଡ଼ି ଶିକ୍ଷକମାନେ ଘରକୁ ପଳାଉଥିବା ଜାଣିବାକୁ ପାଇଥିଲେ। ବିଳମ୍ବରେ ସ୍କୁଲ୍‌କୁ ଆସିବାର କାରଣ ଓ ଛୁଟି ସମୟ ପୂର୍ବରୁ କିପରି ବିଦ୍ୟାଳୟ ଛାଡ଼ିଲ ବୋଲି କାରଣ ଦର୍ଶାଇବା ପାଇଁ ବିଇଓ ନିର୍ଦ୍ଦେ ଶ ଦେଇଛନ୍ତି। ଏହି ଶିକ୍ଷକମାନେ ହେଲେ ଶୁରମଣୀ ମଲ୍ଲିକ, ଦୟା କୁମାର ହଂସ, ପ୍ରଦୀପ କୁମାର ସାହୁ, ସାଧୁ ଚରଣ ଦେହୁରୀ, ବିରେନ୍ଦ୍ର ମହାକୁଡ଼, ରଞ୍ଜନ କୁମାର ପାତ୍ର, ବାବୁଲି ସାହୁ , ଜିତେନ୍ଦ୍ର କୁମାର ଡାଲୁଅ, ଜ୍ୟୋତ୍ସ୍ନାରାଣୀ ମିଶ୍ର, ରାଜେନ୍ଦ୍ର କୁମାର ସାମଲ। ସେହିପରି କର୍ତ୍ତବ୍ୟ ସମ୍ପାଦନରେ ଅବହେଳା କରୁଥିବା ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ତେବେ ସହକାରୀ ଶିକ୍ଷକମାନେ ବିଦ୍ୟାଳୟକୁ ଠିକ ସମୟରେ ଆସୁନଥିବା ହେଉ କିମ୍ବା ବିନା ଛୁଟି ଦରଖାସ୍ତରେ ସ୍କୁଲ ନ ଯିବା ହେଉ ନଚେତ୍ ଛୁଟି ପୂର୍ବରୁ ବିଦ୍ୟାଳୟ ଛାଡ଼ି ଘରକୁ ଆସିବା ଘଟଣା ପ୍ରଧାନଶିକ୍ଷକ କିପରି ଜାଣିପାରୁନଥିଲେ। ଯଦି ଜାଣିଥିଲେ, ତା’ହେଲେ ସେ କେଉଁ ସ୍ୱାର୍ଥ ନେଇ ଚୁପ୍ ରହିଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସହ ଏହାର ଯାଞ୍ଚ ପାଇଁ ଦାବି ହେଉଛି।

### ଅସ୍ତ୍ର...

କେବଳ ଦାନ୍ତେୱାଡ଼ା ଜିଲ୍ଲାରେ ଗତ ଦେଢ଼ ବର୍ଷରେ ୫୦୮ ଜଣ ମାଓବାଦୀ ହିଂସାପଥ ପରିତ୍ୟାଗ କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୧୬୫ ଜଣଙ୍କ ମୁଣ୍ଡରେ ପୁରସ୍କାର ରାଶି ରହିଥିଲା। ସେହିପରି ମାଓ ମୂଳପୋଛ ପାଇଁ ୨୦୨୬ ମାର୍ଚ୍ଚକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଡେଡ୍‌ଲାଇନ ଦେଇଥିବାରୁ ଯେଉଁ ମାଓବାଦୀମାନେ ଅସ୍ତ୍ର ଛାଡ଼ିନାହାନ୍ତି, ସେମାନେ ବି ତୁରନ୍ତ ସାମାଜିକ ସ୍ରୋତରେ ସାମିଲ୍ ହୁଅନ୍ତୁ ବୋଲି ଏସ୍‌ପି ଶ୍ରୀ ରାଏ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ ପରେ ସମସ୍ତଙ୍କୁ ସାଧାରଣ ନାଗରିକ ଭାବେ ଜୀବନ ଅତିବାହିତ କରିବା ସକାଶେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ରାଏ କହିଛନ୍ତି। ଅନ୍ୟପକ୍ଷରେ ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ କୁମାଲି ଓରଫ୍ ଅନୀତା ମାଣ୍ଡଭୀ, ଗୀତା ଓରଫ୍ ଲକ୍ଷ୍ମୀ ମଡକମ, ରଞ୍ଜନ ଓରଫ୍ ସୋମା ମାଣ୍ଡଭୀ ଓ ଭୀମା ଓରଫ୍ ଜାହାଜ କଲମୁ ପ୍ରମୁଖ। ଏମାନଙ୍କ ମୁଣ୍ଡରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ରହିଥିଲା। ଏମାନଙ୍କ ମଧ୍ୟରୁ ୨ ନମ୍ବର କମ୍ପାନିର ସଦସ୍ୟ ଭୀମା ଗତ ୨୦୨୦ ଆକ୍ରମଣରେ ସାମିଲ ଥିଲା, ଯେଉଁଥିରେ ୨୬ ଜଣ ଯବାନ ସହିଦ ହୋଇଥିଲେ। ଘଟଣା ଦିନ ଯବାନମାନଙ୍କଠାରୁ ଅସ୍ତ୍ର ଲୁଟ୍ ହୋଇଥିଲା। ତାଲିକାରେ ୫ ଲକ୍ଷ, ୨ ଲକ୍ଷ ଏବଂ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଲମ୍ବା ଧାଡ଼ି ରହିଛି, ଯାହାଙ୍କ କାନ୍ଧରେ ଏରିଆ କମିଟି, ମିଲିସିଆ, ଜନତାନା ସରକାର ଠାରୁ ଆରମ୍ଭ କରି ପୋଷ୍ଟର, ବ୍ୟାନର, ରାସ୍ତା କାଟିବା ଏବଂ ବିସ୍ଫୋରକ ସାମଗ୍ରୀ ଖଞ୍ଜିବାର ଦାୟିତ୍ୱ ଥିଲା। ସେହିପରି ଆତ୍ମସମର୍ପଣ କରିଥିବା ପ୍ରତିଟି ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ସହ ଚାଷ ଜମି ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଯୋଗାଇ ଦିଆଯିବ ବୋଲି ଏସ୍‌ପି ଶ୍ରୀ ରାଏ କହିଛନ୍ତି।

### ମହାପ୍ରଭୁଙ୍କୁ...

ହୋଇଥିଲା। କିନ୍ତୁ ଏଥର ଏହାର ମାତ୍ର ୫୦ ପ୍ରତିଶତ ଅର୍ଥାତ୍ ୨ ହଜାର ଟିକେଟ୍ ଅନଲାଇନ୍‌ରେ ମିଳିପାରିବ। ଦର୍ଶକମାନେ ଏହାକୁ District by Zomato ଆପ୍ ମାଧ୍ୟମରେ ବୁକ୍ କରିପାରିବେ। ସନ୍ଧ୍ୟା ୭ଟାରୁ ଏହି ସୁବିଧା ଉପଲବ୍ଧ ହେବ ବୋଲି ଆଜି ଓସିଏ ପକ୍ଷରୁ କୁହାଯାଇଛି। ସେହିପରି ଯେଉଁମାନେ ଅନଲାଇନରେ ଟିକେଟ କିଣିବେ, ସେମାନଙ୍କୁ ଆସନ୍ତା ୮ ଓ ୯ ତାରିଖରେ ଷ୍ଟାଡିୟମ୍ ନିକଟସ୍ଥ କେମ୍ବ୍ରିଜ୍ ସ୍କୁଲ୍‌ରୁ ବାରବାଟିରେ ପ୍ରବେଶ ପାଇଁ ଟିକେଟ ମିଳିବ। ପୂର୍ବରୁ ପ୍ରତ୍ୟେକ ସିଟର ବ୍ୟବଧାନ ୧୯ ଇଞ୍ଚ୍ ରହିଥିବା ବେଳେ ଏଥର ଏହାକୁ ୨୨ ଇଞ୍ଚ୍‌କୁ ବୃଦ୍ଧି କରାଯାଇଛି। ସେହିପରି ଟିକେଟ୍ ଦର ସମ୍ପର୍କରେ ଆଲୋଚନା କଲେ, ସର୍ବନିମ୍ନ ଟିକେଟ୍‌ର ଦାମ୍ ୭୦୦ ଟଙ୍କା ରହିଛି। ଏହି ଟିକେଟ୍ କିଣିଥିବା ଦର୍ଶକ ଗ୍ୟାଲେରୀ ନମ୍ବର ୭ରେ ବସିପାରିବେ। ସେହିପରି ଗ୍ୟାଲେରୀ ନଂ ୧ ଓ ୩ ପାଇଁ ଟିକେଟ ମୂଲ୍ୟ ୧୧୦୦ ଟଙ୍କା ରଖାଯାଇଥିବା ବେଳେ ଗ୍ୟାଲେରୀ ନଂ ୨ ଓ ୪ ପାଇଁ ଦର ୯୦୦ ଟଙ୍କା ରହିଛି। ଆହୁରି ଗ୍ୟାଲେରୀ ନଂ ୫ ପାଇଁ ଦର୍ଶକଙ୍କୁ ୧୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ତା’ଛଡ଼ା ସ୍ପେଶିଆଲ ଏନକ୍ଲୋଜର ପାଇଁ ଟିକେଟ୍ ମୂଲ୍ୟ ୬ ହଜାର ଟଙ୍କା ରହିଥିବା ବେଳେ ଏସି ବକ୍ସ ପାଇଁ ମୂଲ୍ୟ ୮ ହଜାର ଟଙ୍କା ରହିଛି। ଅଧିକନ୍ତୁ ନ୍ୟୁ ପ୍ୟାଭିଲିନ ପାଇଁ ଦର୍ଶକମାନଙ୍କୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। କର୍ପୋରେଟ ବକ୍ସରେ ବସିବାକୁ ଚାହୁଁଥିବା ଦର୍ଶକଙ୍କୁ ଟିକେଟ୍ ପାଇଁ ୨୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୫ ତାରିଖଠାରୁ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର୍‌ରେ ଟିକେଟ୍ ଉପଲବ୍ଧ ହେବ, ଯେଉଁଥିରେ ଜଣେ ଦର୍ଶକଙ୍କୁ ସର୍ବାଧିକ ୨ଟି ଟିକେଟ୍ ମିଳିପାରିବ।

### ସରକାରୀ...

ମୋହନ ଚରଣ ମାଝୀଙ୍କ କାନରେ ପଡ଼ିଛି। ସାଧାରଣ ଲୋକଙ୍କ ସମସ୍ୟା କ୍ଷେତ୍ରରେ ବେଶ୍ ସମ୍ବେଦନଶୀଳ ସାବ୍ୟସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ଏହି କ୍ଷେତ୍ରରେ ବି ସମାନ ଆଭିମୁଖ୍ୟ ଗ୍ରହଣ କରି ତୁରନ୍ତ ଅଧିକାରୀମାନଙ୍କୁ ପଦକ୍ଷେପ ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଯନ୍ତ୍ରୀମାନଙ୍କୁ ଡାକି ବାକିଆ ପଇସା ପଇଠ କରିବାକୁ କହିଛନ୍ତି। ଏଭଳି ଖବର ପାଇବା ପରେ ଠିକାଦାର ମହଲରେ ଖୁସି ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ସ୍ଥିତିରେ ସୁଧାର ଆସିବ ବୋଲି ସେମାନେ ଆଶା କରିଛନ୍ତି। ତେବେ ପାଉଣା ପଇଠ କ୍ଷେତ୍ରରେ ନାନାଦି ବାହାନା ଦେଖାଉଥିବା ଯନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶକୁ କିଭଳି କାର୍ଯ୍ୟକାରୀ କରୁଛନ୍ତି, ତାହାକୁ ରାଜଧାନୀର ଠିକାଦାରମାନେ ଚାତକ ଭଳି ଚାହିଁ ବସିଛନ୍ତି।

## ସିଟି salad

### ଘରେ ଲାଗୁନି ଅରୁଣଙ୍କ ମନ



ବିଧାୟକ ତଜ୍ଜର ଅରୁଣ କୁମାର ସାହୁଙ୍କ ମନ ଆଉ ଘରେ ଲାଗୁନି। କେତେବେଳେ ଘର ଛାଡି ବାହାରେ ବୁଲୁଛନ୍ତି ଆଉ କେତେବେଳେ ଉପର ମହଲାକୁ ପଳାଉଛନ୍ତି। ହଁ ଆଜ୍ଞା, ଏଥର ବିଧାନସଭା ଚାଲିଥିବାବେଳେ ଏମିତି ଦେଖିବାକୁ ମିଳିଥିଲା ଯୁବ ବିଧାୟକ ଅରୁଣ ସାହୁଙ୍କୁ। ଅଧିବେଶନର ତୃତୀୟ ଦିନରେ ଗୃହ ଭିତରେ ସରଗରମ ଆଲୋଚନା ଚାଲିଥିବାବେଳେ ଅରୁଣ ହଠାତ୍ ପହଞ୍ଚି ଯାଇଥିଲେ ଉପର ମହଲାରେ ଥିବା ସାମ୍ବାଦିକମାନଙ୍କ ଲବିରେ। ସେଠାରେ ଆଲୋଚନା ଜମାଇଥିଲେ। ସାମ୍ବାଦିକ ବି ଘେରି ଯାଇଥିଲେ। ଏହାପରେ ସାମ୍ବାଦିକମାନେ ବସିଥିବା ସ୍ଥାନକୁ ଯାଇ ଭଲ ମନ୍ଦ ବୁଝିଥିଲେ। ସେହିଠାରୁ ବସି ତଳେ କିପରି ଅନ୍ୟ ବିଧାୟକମାନେ କ'ଣ ସବୁ କହୁଛନ୍ତି ଦେଖୁଥିଲେ। ହେଲେ କ'ଣ ପାଇଁ କେଜାଣି ଅରୁଣ ତଳକୁ ଯାଉନଥିଲେ। କିଛି ସମୟ ବସିବା ପରେ ଅରୁଣ ଚାଲିଲେ ତଳକୁ। ହେଲେ ଗୃହ ଭିତରକୁ ଗଲେ ନାହିଁ। ଗୃହ ବାହାରେ ଗାନ୍ଧୀମୂର୍ତ୍ତି ତଳେ ଫଟୋ ସେସନ କରୁଥିବା ନବାଗତ ଯୁବ ଅଫିସରମାନଙ୍କ ପାଖରେ ହାଜର ହୋଇ ସେମାନଙ୍କ ଭଲ ମନ୍ଦ ବୁଝିଥିଲେ। ସେମାନଙ୍କୁ କିଛି ଟିପ୍ସ ବି ଦେଇଥିଲେ। ଜଣେ ଦୁଇଜଣଙ୍କର ଠିକଣା ବି ପଚାରିଥିଲେ। ଏହାକୁ ଲକ୍ଷ୍ୟ କରୁଥିବା ସାମ୍ବାଦିକମାନେ ନିଜ ବାକ୍ ଚାତୁରୀରେ ଗୃହକୁ ସରଗରମ କରୁଥିବା ଅରୁଣ କାହିଁକି ଏଭଳି ମନମରା ହୋଇ ବୁଲୁଛନ୍ତି ବୋଲି ଆଲୋଚନା କରୁଥିବାବେଳେ ଅରୁଣଙ୍କ ମନ ଆଉ ଘରେ ଲାଗୁନାହିଁ ବୋଲି କେହି ଜଣେ ମନ୍ତବ୍ୟ ଦେଉଥିବା କାନରେ ପଡିଲା।

### ସିଦ୍ଧାନ୍ତଙ୍କର ବଙ୍ଗଳା ବୋଲି



ଏଥର ଶୀତ ଅଧିବେଶନର ପ୍ରମୁଖ ଆକର୍ଷଣ ହୋଇଛି ଚଳଚ୍ଚିତ୍ର ତାରକାରୁ ରାଜନେତା ହୋଇଥିବା ସିଦ୍ଧାନ୍ତ ମହାପାତ୍ରଙ୍କ ବଙ୍ଗଳା ବୋଲି। ବୋଲି କାହିଁକି ? ତ ତାଙ୍କର ବଙ୍ଗଳା ଉଚ୍ଚାରଣ ଶୁଣିବା ପରେ ସିଦ୍ଧାନ୍ତ କିଭଳି ବଙ୍ଗଳାରେ ଏମିତି ସିଦ୍ଧହସ୍ତ ହେଲେ ତାହାକୁ ନେଇ ଆଲୋଚନା। ଘଟଣାଟି ଏମିତି, ପିଲାଏ କାହିଁକି ଅଧାରୁ ପାଠ ଛାଡୁଛନ୍ତି ତାହାରି ଉପରେ ଆଲୋଚନା ଚାଲିଥାଏ। କଂଗ୍ରେସର ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲା ବେଳେ ରାଜା ବାବୁ ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ନାଁ ନେଇ ତାଙ୍କର ଏକ ବଙ୍ଗଳା ବୋଲିକୁ ଗୃହରେ କହିଦେଲେ। କଥାଟି କିନ୍ତୁ ଶାସକଦଳ ଉଦ୍ଦେଶ୍ୟରେ ଥିଲା। ଏହାର ଓଡିଆ ମର୍ମଟି ହେଉଛି ସରକାର ସବୁ ତ ଠିକ୍‌ଠାକ୍ କହୁଛନ୍ତି, ହେଲେ ପିଲା ସ୍କୁଲକୁ ଆସୁ ନାହାନ୍ତି କାହିଁକି ? ରଣେନ୍ଦ୍ରଙ୍କର ଧାଡିକିଆ ବଙ୍ଗଳା କଥା ସରିବାପରେ ପାଳି ପଡିଥିଲା ବାବୁ ସିଦ୍ଧାନ୍ତ ମହାପାତ୍ରଙ୍କର। ସିଦ୍ଧାନ୍ତ ସିଧା ରଣେନ୍ଦ୍ରଙ୍କୁ ଲକ୍ଷ୍ୟକରି ବଙ୍ଗଳା ଭାଷାରେ କହି ଚାଲିଲେ। ଓଡିଆ ପୁଅର ଏଭଳି ବଙ୍ଗଳା ଭାଷା ଶୁଣି କିଛି ବିଧାୟକ ଆଁ କରି ଅନାଉଥାନ୍ତି। ସିଦ୍ଧାନ୍ତ ବଙ୍ଗଳାରେ ଏମିତି ସିଦ୍ଧହସ୍ତ କିଭଳି ହେଲେ ବୋଲି ଆଉ କିଛି କହୁଥାନ୍ତି। ଅଧିବେଶନ ସରିବାପରେ ଜଣେ ଉପକୂଳିଆ ନେତା କହିଲେ ସିଦ୍ଧାନ୍ତଙ୍କର ଏ ବଙ୍ଗଳା ଭାଷାଜ୍ଞାନ ବହୁ ଦିନରୁ। ଅତୀତରେ ବଙ୍ଗାଳି କଳାକାରଙ୍କ ସହିତ ଚଳଚ୍ଚିତ୍ର କରିବା ସମୟରୁ ସିଏ କୁଆଡେ ବଙ୍ଗଳା ଶିଖିଛନ୍ତି। ସିଦ୍ଧାନ୍ତ ଖାଲି ବଙ୍ଗଳା କହିପାରିବେ ନାହିଁ, ଦରକାର ହେଲେ ବଙ୍ଗଳାରେ ରଚନା ବି ଲେଖି ଦେବେ। ନେତାଙ୍କ ପାଟିରୁ ଏକଥା ଶୁଣି ଆମେ ଖାଲି ତାଙ୍କୁ ରଚନା ବିଷୟରେ ପଚାରିବାରୁ ସିଏ ବାଟ କାଟି ଚାଲିଗଲେ।

### ଅମରେନ୍ଦ୍ରଙ୍କର ପଶ୍ଚିମା ପୋଷାକ



ବିଧାନସଭା ଆରମ୍ଭ ହେଲେ ଗୃହ ଭିତରେ ଦେଖିବାକୁ ମିଳିଥାଏ ରଙ୍ଗ ବେରଙ୍ଗର ନେତାଙ୍କୁ। ପୋଷାକରୁ ଜଣା ପଡିଯାଏ କିଏ ଉପକୂଳିଆ ଆଉ କିଏ ପଶ୍ଚିମା। ପଶ୍ଚିମା ନେତାମାନଙ୍କ ପୋଷାକରେ ସମ୍ବଲପୁରୀ ଛାପ ନିଶ୍ଚିତ ଥିବ। ସମ୍ବଲପୁରୀ କପଡାର ପଞ୍ଜାବୀ, ସାର୍ଟ ନହେଲେ ସମ୍ବଲପୁରୀ ଜ୍ୟାକେଟଟିଏ ପିନ୍ଧିକି ଆସିଥିବେ। ସମ୍ବଲପୁରୀ ପୋଷାକ ପାଇଁ ପଶ୍ଚିମ ଓଡିଶାର ନେତାମାନେ ଏକ ପ୍ରକାର ପ୍ରତିଯୋଗିତା ଚଳାଇଥାନ୍ତି। ଏଥର କିନ୍ତୁ ବିଧାନସଭାରେ ଭିନ୍ନ ଦୃଶ୍ୟ। ଉପକୂଳିଆ ନେତାମାନେ ସମ୍ବଲପୁରୀ ଜ୍ୟାକେଟରେ ଆସୁଛନ୍ତି। ଏଥର ଗୃହରେ ଜଗତ୍‌ସିଂହପୁରର ଯୁବ ବିଧାୟକ ଅମରେନ୍ଦ୍ର ଦାସଙ୍କର ସମ୍ବଲପୁରୀ ଜ୍ୟାକେଟଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଅମରେନ୍ଦ୍ର ସାଧାରଣତଃ ଧଳା ରଙ୍ଗର ଫୁଲସାର୍ଟ ପିନ୍ଧି ଆସିଥାନ୍ତି। ଅତି ବେଶି ହେଲେ ଗୋଟିଏ ରଙ୍ଗର ହ୍ୟାଫ୍ ଜ୍ୟାକେଟ। ଏଥର କିନ୍ତୁ ଆକର୍ଷଣୀୟ ସମ୍ବଲପୁରୀ ପଶାପାଲି ଜ୍ୟାକେଟ ରେ ଆସୁଛନ୍ତି। ଏକଥାଟି ଆମେ ଜଣେ ଉପକୂଳିଆ ନେତାଙ୍କୁ ପଚାରିଲୁ। ସିଏ କହିଲେ ଅମରେନ୍ଦ୍ର ସବୁବେଳେ ଧଳା ସାର୍ଟ ପିନ୍ଧିଥାନ୍ତି। ହେଲେ କେହି ଜଣେ କହିଲା ମାଟିଆ ପ୍ୟାଣ୍ଟ ସହିତ ଧଳା ସାର୍ଟ କୁଆଡେ ବିଜେଡି ନେତାଙ୍କର ଅଫିସିଆଲ ପୋଷାକ। ବିଜେଡି ତ ସହଜେ ଅମରେନ୍ଦ୍ରଙ୍କର ପୁରୁଣା ଦଳ। ତେଣୁ ଆଗକୁ କାଳେ କିଛି ଅଘଟଣ ଘଟିବ ସେଥିପାଇଁ ସିଏ ଏବେ ରଙ୍ଗ ବଦଳଦେଇ ଦେଇଛନ୍ତି। ତାଙ୍କ ଦେଖାଦେଖି ଆଉ କିଛି ଉପକୂଳିଆ ନେତା ବି ତିନି ଚାରିଟି ଲେଖାଁଏ ସମ୍ବଲପୁରୀ ଜ୍ୟାକେଟ ମଗାଇଥିବା କୁହାଯାଉଛି। ଦେଖାଯାଉ ସମ୍ବଲପୁରୀ ପୋଷାକ ଅମରେନ୍ଦ୍ରଙ୍କୁ କେତେ ମାଇଲେଜ୍ ହେଉଛି।

### ଫୋନ୍ ଧରିଲେନି ସାଂସଦ




ସାଂସଦ ଫୋନ୍ ଧରିଲେନି। ସମ୍ମତି ଦେଇ ସଭାକୁ ଆସିଲେନି। ତାଙ୍କ ପାଇଁ ଘଣ୍ଟାଏ ବିଳମ୍ବରେ ସଭା ପଛେ ଆରମ୍ଭ ହେଲା, ସାଂସଦ କିନ୍ତୁ ଦେଖାଦର୍ଶନ ଦେଲେନି। ଏଭଳି ଘଟଣା ଘଟିଛି ଖୋଦ୍ ରାଜଧାନୀରେ। ପ୍ରଶାସକରୁ ରାଜନେତା ହୋଇଥିବା ଜଣେ ସାଂସଦ ରାଜଧାନୀର ଗୋଟିଏ ସଭାରେ ମୁଖ୍ୟ ଅତିଥି ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ଏଥିପାଇଁ ତାଙ୍କ ନାମରେ ବିଜ୍ଞାପନ ପ୍ରକାଶ ହୋଇଥିଲା। ସମସ୍ତେ ଭାବିଥିଲେ ପ୍ରଶାସନିକ ଅଭିଜ୍ଞତା ଥିବାରୁ ସାଂସଦ ଜଣଙ୍କ ଜୟନ୍ତୀ ସଭାରେ ଭଲ ଭାଷଣ ଦେବେ। ସେଥିପାଇଁ ଲୋକେ ବି ସଭାସ୍ଥଳରେ ରୁଣ୍ଡ ହୋଇଥିଲେ। କଲେଜ ପିଲା ବି ଅପେକ୍ଷା କରିଥିଲେ। ହେଲେ ସଭା ଆରମ୍ଭ ସମୟରେ ସାଂସଦ ଆସିଲେନି। ଆୟୋଜକମାନେ ଫୋନ୍ ଲଗେଇଲେ। ରିଙ୍ଗ ହେଲା ପଛେ ସାଂସଦ କିନ୍ତୁ ଫୋନ୍ ଉଠେଇଲେନି। ତାଙ୍କ ସୁରକ୍ଷାକର୍ମୀଙ୍କୁ ଯୋଗାଯୋଗ ମଧ୍ୟ ବିଫଳ ହେଲା। କାଳେ ଫୋନ୍ ହଜିଯାଇଥିବ ଓ ସାଂସଦ ଆସୁଥିବେ ତେଣୁ ଆୟୋଜକମାନେ ଅପେକ୍ଷା କଲେ। ପାଖାପାଖି ଘଣ୍ଟାଏ ଅପେକ୍ଷା କରିବାପରେ ସଭାକାର୍ଯ୍ୟ ଆରମ୍ଭ ହେଲା। ସଭାରେ ଭାଷଣ ଶୁଣିବାକୁ ଆସିଥିବା ତାଙ୍କରି ଜଣେ ବରିଷ୍ଠ ବ୍ୟକ୍ତି ସାଂସଦଙ୍କ ଚଉକିରେ ବସିଲେ। ତେବେ ସାଂସଦ ଜଣଙ୍କ ଏଭଳି କାହିଁକି ଆଚରଣ ପ୍ରଦର୍ଶନ କଲେ ତାହାର ଟେର୍ କେହି ପାଇଲେନି। ଆଗକୁ ଏଭଳି ସଭାକୁ ଆଉ ସେହି ସାଂସଦଙ୍କୁ ନଡାକିବାପାଇଁ ଆୟୋକମାନେ ସ୍ଥିର କରିଥିବା ଜଣାଯାଇଛି।

### ରବି ରାୟଙ୍କୁ ନେଇ ଟଣା ଓଟରା



ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କୁ ନେଇ ରାଜଧାନୀରେ ଆରମ୍ଭ ହୋଇଛି ରାଜନୀତି। ରବି ରାୟଙ୍କ ଜୟନ୍ତୀକୁ ବର୍ଷବ୍ୟାପି ପାଳନ ପାଇଁ ଆଗେଇ ଆସିଥିବା ଲୋକେ ଦୁଇ ଭାଗରେ ବାଣ୍ଟିହୋଇ ଯାଇଛନ୍ତି। ଗୋଟିଏ ଦଳ ରବି ରାୟଙ୍କ ଫଟୋ ସହିତ ବ୍ରୋଚରଟିଏ ଛାପିଛନ୍ତି। ସେଥିରେ ଜରୁରୀ ପରିସ୍ଥିତି ସମୟରେ ରବି ରାୟ କିଭଳି ଜେଲ୍ ଗଲେ ତାହା ଉଲ୍ଲେଖ ନାହିଁ। ରବି ରାୟଙ୍କ ଜୀବନ କାହାଣୀରୁ ଜରୁରୀ ପରିସ୍ଥିତି ହଟିଯାଇଛି। ଏହା ଦେଖିବାପରେ ଆଉ ଗୋଟିଏ ଗୋଷ୍ଠି ରାଗି ପାଚି ଲାଲ୍ ହୋଇଛନ୍ତି। ସେମାନେ ଏବେ ସମାନ୍ତରାଳ ଭାବେ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ସଜବାଜ ହେଲେଣି। ତେବେ ରବି ରାୟଙ୍କ ସ୍ୱର୍ଗାରୋହଣର ଏତେ ଦିନ ପରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ଆଇଡିଆଟି କାହା ମୁଣ୍ଡକୁ ଆସିଲା ଓ ଯଦି ଆସିଲା ତେବେ ଏଥିରେ କିଭଳି ରାଜନୀତି ପଶିଲା ତାହା ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ରବି ରାୟଙ୍କୁ ନିଜର ଆଦର୍ଶ ବୋଲି ବୋଲି ଭାବୁଥିବା ଅନେକ ବୁଦ୍ଧିଜୀବୀ ଏହାକୁ ନାପସନ୍ଦ କରିବା ସହିତ ଏଭଳି କାର୍ଯ୍ୟରୁ ଦୂରେଇ ରହିବାକୁ ମତ ଦେଉଛନ୍ତି। ତେବେ ଏହା କୁଆଡେ ବନ୍ଦ ହୋଇପାରିବ ନାହିଁ କୁହାଯାଉଛି। କାରଣ ଜନ୍ମ ଶତବାର୍ଷିକୀ ପାଇଁ ଗୋଟିଏ ଗୋଷ୍ଠି ପ୍ରବଳ ପାଣ୍ଠି ସଂଗ୍ରହ କରିଥିବାରୁ ଯେମିତି ହେଲେ ବର୍ଷବ୍ୟାପି ପାଳନ ପାଇଁ ଲାଗି ପଡିଛନ୍ତି। ଏହା ଦେଖିଲା ପରେ ଯାହା ଜଣାପଡୁଛି ଆଗାମୀ ବର୍ଷକ ପର୍ଯ୍ୟନ୍ତ ରବି ରାୟଙ୍କ ନାଁରେ ରାଜଧାନୀରେ ବାଦିପାଲା ଚାଲିବାଟା ଏକ ପ୍ରକାର ଥୟ। କମିଶନରେଟ ପୁଲିସ୍ ଏହା ଉପରେ ନଜର ରଖିବାକୁ ଏବେଠାରୁ ମତପ୍ରକାଶ ପାଇଲାଣି।

# ଖୋଲିଛି ମଣ୍ଡି, ହେଲେ ଉଠୁନି ଧାନ

- ଟୋକନକୁ ନେଇ ବଢୁଛି ଟେନସନ
- ହଜାର ହଜାର ଧାନ ବସ୍ତା ମଣ୍ଡିରେ ପଡ଼ିଛି

ବରଗଡ଼, ୩୦।୧୧(ସଂଚାର ବ୍ୟୁରୋ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଖୋଲିଛି ଧାନମଣ୍ଡି କିନ୍ତୁ କିଣା ବିକା ଠପ୍। ଖରିଫ ଋତୁ ପାଇଁ ଧାନକିଣା ବିକା ପ୍ରକ୍ରିୟା ଆରମ୍ଭରୁ ଅଚଳ ଅବସ୍ଥା ଦେଖିବାକୁ ମିଳିଛି। କେଉଁଟି ଟୋକନ ତ ପୁଣି କେଉଁଠି ଚାଷୀ ପଞ୍ଜିକରଣକୁ ନେଇ ବିବାଦ ମୁଣ୍ଡ ଟେକୁଛି। କଟନି ଛଟନି, ଟାନର ମାନ ଓ ଅଖା ସମସ୍ୟା ଭଳି ଆନକ ସମସ୍ୟା ରହିଥିବା ବେଳେ ଚାଷୀ ଦୋଛକିରେ ପଡ଼ିଛି। ପୂର୍ବବର୍ଷ ଭଳି ଚାଷୀ ଯେମିତି କୌଣସି ଅସୁବିଧା ଭୋଗିବେନି ସେଥିଲାଗି ସରକାରୀ ତତ୍ପରତା ପ୍ରକାଶ ପାଇଥିଲେ ହେଁ ଅଧିକାରୀଙ୍କ ବିଳମ୍ବିତ ନିଷ୍ପତ୍ତି ସବୁ ଫସର ଫିଟାଉଛି। ଫଳରେ ଧାନ କିଣା ବିକା ତୃତୀୟ ଦିନରେ ମଧ୍ୟ ଠପ୍ ହୋଇଛି। ଅନ୍ୟପଟେ ଟୋକନକୁ ନେଇ ବଢ଼ିଛି ଟେନସନ୍। ଆଉ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ। ଯାହାର



ଧାନ ହୋଇସାରିଛି ତାହା ପାଖକୁ ଟୋକନ ଆସିନଥିବା ବେଳେ ଯାହାର ଧାନ ହୋଇନି ତାହା ପାଖକୁ ଟୋକନ୍ ଆସିଛି। କେମିତି ଧାନ ବିକ୍ରି କରିବେ ସେନେଇ ଚିନ୍ତାରେ ଚାଷୀ କୂଳ ଥିବା ବେଳେ ହଜାର ହଜାର ଧାନ ବସ୍ତା ମଣ୍ଡିରେ ପଡ଼ିରହିଛି। ସମ୍ଭାବ୍ୟ ବର୍ଷା ଯୋଗୁଁ ବହୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କେତେବେଳେ ପ୍ରଶାସନ ଧାନ କିଣିବେ ଅପେକ୍ଷାରେ ରହିଛି ଚାଷୀ। ତେବେ ଚଳିତ ବର୍ଷ ଖରିଫ ଋତୁ ଧାନ ସଂଗ୍ରହରେ ୧ ଲକ୍ଷ ୬୩ ହଜାର ୭୨୭ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଅନ୍ୟପଟେ ପାଞ୍ଚ ହଜାରରୁ ଅଧିକ ଚାଷୀ ପଞ୍ଜିକରଣରୁ ବାଦ୍ ପଡ଼ିଛନ୍ତି। ତେବେ ଚାଷୀଙ୍କୁ ୨୮ ତାରିଖ ପୂର୍ବରୁ ପଞ୍ଜିକରଣରେ ସାମିଲ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା, ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ।

### ଗୋଚାଲାଣ ବେଳେ ଗୋରୁ ଗାଡ଼ି ଦୁର୍ଘଟଣା

## ଚମ୍ପଟ ମାରିଲା ଚାଳକ, ୨୦ ଗାଈ ଉଦ୍ଧାର



ଢ଼େଙ୍କାନାଳ,୩୦।୧୧(ସଂଚାର ବ୍ୟୁରୋ): ଆଜି ମଧ୍ୟରାତ୍ରରେ ଢ଼େଙ୍କାନାଳ- ଅନୁଗୋଳ ୫୫ ନଂ. ଜାତୀୟ ରାଜପଥର ସିମିନାଇ କଲେଜ ଛକ ଠାରେ ଏକ ୧୦ ଚକିଆ ଗୋରୁ ବୋଝେଇ ଟ୍ରକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଏଭଳି ଅଘଟଣ ପରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ଗୋରୁ ବୋଝେଇ ଟ୍ରକଟି ଖୋର୍ଦ୍ଧା କିମ୍ବା ନୟାଗଡ଼ ଅଞ୍ଚଳରୁ ଗାଈ ନେଇ କଲିକତା ଆଡ଼କୁ ଯାଉଥିବା ବେଳେ ବଡମ୍ବା ସେତୁ ନିକଟରୁ ବଡମ୍ବା ପୁଲିସ ଟ୍ରକକୁ ଧରିବା ପାଇଁ ଚେଷ୍ଟା କରିଥିଲା। ବାଟରେ ମାଣିଆବନ୍ଧ ଓ ତିଗିରିଆ, ମହିଷାପାଟ ଛକ ଠାରେ ୫୫ ନଂ ଜାତୀୟ ରାଜପଥ ହୋଇ ଦ୍ରୁତ ଗତିରେ ପଳାଉଥିଲା। ପଛରେ ବଡ଼ମ୍ବା ଓ ଆଠଗଡ଼ ପୁଲିସ ଟ୍ରକକୁ ପିଛା କରୁଥିଲେ। ଟ୍ରକ ଆଗରେ ଗୋଟାଏ କଳା ରଙ୍ଗ ଟାଟା ସିଆରା ଗାଡ଼ି ଏସ୍କର୍ଟ କରି ନେଉଥିଲା। ମାତ୍ର ସିମିନାଇ କଲେଜ ଛକ ଠାରେ ଟ୍ରକ କାମାକ୍ଷାନଗର ଆଡ଼କୁ ଯିବାକୁ ଚେଷ୍ଟା କରୁଥିଲା। ମାତ୍ର ସ୍ଥାନୀୟ ଅଧିବାସୀମାନେ ଘେରିଯିବାରୁ ଡ୍ରାଇଭର ଚଳନ୍ତା ଗାଡ଼ିରୁ ଡେଇଁ ପଡ଼ି ଫେରାର ହୋଇଗଲା। ଟ୍ରକଟି ପଛୁଆ ଗଡ଼ି ଗଡ଼ି ୧୧ କେଭି ବିଦ୍ୟୁତ୍ ଷ୍ଟ୍ରକଚରରେ ପିଟି ହୋଇଥିଲା । ସ୍ଥାନୀୟ ବିଦ୍ୟୁତ ବିଭାଗ ଆସି ଲାଇନ କାଟିଲା ପରେ ଗୋରୁମାନଙ୍କୁ ଉଦ୍ଧାର କରାଯାଇଛି । ୨୦ ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ଗୋବିନ୍ଦପୁର ଓ ରାଧାଗୋବିନ୍ଦଜୀଉ ଗୋଶାଳାରେ ରଖାଯାଇଛି । ଝାରଗାଡ଼ିଆ ଫାଣ୍ଡି ପୁଲିସ ଓ ସିମିନାଇ ଗୋସେବକ ସଂଘ ଯୁବକମାନେ ଉଦ୍ଧାର କରିଛନ୍ତି ।

### ● ଅସଲି ନାଁରେ ବିକୁଥିଲେ ନକଲି ସାମଗ୍ରୀ

## ରେଡ୍ ପରେ ଦୋକାନୀ ଅଟକ



କଟକ,୩୦।୧୧(ସଂଚାର ବ୍ୟୁରୋ): ଅସଲି ନାଁରେ ମିଳୁଛି ନକଲି ଘର ତିଆରି ସାମଗ୍ରୀ। ଅଭିଯୋଗ ଆସିବା ପରେ ପୋଲିସ ସହାୟତାରେ ଚଢ଼ଉ କରି ନକଲି ସାମଗ୍ରୀ ଜବତ କରିବା ସହ ଦୋକନୀଙ୍କୁ ଅଟକ ରଖି ତଦନ୍ତ କରୁଛି ପୋଲିସ। କଟକ ଚୌଦ୍ୱାର ଅଞ୍ଚଳରେ ସାମ୍ନାକୁ ଆସିଛି ଏଭଳି ଘଟଣା। ସୂଚନା ଅନୁସାରେ, ରବିବାର ଚୌଦ୍ୱାର ଓଟିଏମ ବଜାରରେ ଥିବା ଜଗନ୍ନାଥ ଟ୍ରେଡର ନାମକ ଏକ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ କରି ଲକ୍ଷାଧିକ ଟଙ୍କାର ନକଲି ପ୍ରୋଫାଇଲ୍ ସିଟ୍ ଜବତ କରାଯାଇଛି। ଏସବୁରେ ଜିନ୍ଦଲ ଷ୍ଟିଲର ନାଁ ରହିଥିଲା। ମାତ୍ର ଏସବୁ ନକଲି। ଅଭିଯୋଗ ହୋଇଛି ଦୀର୍ଘ ଦିନ ହେବ ଚୌଦ୍ୱାର ଅଞ୍ଚଳରେ ନାମୀ ଦାମୀ କମ୍ପାନୀର ନକଲି ଘର ତିଆରି ଉପକରଣ ବିକ୍ରି କରି ବ୍ୟବସାୟୀ ଜଣଙ୍କ ଭଲ ମୁନାଫା କମାଉଥିଲେ। ଏମିତିରେ ଅଭିଯୋଗ ପାଇବା ପରେ ଜିନ୍ଦଲ ଷ୍ଟିଲ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ପ୍ରୋଫାଇଲ୍ ସିଟ ଜବତ୍ କରିବା ସହିତ ବ୍ୟବସାୟୀଙ୍କୁ ଅଟକ ରଖି ତଦନ୍ତ କରୁଛି ଚୌଦ୍ୱାର ପୋଲିସ।

## ୩୦ଗ୍ରାମ ବ୍ରାଉନସୁଗର ଜବତ

### ନିଶା ମାଫିଆକୁ ବାନ୍ଧିଲା ପୁଲିସ



ଖୋର୍ଦ୍ଧା ୩୦।୧୧(ସଂଚାର ବ୍ୟୁରୋ): ଖୋର୍ଦ୍ଧାରେ ନିଶା ମାଫିଆଙ୍କ ଉପରେ ପୋଲିସର କଡା ଆଭିମୁଖ୍ୟ। ଜିଲ୍ଲାରେ ନିଶା ମାଫିଆଙ୍କୁ ତଡିପାର କରିବା ପାଇଁ ଏସପିଙ୍କ ନିର୍ଦ୍ଦେଶରେ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଜଣେ ନିଶା ମାଫିଆକୁ ବେପାର କରୁଥିବା ସମୟରେ ଗିରଫ କରି ୩୦ ଗ୍ରାମ ବ୍ରାଉନ ସୁଗର ଜବତ କରିଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କ ଠାରୁ ବୁଲେଟ୍, ମୋବାଇଲ, ୧୫୦୦ ଟଙ୍କା ଜବତ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାରରେ ନୂଆ ନୂଆ ଯୁବକମାନେ ନିୟୋଜିତ ହେଉଛନ୍ତି। ସେ ସମ୍ପର୍କରେ ପୋଲିସର ଅନୁସନ୍ଧାନ ଜାରି ରଖି ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି।

### ବନ୍ଧୁକ ତିଆରି ସାମଗ୍ରୀ ସହ ୨ ବନ୍ଧୁକ ଜବତ

## ଛାତ ଉପରେ ଚାଲିଥିଲା କାରଖାନା, ୨ ଗିରଫ

ନୟାଗଡ଼ ୩୦।୧୧(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ରଣପୁର ଥାନା ପୋଲିସ ବନ୍ଧୁକ ତିଆରି ସାମଗ୍ରୀ ସହ ଦୁଇଟି ବନ୍ଧୁକ ଜବତ କରିଛି। ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଦୁଇଜଣ ହେଲେ ଶରଣକୁଳ ଥାନା ଜାକେଡ଼ା ଗ୍ରାମର ପ୍ରଶାନ୍ତ ବିଶ୍ୱାଳ ଏବଂ ରଣପୁର ଥାନା ଡମସାହି ଲଡୁକେଶ୍ୱରପୁର ଗ୍ରାମର ତୋଫାନ ବିଶ୍ୱାଳ। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।



ସୂଚନାଯୋଗ୍ୟ ଯେ, ଶନିବାର ଦର୍ପନାରାୟଣପୁର ଫାଣ୍ଡି ପୋଲିସ ଗାଡି ଯାଞ୍ଚ କରୁଥିବା ସମୟରେ ଗୋଟିଏ ବାଇକରୁ ଦେଶୀ ପିସ୍ତଲ ପାଇଥିଲା। ପଚରାଉଚରା କରିବା ପରେ ସେ ଏହି ବନ୍ଧୁକ ପ୍ରଶାନ୍ତ ବିଶ୍ୱାଳଙ୍କ ଠାରୁ କିଣିଥିବା ସ୍ୱୀକାର କରିଥିଲା। ଯାହାକୁ ନେଇ ପୋଲିସ ଟିମ୍ ଗୋଡ଼ିପଡ଼ାରେ ରହିଥିବା ପ୍ରଶାନ୍ତର ଘର ଉପରେ ଚଢ଼ାଉ କରିବା ପରେ ସେ ବନ୍ଧୁକ ତିଆରି କରୁଥିବା ଜଣାପଡ଼ିଥିଲା। ତାକୁ ପୋଲିସ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେ ଆକ୍ରମଣ କରିଥିଲା। ପ୍ରଶାନ୍ତର ଆକ୍ରମଣରେ ଜଣେ ଏଏସଆଇ ଆହତ ହୋଇଥିବା ନୟାଗଡ଼ ଏସପି ଏସ୍ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପରେ ପୋଲିସ ପ୍ରଶାନ୍ତକୁ କାବୁ କରିବା ସହ ତା'ର ଘର ଛାତ ଉପରେ ଚାଲିଥିବା ବନ୍ଧୁକ କାରଖାନାରୁ ସମସ୍ତ ତିଆରି ସାମଗ୍ରୀ ଜବତ କରିଛି । ଏହା ସହିତ ଆଉ ଏକ ବନ୍ଧୁକ ଜବତ କରିଛି। ଏସ୍‌ପିଙ୍କ ସୂଚନାନୁସାରେ, ଦୁଇଟି ବନ୍ଧୁକ ସମେତ ଡାଏ ମେସିନ, ଓଲଡିଂ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ବାଇକ ଜବତ କରାଯାଇଛି । ପ୍ରଶାନ୍ତ ନାଁରେ ଶରଣକୁଳ ଥାନାରେ ଏକାଧିକ ମାମଲା ରହିଛି ।

## କୁଳଡ଼ିହାରେ ହାତୀର ମୃତଦେହ ଠାବ

ନୀଳଗିରି, ୩୦।୧୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ପାଖାପାଖି ୮୫ ରୁ ଊର୍ଦ୍ଧ୍ୱ ହାତୀ ରହୁଛନ୍ତି। ଗତ କିଛି ବର୍ଷ ହେବ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ହାତୀ ମୃତ୍ୟୁ ହେଉଥିବା ବେଳେ ପୁଣି ଏକ ମାସର ବ୍ୟବଧାନ ପରେ ପୁଣି ଏକ ମାଇ ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

କୁଲଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ସେକ୍ସନ ବାବନ୍ଧ ବିଟ ପାର୍ବତୀ କୁଣ୍ଡନାଳ ନିକଟରେ ହାତୀଟି ଚଟ୍ଟୁରୀ ଉପରେ ମରି ପଡିଥିବା ରବିବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ପାଟ୍ରୋଲିଂ ବେଳେ ଦେଖିବାକୁ ପାଇଥିଲେ। ବାଲେଶ୍ୱର ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ୍ ତଟିନି ସେଠି, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ପାହାଡ଼ ଉପରକୁ ଯାଇ ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ହାତୀଟି ୫ ରୁ ୬ ଦିନ ପୂର୍ବରୁ ମରି ପଡ଼ିଥିବା ବେଳେ ହାତୀର ବୟସ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ ଏବଂ ହାତୀ



ମୃତ୍ୟୁର କାରଣ ହାତୀ ଗୋଠ ମଧ୍ୟରେ ହାତୀ ହାତୀ ଲଢେଇ ପାଇଁ ସେ ପଥର ଉପରୁ ତଳକୁ ଖସି ମରି ଯାଇଥିବା ବନବିଭାଗ ଅନୁମାନ କରୁଛି। ସୋମବାର ତଥା ଆଜି ବ୍ୟବଛେଦ ପାଇଁ ବନବିଭାଗର ସ୍ୱତନ୍ତ୍ର ଏକ ଟିମ୍ ଓ ପ୍ରାଣୀ ଚିକିତ୍ସକ ପହଞ୍ଚିବେ। ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ଘଟଣା ପ୍ରକୃତିପ୍ରେମୀ ଓ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ହାତୀଙ୍କ ଜୀବନ ଯାଉଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ନେଇ ପ୍ରଶ୍ନ କରିଛନ୍ତି।

## ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଓପେନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

● ୧୮ ରାଜ୍ୟର ୨୦୦ ଭାରତୀୟ ଖେଳାଳିଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, ୩୦।୧୧ (ସଂଚାର ବ୍ୟୁରୋ): ଆଇକନିକ୍ ସ୍ପୋର୍ଟସ୍ ଫେଡରେଶନ୍ ଓ ଇଣ୍ଡିଆନ୍ ଗେଟବଲ୍ ୟୁନିଅନର ସଂଯୁକ୍ତ ଉଦ୍ୟମରେ 'ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଓପେନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫' ଆଜି କଳିଙ୍ଗ ଷ୍ଟେଡିୟମ୍‌ରେ ଆରମ୍ଭ ହୋଇଛି। ଏହି ଅବସରରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ବିଜେପି ମିଡିଆ ସେଲ୍ ଅଧ୍ୟକ୍ଷ ସୁଜିତ ଦାସ ଉପସ୍ଥିତ ଥିଲେ। ତାଇୱାନ୍ ଓ ଇଣ୍ଡୋନେସିଆର ଅଧିକାରୀ ଓ ଖେଳାଳିମାନଙ୍କ ସହ ୧୮ ରାଜ୍ୟରୁ ୨୦୦ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି।




ଆଇଏସ୍‌ଏଫ୍‌ର ଡ଼. ଚିଦାତ୍ମିକା ଖଟୁଆ, ଡ଼. ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ, ଡ଼. ପ୍ରଦୀପ୍ତ ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ମିଷ୍ଟର ତରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ବିଶିଷ୍ଟ ନେତୃତ୍ୱ ଉପସ୍ଥିତ ଥିଲେ। ଆଜିୟୁ ପକ୍ଷରୁ ଡ଼. ଉମାକାନ୍ତ ପାଣି ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଆଇଏସ୍‌ଏଫ୍ କାନାଡାରେ ଆନ୍ତର୍ଜାତୀୟ ଗେଟବଲ୍ ଲିଗ୍ ଆରମ୍ଭ କରିବାକୁ ଶୀଘ୍ର ଘୋଷଣା କରିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରାମାଣିକ ଆଳୁ ବିହନ ବିତରଣ

ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ଆଜି କଟକ ଜିଲ୍ଲା ଆଠଗଡ଼ ବ୍ଲକର ଧୁରୁଷିଆ ପଞ୍ଚାୟତ ଅନ୍ତର୍ଗତ ଜଗମୋହନପୁର ଗ୍ରାମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ରବିଋତୁ ୨୦୨୫ରେ ରାଜ୍ୟ ସରକାରଙ୍କ 'ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ୍ନ' ଯୋଜନା ଅଧୀନରେ ପ୍ରାମାଣିକ ଆଳୁ ବିହନ ବିତରଣ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ହୋଇଛି । ଚଳିତ ରବି ଋତୁରେ ଗୁଣାତ୍ମକ ଅଧିକ ଉତ୍ପାଦକ୍ଷମ ବିହନ ଆଳୁ ଯୋଗାଣ ପୂର୍ବକ ଆଳୁ ଚାଷର ବ୍ୟାପକ ପ୍ରସାର ଏବଂ କୃଷକ ମାନଙ୍କର ଆର୍ଥିକ ଉନ୍ନତି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ ।



ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଆଳୁଚାଷର ଉତ୍ପାଦନ ବୃଦ୍ଧି ନିମନ୍ତେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ରାଜ୍ୟରେ ଆଳୁ ଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବ୍ୟକ୍ତ କରିଥିଲେ ।

ଆଠଗଡ଼ର ବିଧାୟକ ତଥା ପୂର୍ବତନ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଳୁର ଅଧିକ ଉତ୍ପାଦନକ୍ଷମ ଗୁଣାତ୍ମକ ବିହନ ସହିତ ଉନ୍ନତ ବୈଜ୍ଞାନିକ ଚାଷ ପ୍ରଣାଳୀ ମାଧ୍ୟମରେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସମବେତ କୃଷକମାନଙ୍କୁ ଉତ୍ସାହିତ କରିଥିଲେ । ରାଜ୍ୟ ସରକାରଙ୍କ ବିହନ ଯୋଗାଣ ନିଗମର ପରିଚାଳନାକାରୀ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ରାଜ୍ୟର କୃଷକମାନଙ୍କ ଚାହିଦା ଅନୁସାରେ ଯଥାସମୟରେ ପ୍ରାମାଣିକ ବିହନ ଆଳୁ ଯୋଗାଣ ଦିଗରେ ନିଗମର ପ୍ରଚେଷ୍ଟା ସମ୍ବନ୍ଧରେ ଅବଗତ କରାଇଥିଲେ । ବର୍ତ୍ତମାନ ସୁଦ୍ଧା ୧,୪୦,୦୦୦ କ୍ୱିଣ୍ଟାଲ ବିହନ ଆଳୁ ପଠାଯାଇଛି ଏବଂ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ୯୧,୬୩୩ କ୍ୱିଣ୍ଟାଲ ବିହନ ଆଳୁ ବଣ୍ଟନ କରାଯାଇଛି। କଟକ ଜିଲ୍ଲାରେ, ୮୦୦ ହେକ୍ଟର ଜମିକୁ କଭର କରିବାର ଯୋଜନା ରହିଛି, ଯାହା ମଧ୍ୟରୁ ଆଠଗଡ଼ ଉପଖଣ୍ଡରେ ୨୭୦ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ଯୋଜନା ରହିଛି। ଏହା ପରେ କୃଷକମାନଙ୍କୁ ପ୍ରାମାଣିକ ବିହନ ଆଳୁ ବିତରଣ ଏବଂ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଆଳୁ ବିହନ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ, ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, ସୁବ୍ରତ କୁମାର ଚାନ୍ଦ, କଟକ ଜିଲ୍ଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସାଣ୍ଡୁଲ୍ ରାମା ରାଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ବାଙ୍କୀ ଉପଖଣ୍ଡର ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଆଠଗଡ଼ ଉପଖଣ୍ଡ ର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା କଟକ ଜିଲ୍ଲାର ସମସ୍ତ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀଗଣ, ସ୍ଥାନୀୟ ଲୋକ ପ୍ରତିନିଧି ଉକ୍ତ ବିହନ ଆଳୁ ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଇପିଏଫଓକୁ ନେଇ ନୂଆ ନିୟମ

# ଅନ୍‌ଲାଇନରେ ପୁରୁଣା ଆକାଉଣ୍ଟରୁ ନୂଆ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର ସୁବିଧା



ନୂଆଦିଲ୍ଲୀ,୩୦।୧୧: ଦେଶର ପ୍ରାୟ ସମସ୍ତ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କର ପିଏଫ ଆକାଉଣ୍ଟ ଅଛି। ପ୍ରତି ମାସରେ ପିଏମ ଆକାଉଣ୍ଟରେ ଏକ ନିର୍ଦ୍ଦିଷ୍ଟ ପରିମାଣ ଜମା କରାଯାଏ। ପୂର୍ବରୁ, ନୂତନ ଆକାଉଣ୍ଟକୁ ପିଏଫ ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ବହୁତ ଅସୁବିଧା ହେଉଥିଲା। ପୁରୁଣା କମ୍ପାନୀ ଛାଡି ନୂତନ ଆକାଉଣ୍ଟରେ ଯୋଗ ଦେବା ପରେ, ଲୋକମାନଙ୍କୁ ସେମାନଙ୍କର ପୁରୁଣା ପିଏଫ ଆକାଉଣ୍ଟରୁ ନୂତନ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ଏକ ଫର୍ମ ପୂରଣ କରିବାକୁ ପଡୁଥିଲା। ଏହି ଫର୍ମ ଦାଖଲ କରିବା, ଅନୁମୋଦନ ପାଇଁ ଅପେକ୍ଷା କରିବା ଏବଂ ତା'ପରେ ସ୍ଥାନାନ୍ତର ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ସପ୍ତାହ ସପ୍ତାହ ଧରି ଚାପର ସମ୍ମୁଖୀନ ହେବା ସାଧାରଣ ଥିଲା। ବର୍ତ୍ତମାନ, ଏହି ଅସୁବିଧା ଦୂର ହୋଇଛି। ନୂତନ ସିଷ୍ଟମ ସହିତ, ପିଏଫ ସ୍ଥାନାନ୍ତର ପାଇଁ କୌଣସି ଫର୍ମ ଆବଶ୍ୟକ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନଲାଇନରେ ପରିଚାଳିତ ହୁଏ, ଏବଂ ସିଷ୍ଟମ ସ୍ୱୟଂଚାଳିତ ଭାବରେ ଆପଣଙ୍କର ପୁରୁଣା ଏବଂ ନୂତନ ପିଏଫ ଆକାଉଣ୍ଟକୁ ଚିହ୍ନଟ କରେ ଏବଂ ସ୍ଥାନାନ୍ତର ସେଟ ଅପ କରେ। ପୂର୍ବରୁ, ଚାକିରି ଛାଡିବା ପରେ ଆପଣଙ୍କର ପୁରୁଣା ପିଏଫ ଆକାଉଣ୍ଟରୁ ନୂତନ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ଫର୍ମ ୧୩ ପୂରଣ କରିବାକୁ ପଡୁଥିଲା। ଏହା ଅନେକ ଲୋକଙ୍କ ପାଇଁ ପିଏଫ ସ୍ଥାନାନ୍ତରକୁ ଏକ କଷ୍ଟକର କାର୍ଯ୍ୟ କରିଥିଲା। ବର୍ତ୍ତମାନ, ଏହି ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି। ଆପଣ ଏକ ନୂତନ କମ୍ପାନୀରେ ଯୋଗ ଦେବା ମାତ୍ରେ, ଆପଣ ସମାନ ୟୁଏଏନ ବଜାୟ ରଖନ୍ତି। ସିଷ୍ଟମ ସ୍ୱୟଂଚାଳିତ ଭାବରେ ଆପଣଙ୍କର ଉଭୟ ପିଏଫ ଆକାଉଣ୍ଟକୁ ଟ୍ରାକ କରେ। ଇପିଏଫଓ ପୋର୍ଟାଲରେ, ଆପଣ କେବଳ କେଉଁ ଆକାଉଣ୍ଟକୁ ସକ୍ରିୟ ରଖିବେ ତାହା ଚୟନ କରିପାରିବେ। ବଳକା ପାଣ୍ଠି ସ୍ୱୟଂଚାଳିତ ଭାବରେ ପୁରୁଣା ଆକାଉଣ୍ଟରୁ ନୂତନ ଆକାଉଣ୍ଟରେ ମିଶ୍ରଣ ହୋଇଯାଏ। ଆଉ କୌଣସି କମ୍ପାନୀ ପରିଦର୍ଶନ କିମ୍ବା ଫର୍ମ ପୂରଣ କରିବାକୁ ପଡ଼ିବ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟା କିଛି କ୍ଲିକ ରେ ସମାପ୍ତ ହୋଇଛି। ଏହା ଚାକିରି ପରିବର୍ତ୍ତନ ସମୟରେ ପିଏଫ ସ୍ଥାନାନ୍ତରର ବିଳମ୍ବ ଏବଂ ଅସୁବିଧାକୁ ପ୍ରାୟତଃ ଦୂର କରିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୯,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୯,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୬୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୯,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୮୨୦ ଓ ୧,୧୯,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୬,୦୦୦ ଟଙ୍କା ହୋଇଛି।

# ଭବିଷ୍ୟତକୁ ଚୁରମାର କରିଦେବ ଏଆଇ

### ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ

ନୂଆଦିଲ୍ଲୀ, ୩୦।୧୧: ସତ ହେଲା ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଣିଷ ସମାଜ ପାଇଁ ବିପଦ। ମଣିଷକୁ ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ମଣିଷକୁ ନିଜ ଆୟତ୍ତରେ ରଖିବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନର ହଜାର ହଜାର କର୍ମଚାରୀ। ଆମାଜନ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ପଠାଇଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଇଣ୍ଡଷ୍ଟ୍ରିରେ ହଇଚଇ। ସିଇଓ ଆଣ୍ଡି ଜାସିକୁ ଏହି ଖୋଲା ଚିଠିରେ, ଆମାଜନ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢ଼ୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରାନଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଏଆଇ କାଲିକୁ ଗିଳିପାରେ।ଆମାଜନ ସିଇଓ ଆଣ୍ଡି ଜାସିଙ୍କୁ ପଠାଯାଇଥିବା ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।



କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ, ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି।ଚିଠିରେ ଦାବି କରାଯାଇଛି ଯେ ଆମାଜନର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣରେ ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇରେ ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

କର୍ମଚାରୀମାନଙ୍କ ବିଶ୍ୱାସ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଲକ୍ଷ୍ୟ ମଣିଷକୁ ଅଧିକ ସମୟ, ସୁରକ୍ଷା ଏବଂ ସୃଜନଶୀଳ ସ୍ୱାଧୀନତା ଦେବା ଉଚିତ। ଏପରି ଏକ ବିଶ୍ୱ ସୃଷ୍ଟି କରାଯିବା ଉଚିତ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ମାନବ କ୍ଷମତାକୁ ବୃଦ୍ଧି କରେ, ସେମାନଙ୍କୁ ସୀମିତ କରେ ନାହିଁ। କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏଆଇ ବିକାଶ ଭୁଲ ଦିଗରେ ଯାଏ, ତେବେ ଏହା ପରିବେଶ, ମାନବାଧିକାର ଏବଂ ବ୍ୟକ୍ତିଗତ ସ୍ୱାଧୀନତା ପାଇଁ ବିପଦ ସୃଷ୍ଟି କରିପାରେ। ତେଣୁ କମ୍ପାନୀ ବ୍ୟାପକ ସ୍ୱାର୍ଥ ଏବଂ ନୀତିକୁ ପ୍ରାଥମିକତା ଦେଉଥିବା ନୀତି ପ୍ରଣୟନ କରୁ।କର୍ମଚାରୀମାନେ ସିଇଓଙ୍କୁ ଏକ ଚିଠିରେ ଲେଖିଛନ୍ତି, ଆମେ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛୁ।

ଆଜି ନିଆଯାଇଥିବା ନିଷ୍ପତ୍ତି ଭବିଷ୍ୟତକୁ ଗଠନ କରିବ। ଆମକୁ ଏପରି ନିଷ୍ପତ୍ତି ନେବାକୁ ପଡିବ ଯାହା ଭବିଷ୍ୟତ ପିଢ଼ି ଗର୍ବ କରିପାରିବେ। ତେବେ ଆମାଜନ କର୍ମଚାରୀଙ୍କ ଅଭିଯୋଗ ପରେ ବର୍ତ୍ତମାନ ଏଆଇ ଗଡଫାଦର ଜେଫ୍ରି ହିଣ୍ଟନ ଙ୍କ ଭବିଷ୍ୟବାଣୀ ସତ ହୋଇଛି। ମଣିଷକୁ ଆଙ୍ଗୁଳିରେ ନଚାଇବ ଏଆଇ। ଅଧିକ ବୁଦ୍ଧିମାନ ସାଜି ମଣିଷକୁ ଡ଼ରାଇବ କହିଥିଲେ ଜେଫ୍ରି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।



# ୩୦ ହଜାର ଦରମା ହୋଇଥିଲେ କେତେ ମିଳିବ ଗ୍ରାଚ୍ୟୁଇଟି?

ନୂଆଦିଲ୍ଲୀ,୩୦।୧୧: ବର୍ତ୍ତମାନ ପାଞ୍ଚ ବର୍ଷ ତୁଳନାରେ ଗୋଟିଏ ବର୍ଷ ନିରନ୍ତର କାମ କଲେ ମଧ୍ୟ ଆପଣ ଗ୍ରାଚ୍ୟୁଇଟି ପାଇବାକୁ ହକଦାର ହେବେ। ତେଣୁ, ଆସନ୍ତୁ ଜାଣିବା ଆପଣ ମୂଳ ଦରମା ଉପରେ କେତେ ଟଙ୍କା ପାଇବେ। ଗ୍ରାଚ୍ୟୁଇଟି ଲାଭ କେବଳ ସେତେବେଳେ ଉପଲବ୍ଧ ହୁଏ ଯେତେବେଳେ ଜଣେ କର୍ମଚାରୀ ଦୀର୍ଘ ବିରତି ବିନା ଲଗାତାର ଗୋଟିଏ ବର୍ଷ ପାଇଁ କମ୍ପାନୀରେ କାମ କରିଛନ୍ତି। ଉଦାହରଣ ସ୍ୱରୂପ, ଯଦି ଜଣେ କର୍ମଚାରୀ ଚାକିରି ଛାଡି ଦେଉଛନ୍ତି, ତେବେ ତାଙ୍କର ଗ୍ରାଚ୍ୟୁଇଟି ଯୋଗଦାନ ତାରିଖରୁ ତାଙ୍କର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ଗଣନା କରାଯିବ। ତଥାପି, ଯଦି ସେମାନେ ଲମ୍ବା ଛୁଟି ନେଇଛନ୍ତି କିମ୍ବା ମଝିରେ ବିରତି ନେଇଛନ୍ତି, ତେବେ ଏହା ସେମାନଙ୍କର ଗ୍ରାଚ୍ୟୁଇଟି ପାଇବା ପ୍ରକ୍ରିୟାକୁ ଜଟିଳ କରିପାରେ। ତେଣୁ, ଗ୍ରାଚ୍ୟୁଇଟି କିପରି ସଠିକ୍ ଭାବରେ ଗଣନା କରାଯାଏ ଏବଂ କେଉଁ କାରଣଗୁଡ଼ିକୁ ବିଚାରକୁ ନିଆଯାଏ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ। କର୍ମଚାରୀମାନେ ପ୍ରାୟତଃ ଚାକିରି ଛାଡିବା ପରେ କେତେ ଗ୍ରାଚ୍ୟୁଇଟି ପାଇବେ ସେ ବିଷୟରେ ଚିନ୍ତିତ ଥାଆନ୍ତି। ସୌଭାଗ୍ୟବଶତଃ, ଏହି ସୂତ୍ରଟି ଯେକୌଣସି କର୍ମଚାରୀଙ୍କ ପାଇଁ ବୁଝିବା ପାଇଁ ସରଳ ଏବଂ ସହଜ। ଆପଣଙ୍କର ଶେଷ ବେସିକ ଦରମା, ୧୫ ଦିନର ଏକ ସ୍ଥିର ମୂଲ୍ୟ ଓ ଆପଣଙ୍କର ମୋଟ ଚାକିରି ବର୍ଷର ସଂଖ୍ୟା ଉପରେ




ଆଧାର କରି ଗ୍ରାଚ୍ୟୁଇଟି ନିର୍ଣ୍ଣୟ କରାଯାଏ। ସୂତ୍ରଟି ହେଉଛି: ଶେଷ ମୌଳିକ ଦରମା × (୧୫/୨୬) × ମୋଟ ବର୍ଷ। ଏହି ସରଳ ଗଣନା ସାହାଯ୍ୟରେ, ଆପଣ ଶୀଘ୍ର ନିର୍ଣ୍ଣୟ କରିପାରିବେ ଯେ ଛାଡିବା ପରେ ଆପଣ କେତେ ଅତିରିକ୍ତ ଟଙ୍କା ପାଇବେ। ନୂଆ ଶ୍ରମ ସଂହିତା ଅନୁଯାୟୀ, ଗୋଟିଏ ମାସରେ ହାରାହାରି ୨୬ କାର୍ଯ୍ୟ ଦିବସ ବିଚାର କରାଯାଏ କାରଣ ସାପ୍ତାହିକ ଛୁଟି ବାଦ ଦେବା ପରେ ପ୍ରକୃତ କାର୍ଯ୍ୟ ଦିବସ ଏତିକି ବାକି ରହିଥାଏ। ଏହି କାରଣରୁ ଗ୍ରାଚ୍ୟୁଇଟି ଗଣନାରେ ୨୬ ବ୍ୟବହାର କରାଯାଏ। ତେଣୁ, ଧରାଯାଉ ଜଣେ କର୍ମଚାରୀଙ୍କ ମୂଳ ଦରମା ୭୦,୦୦୦ ଟଙ୍କା ଏବଂ ସେମାନେ ଗୋଟିଏ ବର୍ଷ ପରେ ଚାକିରି ଛାଡିଦିଅନ୍ତି, ଏହି ସୂତ୍ର ବ୍ୟବହାର କରି ତୁରନ୍ତ ସେମାନଙ୍କର ଗ୍ରାଚ୍ୟୁଇଟି ଗଣନା କରାଯାଇପାରିବ। ଯଦି ଆପଣଙ୍କର ମୂଳ ଦରମା ୩୪,୫୦୦, ତେବେ ଆପଣ ଗୋଟିଏ ବର୍ଷ ଚାକିରି ପାଇଁ ପାଉଥିବା ଗ୍ରାଚ୍ୟୁଇଟି ପ୍ରାୟ ୧୯,୯୦୪ ହେବ। ଏହାର ଅର୍ଥ ହେଉଛି କମ୍ କାର୍ଯ୍ୟକାଳ ଥିବା କର୍ମଚାରୀମାନେ ମଧ୍ୟ ଏବେ ସିଧାସଳଖ ଲାଭ ପାଉଛନ୍ତି। ପୂର୍ବରୁ, ପାଞ୍ଚ ବର୍ଷ ପୂରଣ ନହେବା ପର୍ଯ୍ୟନ୍ତ ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଥିଲା, କିନ୍ତୁ ନୂଆ ନିୟମ ସହିତ, ଗୋଟିଏ, ଦୁଇ କିମ୍ବା ତିନି ବର୍ଷ ଚାକିରି କରିଥିବା କର୍ମଚାରୀମାନେ ଏବେ ଏହି ଲାଭ ପାଇଁ ଯୋଗ୍ୟ। ଏହି ପରିବର୍ତ୍ତନ ଏକ ବଡ଼ ଆଶ୍ୱସ୍ତି ପ୍ରମାଣିତ ହେଉଛି, ବିଶେଷକରି ଚାକିରି ପରିବର୍ତ୍ତନ କରୁଥିବା ଯୁବକ ଓ ଚୁକ୍ତିଭିତ୍ତିକ ଭାବରେ କାମ କରୁଥିବା ଲୋକଙ୍କ ପାଇଁ।

## ଡିସେମ୍ବର ୨ରେ ଲଞ୍ଚ ହେବ ମାରୁତିର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଇ ଭିଟାରା




ନୂଆଦିଲ୍ଲୀ, ୩୦।୧୧ମାରୁତି ସୁଜୁକି ୨ ଡିସେମ୍ବର ୨୦୨୫ରେ ଭାରତରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ ଏସୟୁଭି ମାରୁତି ଇ ଭିଟାରା ଲଞ୍ଚ କରିବାକୁ ଯାଉଛି। ଏହା ପ୍ରଥମେ ଅଟୋ ଏକ୍ସପୋ ୨୦୨୫ରେ ପ୍ରଦର୍ଶିତ ହୋଇଥିଲା ଏବଂ ସେବେଠାରୁ ଏହି ଏସୟୁଭି ବେଶ ଚର୍ଚ୍ଚାରେ ରହିଛି। ବିଶେଷ କଥା ହେଉଛି ମାରୁତି ଏହି ଏସୟୁଭିକୁ କେବଳ ଭାରତ ପାଇଁ ନୁହେଁ ବରଂ ୧୦୦ ରୁ ଅଧିକ ଦେଶ ପାଇଁ ପ୍ରସ୍ତୁତ କରୁଛି। ଲଞ୍ଚ ପୂର୍ବରୁ ମଧ୍ୟ ଇ ଭିଟାରା ଏକ ବିଶ୍ୱସ୍ତରୀୟ ପ୍ରଡକ୍ଟ ଭାବରେ ନିଜର ପରିଚୟ ସୃଷ୍ଟି କରିସାରିଛି। ତେବେ ଆସନ୍ତୁ ଏହାର ଫିଚର୍ସ ବିଷୟରେ ଜାଣିବା

ମାରୁତି ଇ ଭିଟାରାର ଡିଜାଇନ୍ ଆଡ଼ଭାନ୍ସ ହେବା ସହ ପାୱାରଫୁଲ ମଧ୍ୟ। ଏହାର ଲମ୍ବ ୪,୨୭୫ ମିମି, ପ୍ରସ୍ଥ ୧,୮୦୦ ମିମି, ଉଚ୍ଚତା ୧,୬୪୦ ମିମି ଏବଂ ଏହାର ହ୍ୱିଲ୍ ବେସ୍ ୨,୭୦୦ ମିମି ରହିଛି। ଏଥିରେ ୩-ଇନ-୧ ଇଲେକ୍ଟ୍ରିକ୍ ଡ୍ରାଇଭ୍ ସିଷ୍ଟମ୍ ରହିଛି, ଯେଉଁଥିରେ ମୋଟର, ଇନଭର୍ଟର ଏବଂ ଟ୍ରାନ୍ସମିସନ୍ ଗୋଟିଏ ୟୁନିଟରେ ସଂଯୁକ୍ତ ହୋଇଥାଏ। ଏହା ଗାଡ଼ିରେ ପରଫରମାନ୍ସକୁ ସୁଗମ କରିଥାଏ ଏବଂ ଗାଡିର ସାମଗ୍ରିକ ଓଜନ ହ୍ରାସ କରିଥାଏ।

ଇ-ଭିଟାରା ଦୁଇଟି ବ୍ୟାଟେରୀ ପ୍ୟାକ୍ ସହିତ ପ୍ରଦାନ କରାଯିବ – ୪୯କେଡବ୍ଲ୍ୟୁଏଚ ଏବଂ ୬୧କେଡବ୍ଲ୍ୟୁଏଚ। ୪୯କେଡବ୍ଲ୍ୟୁଏଚ ଏଫଡବ୍ଲ୍ୟୁଡି ଭର୍ସନ ୧୪୪hp ପାୱାର ଏବଂ ୧୮୯ଏନଏମ ଟର୍କ ପ୍ରଦାନ କରିବ। ୬୧କେଡବ୍ଲ୍ୟୁଏଚ ଏଫଡବ୍ଲ୍ୟୁଡି ଭର୍ସନ ୧୭୪ଏଚପି ପାୱାର ଏବଂ ୧୮୯ଏନଏମ ଟର୍କ ପ୍ରଦାନ କରିବ। ଏହାର ଟପ୍ ଭାରିଆଣ୍ଟରେ ଥରେ ଚାର୍ଜ ହେଲେ ୫୦୦ କିଲୋମିଟରରୁ ଅଧିକ ରେଞ୍ଜ ପ୍ରଦାନ କରିବାର କ୍ଷମତା ରହିବ।

ମାରୁତି ଏପର୍ଯ୍ୟନ୍ତ ଏହାର ସବୁଠାରୁ ପ୍ରିମିୟମ୍ ଇଣ୍ଟେରିୟର ବ୍ୟବହାର କରିଛି। କ୍ୟାବିନରେ ଏକ ଆଧୁନିକ ଲେଆଉଟ୍, ଉନ୍ନତ ମ୍ୟାଟେରିୟାଲ, ଡିଜିଟାଲ୍ କ୍ଲଷ୍ଟର ଏବଂ ଅନେକ ଦମଦାର ଫିଚର୍ସ ମିଳିପାରିବ। ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ଆଡଭାନ୍ସ ଷ୍ଟାବିଲିଟି କଣ୍ଟ୍ରୋଲ, ରିୟର କ୍ୟାମେରା ଏବଂ ଏଡିଏଏସ୍ ଭଳି ଆଧୁନିକ ଫିଚର ଏହି ଇଲେକ୍ଟ୍ରିକ୍ କାରରେ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। ଭାରତରେ ମାରୁତି ଇ-ଭିଟାରାର ଆନୁମାନିକ ମୂଲ୍ୟ ୨୦ ରୁ ୨୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରଖାଯିବ। ଏହି ଏସୟୁଭି ଏସୟୁଭି ଟାଟା କର୍ଭ ଇଭି, ଏମଜି ଜେଡ୍ଏସ ଇଭି, ହୁଣ୍ଡାଇ କ୍ରେଟା ଇଭି, ମହିନ୍ଦ୍ରା ବିଇ୬ ଏବଂ ଭିନଫାଷ୍ଟ ଭିଏଫ୬ ଭଳି ଇଲେକ୍ଟ୍ରିକ୍ ଏସୟୁଭି ସହିତ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିବ।

## ବଢୁଛି 'ବିବାହ ବୀମା'ର ଚାହିଦା

ନୂଆଦିଲ୍ଲୀ,୩୦।୧୧: ବର୍ତ୍ତମାନ ଭାରତରେ ବିବାହ ଉତ୍ସବଗୁଡ଼ିକ ଅଧିକ ବ୍ୟାପକ, ବିଳାସପୂର୍ଣ୍ଣ ଏବଂ ଖର୍ଚ୍ଚବହୁଳ ହେବାରେ ଲାଗିଛି। ତେବେ ଏହି ବଡ଼ 'ଭାରତୀୟ ବିବାହ' ସହିତ ଜଡ଼ିତ ବଡ଼ ଆର୍ଥିକ ବିପଦକୁ ଦୃଷ୍ଟିରେ ରଖି ନିକଟରେ ବିବାହ ବୀମା ଗ୍ରହଣ କରିବା ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ଆଜି ଭାରତରେ ହେଉଥିବା ହାରାହାରି ବିବାହରେ ପ୍ରାୟ ୨୮.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ପ୍ରତିବର୍ଷ ଏକ କୋଟିରୁ ଅଧିକ ବିବାହ ହେଉଥିବା ବେଳେ, ଅଚାନକ ସମସ୍ୟା ଯୋଗୁଁ ବଡ଼ ଆର୍ଥିକ କ୍ଷତିର ଆଶଙ୍କା ରହୁଛି। ବର୍ତ୍ତମାନ ସମୟରେ ଅନ୍ତିମ ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଯେପରିକି କ୍ୟାଟରର୍, ଫଟୋଗ୍ରାଫର କିମ୍ବା ଡେକୋରେଟରଙ୍କର ହଠାତ୍ ଅନୁପସ୍ଥିତ ରହିବା। ବିବାହ ସ୍ଥାନ ଦୁଇଥର ବୁକିଂ ହେବା କିମ୍ବା କୌଣସି କ୍ଷତି ହେବା। ଅସମୟରେ ବର୍ଷା କିମ୍ବା ଝଡ଼ ଯୋଗୁଁ ଆଉଟଡୋର୍ କାର୍ଯ୍ୟକ୍ରମ ବନ୍ଦ ହେବା ଅଳଙ୍କାର କିମ୍ବା ଉପହାର ଚୋରି ହେବା କିମ୍ବା ପରିବାରର କୌଣସି ମୁଖ୍ୟ ସଦସ୍ୟ ହଠାତ୍ ଅସୁସ୍ଥ ହେବା।ବଜାର ବିଶେଷଜ୍ଞମାନେ କୁହନ୍ତି ଯେ, "ଲୋକମାନେ କାର୍, ଘର, ଏବଂ ଫୋନ୍‌ର ବୀମା କରିବାରେ ଦ୍ୱିଧା କରନ୍ତି ନାହିଁ। କିନ୍ତୁ ଏସବୁଠାରୁ ଅଧିକ ଖର୍ଚ୍ଚ ହେଉଥିବା ବିବାହଗୁଡ଼ିକର ବୀମା କରାଯାଉ ନ ଥିଲା। ଏବେ ଏହି ମାନସିକତା ବଦଳୁଛି।" ବିବାହ ବୀମା ସାଧାରଣତଃ ଏକ ବ୍ୟାପକ 'ଇଭେଣ୍ଟ ଇନସୁରାନ୍ସ ପଲିସି' ଅଧୀନରେ ଆସିଥାଏ ଏବଂ ଏଥିରେ ପ୍ରାୟ ସବୁ ମୁଖ୍ୟ ବିଷୟବସ୍ତୁ ସାମିଲ ହୋଇଥାଏ। ବିପର୍ଯ୍ୟୟ, ଅଗ୍ନିକାଣ୍ଡ, କିମ୍ବା ପାରିବାରିକ ଜରୁରୀ ପରିସ୍ଥିତି (ଯେପରିକି ଗୁରୁତ୍ୱପୂର୍ଣ୍ଣ ସଦସ୍ୟଙ୍କ ମୃତ୍ୟୁ/ ଅସୁସ୍ଥତା) ଯୋଗୁଁ କାର୍ଯ୍ୟକ୍ରମ ବାତିଲ ହେଲେ କ୍ଷତିପୂରଣ। କ୍ୟାଟରର୍ କିମ୍ବା ଫଟୋଗ୍ରାଫର କାର୍ଯ୍ୟକ୍ରମରେ ନ ଆସିଲେ। ବିବାହ ସ୍ଥଳରେ ଚୋରି, ଅଳଙ୍କାର କିମ୍ବା ଉପହାର ନିଖୋଜ ହେଲେ। ଏଥିପାଇଁ ତୃତୀୟ ପକ୍ଷର ଦାୟିତ୍ୱ ଏବଂ ନଗଦ ଟଙ୍କା ପରିବହନ ବୀମା ମଧ୍ୟ କିଣାଯାଇପାରିବ।

## ପୂରା ବନ୍ଦ ହୋଇଯିବ ୬ଟି ସରକାରୀ ବ୍ୟାଙ୍କ୍

ନୂଆଦିଲ୍ଲୀ,୩୦।୧୧: ଦେଶରେ ସରକାରୀ କ୍ଷେତ୍ରର ବ୍ୟାଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବାକୁ ଯାଉଛି। ସରକାର ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରୁଛନ୍ତି। ଲକ୍ଷ୍ୟ ହେଉଛି ଛୋଟ ବ୍ୟାଙ୍କଗୁଡ଼ିକୁ ଗୋଟିଏ ବଡ଼ ବ୍ୟାଙ୍କ ସହିତ ବଦଳାଇବା, ସେମାନଙ୍କର କାର୍ଯ୍ୟକ୍ଷମତାକୁ ଉନ୍ନତ କରିବା। ସରକାର ବ୍ୟାଙ୍କ ସଂଖ୍ୟା ହ୍ରାସ କରିବାକୁ ଚାହାଁନ୍ତି, ତଥାପି ଆର୍ଥିକ କ୍ଷେତ୍ରକୁ ଉନ୍ନତ କରିବା, ଋଣ ପ୍ରଦାନକୁ ବିସ୍ତାର କରିବା ଏବଂ ବାଲାନ୍ସ ସିଟ ଏବଂ କାର୍ଯ୍ୟକୁ ଉନ୍ନତ କରିବା ପାଇଁ ଏକ ଶକ୍ତିଶାଳୀ ସଂସ୍ଥା ସୃଷ୍ଟି କରିବାକୁ ଚାହାଁନ୍ତି। ଏହି ପରିପ୍ରେକ୍ଷୀରେ, ଆହୁରି ଛଅଟି ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଛଅଟି ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କ, ଯଥା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ମହାରାଷ୍ଟ୍ର, ବ୍ୟାଙ୍କ ଅଫ ଇଣ୍ଡିଆ, ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କକୁ SBI, ବ୍ୟାଙ୍କ ଅଫ ବରୋଦା, ପିଏନବି, କାନାରା ବ୍ୟାଙ୍କ କିମ୍ବା ୟୁନିଅନ ବ୍ୟାଙ୍କ ସହିତ ମିଶ୍ରଣ କରାଯାଇପାରିବ। ପରବର୍ତ୍ତୀ ପର୍ଯ୍ୟାୟ ଏକୀକରଣ ପାଇଁ ସମସ୍ତ ଛଅଟି ବ୍ୟାଙ୍କ ରାଡାରରେ ଅଛନ୍ତି। ପୂର୍ବରୁ, ନୀତି ଆୟୋଗର ଏକ ରିପୋର୍ଟରେ ପରାମର୍ଶ ଦିଆଯାଇଥିଲା ଯେ ସରକାର ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭଳି ଛୋଟ ବ୍ୟାଙ୍କଗୁଡ଼ିକୁ ଘରୋଇକରଣ କିମ୍ବା ପୁନଃଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ସାହସପୁର ଗ୍ରାମରେ କୁରାଳପଞ୍ଚମୀ ପୂଜା



କେନ୍ଦ୍ରାପଡ଼ା,୩୦।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ସାହସପୁର ଗ୍ରାମରେ କୁରାଳପଞ୍ଚମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବହୁ ପୁରାତନକାଳରୁ କୁମ୍ଭକାର ଭାଇମାନଙ୍କ ଦ୍ୱାରା ଏହି ପୂଜା ଅନୁଷ୍ଠିତ ହୋଇଆସୁଅଛି। ପୂଜକ ନୀଳକଣ୍ଠ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ରାଜେନ୍ଦ୍ର ବେହେରା କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ବେହେରା, ପ୍ରଭଞ୍ଜନ ବେହେରା, ହଳଧର ବେହେରା, ଦିଲ୍ଲିପ କୁମାର ବେହେରା, ଆଲୋକ ବେହେରା, ରାଜକିଶୋର ବେହେରା, ହରିଚରଣ ରଣା, ଅଶୋକ ବେହେରା, ଶ୍ରୀଧର ବେହେରା, ମାନସ ବେହେରା, ବ୍ରହ୍ମାନନ୍ଦ ବେହେରା ପ୍ରମୁଖଙ୍କ ମିଳିତ ସହଯୋଗରେ ଏହି ପୂଜା କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ କରାଯାଉଛି ।

## ଅଁଳା ପଞ୍ଚାୟତର ୧୧ ନଂ. ୱାର୍ଡରେ ପାନୀୟ ଜଳର ଅଭାବ

ବୈଶିଙ୍ଗା, ୩୦।୧୧ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନ ଅଧୀନ ଅଁଳା ଗ୍ରାମ ପଞ୍ଚାୟତର ୧୧ନଂ ୱାର୍ଡରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି ବୋଲି ଉକ୍ତ ୱାର୍ଡର ୱାର୍ଡ଼ ସଭ୍ୟ ଗୋପାଳ ମାରାଣ୍ଡି ଅଭିଯୋଗ କରିଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ଏହି ଜଳ ସଙ୍କଟ ଆହୁରି କଷ୍ଟଦାୟକ ହୋଇପାରେ।

ଉକ୍ତ ୱାର୍ଡରେ ୩ ଶହରୁ ଉର୍ଦ୍ଧ ପୁରୁଷ ଓ ମହିଳା ବାସ କରୁଥିବାବେଳେ ଏକ ମାତ୍ର ନଳକୂପ ପାନୀୟଜଳ ଯୋଗାଇ ଆସୁଥିଲା। ମାତ୍ର ଏହି ନଳକୂପ ଦୀର୍ଘ ୪ ମାସରୁ ଉର୍ଦ୍ଧ ହେବ ଖରାପ ହୋଇଯିବା ଫଳରେ ସେଥିରୁ ପାଣି ବାହାରୁ ନଥିବାରୁ ୱାର୍ଡ଼ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂର ସ୍ଥାନରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ୱାର୍ଡ଼ ବାସିନ୍ଦା ଗତ ଜୁଲାଇ ମାସରେ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ୱାର୍ଡ଼ ସଭ୍ୟଙ୍କ ସମେତ ବୁଦ୍ଧିରାମ ମାରାଣ୍ଡି, ଲୁଗୁ ମୁର୍ମୁ, ଚମ୍ପା ମାରାଣ୍ଡି, କୁନା ମାରାଣ୍ଡି, ସାଗର ହେମ୍ବ୍ରମ ପ୍ରମୁଖ ଅଭିଯୋଗ କରିଛନ୍ତି। ଉକ୍ତ ୧୧ ନଂ ୱାର୍ଡ଼ରେ ଏକ ସୋଲାର ଚାଳିତ ନଳକୂପ ଯୋଗାଇଦେବା ନିମନ୍ତେ ଦାବି କରିଛନ୍ତି। ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ନିଷ୍କ୍ରିୟତା ଯୋଗୁ ଗ୍ରାମାଞ୍ଚଳରେ ବିଶେଷ ଭାବେ ଆଦିବାସୀ ସାହି ମାନଙ୍କରେ ପାନୀୟଜଳର ଅସୁବିଧା ଦେଖାଦେଉଛି। ହର ଘର ଜଳ ଯୋଜନା କେତେ ଫଳପ୍ରଦ ଏଥିରୁ ଅନୁମେୟ କରାଯାଇ ପାରେ।



## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ଅଭିଯୁକ୍ତ ଗିରଫ



କଣାସ, ୩୦।୧୧ (ସଂଚାର ବ୍ୟୁରୋ): କଣାସ କଲେଜରେ କ୍ଲାସ ସାରି ଘରକୁ ଯିବା ବାଟରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ଜଣେକ ନାବାଳିକା ଛାତ୍ରୀଙ୍କୁ (୧୭ ବର୍ଷ) ଜଣେ ଥାନା ଅନ୍ତର୍ଗତ ଜୋରକେଣି ବୁଢ଼ାଗାଡ଼ା ଗ୍ରାମର ସୁଦେଭ ଓରଫ ପ୍ରଭାସ ପ୍ରଧାନ ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ପାଟି କଲେ ମାରିଦେବି ବୋଲି ଧମକ ଦେଇ ବାହା ହେବାର ଧମକ ବି ଦେଇଥିଲେ। ନାବାଳିକାର ସାଇକେଲ କୁ ଫିଙ୍ଗି ଦେଇ ତାଙ୍କୁ ଟଣା ଓଟରା କରିବା ବେଳେ ଛାତ୍ରୀ ଜଣକ ତାଙ୍କ ଭାଇ କୁ ଫୋନ କରି ଡାକିଥିଲେ। ଭାଇ ଖବର ପାଇ ଆସୁଥିବା ଜାଣି ପାରିବାରୁ ଅପରାଧି ଘଟଣା ସ୍ଥଳରୁ ମଟର ସାଇକେଲ ଯୋଗେ ଖସି ପଳେଇ ଯାଇଥିଲା। ସମ୍ପୃକ୍ତ ନାବାଳିକା କଣାସ ଥାନା ଆଇ.ଆଇ.ସିଙ୍କୁ ଏ କଥା ଜଣେଇବା ପରେ ଆଇ.ଆଇ.ସି ନିଜେ କେଶର ତଦନ୍ତ ଦାୟିତ୍ୱ ନେଇ ପୋଲିସ ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଜି ସକାଳୁ ଆସାମୀ ପ୍ରଭାସ ପ୍ରଧାନଙ୍କୁ ମନ୍ଦାରବସ୍ତ ନିକଟରୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ କଣାସ ଥାନା କେଶ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବନ ବିଭାଗ ପକ୍ଷରୁ ଚଢ଼ାଉ, ପଥର ବୋଝେଇ ଟ୍ରକ ଜବତ




ଯାଜପୁର ରୋଡ଼,୩୦।୧୧(ସଂଚାର ବ୍ୟୁରୋ): ଯାଜପୁର ରୋଡ ସହରକୁ ସୂତ୍ରରୁ ଢେଙ୍କାନାଳ ଜିଲ୍ଲା ଗନ୍ଧିଆରୁ ପ୍ରଚୁର ଚୋରା ମାଙ୍କଡା ପଥର ଆସୁଥିବା କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇଁ ରେଞ୍ଜର ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ'ଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ରୋଡ ବନ ବିଭାଗ ପକ୍ଷରୁ ଫରେଷ୍ଟର ଏସ ଖାନ ମିଲିଟାରୀ ଛକ ରେ ଚେକିଂ କରୁଥିବା ବେଳେ ଏକ ଟ୍ରକ ଯାହାର ଗାଡିକୁ ଅଟକ ରଖି କାଗଜ ପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଡ୍ରାଇଭର କୌଣସି ସଠିକ କାଗଜପତ୍ର ଦେଖାଇ ପରିନଥିବାରୁ ଗାଡି ଟିକୁ ଜବତ କରି ଥିବା ବେଳେ ସରକାରୀ ନିୟମ ଅନୁସାରେ ଗାଡି ଉପରେ ଉଚିତ କାର୍ଯ୍ୟନୁଷ୍ଠାନ ନିଆଯିବା ନେଇ ରେଞ୍ଜର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବାରମ୍ବାର ଜାରିରହିବ ବୋଲି ଫରେଷ୍ଟର ଏସ ଖାନ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଯାଜପୁର ରୋଡ ବନବିଭାଗର କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ପାଟରଙ୍ଗା ପଞ୍ଚାୟତର ବିକାଶ ସ୍ରୋତରେ ସାମିଲ ହେଲେ ବିଧାୟକ

କୋରେଇ,୩୦।୧୧ (ସଂଚାର ବ୍ୟୁରୋ): କୋରେଇର ବିକାଶ ଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ସଦା ସର୍ବଦା କୋରେଇର ମାନ୍ୟବର ବିଧାୟକ ଆକାଶ ଦାସ ନାୟକ ରହିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଓ କୋରେଇବାସୀଙ୍କ ଭଲପାଇବା ଓ ଦୃଢ଼ ମନୋବଳ ଆଜି ସତ ପ୍ରମାଣିତ କରିଛି। ବିକଶିକ କୋରେଇ ଗଠନର ସ୍ୱପ୍ନ ଏବେ ବାସ୍ତବରେ ପରିଣତ ହେବାକୁ ଯାଉଅଛି। ଏହି କ୍ରମରେ ପଛରେ ପଡିରହିଥିବା ପାଟରଙ୍ଗା ଗ୍ରାମପଞ୍ଚାୟତ ଆଜି ବିକାଶ ସ୍ରୋତରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

ଏହି ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଓ କୋରେଇ ବିଧାୟକଙ୍କ ଆଶୀର୍ବାଦରେ ଆଜି ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଉଦଘାଟନ ଓ ଶୁଭ ଭିତିପ୍ରସ୍ତର ଶିଳାନ୍ୟାସ ସ୍ଥାପନା କରିଯାଇଅଛି। ବିଧାୟକଙ୍କୁ ବାରନାଥ ପଡିଆ ଠାରୁ ହଜାର ହଜାର ବିଜେପି କର୍ମୀମାନେ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପାଟରଙ୍ଗା ପଞ୍ଚାୟତର ନୂତନ ଗୃହ, ବ୍ୟାଙ୍କ ଗୃହ, ସୁବିଧା କେନ୍ଦ୍ର, ମହାସଂଘ କାର୍ଯ୍ୟାଳୟ, ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଖେଳ ପଡିଆର ଉନ୍ନତିକରଣ ଭଳି ଅନେକ ପକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ପାଟରଙ୍ଗା ପଞ୍ଚାୟତବାସୀଙ୍କର ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କରିଥିବାରୁ ବିଧାୟକ ଶ୍ରୀ ଦାସନାୟକଙ୍କୁ ସରପଞ୍ଚଙ୍କ ସମେତ ଅଞ୍ଚଳର ଜନସାଧାରଣ ମାନଙ୍କ ତରଫରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଥିଲେ।




## ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ସୁନ୍ଦରଗଡ଼, ୩୦।୧୧ (ସଂଚାର ବ୍ୟୁରୋ): କୁତ୍ରା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ସାଶିନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ମୁରଲୀଧର ବେହେରା, ସହ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ, ଜିଲ୍ଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଚନ୍ଦ୍ରଶେଖର ସା ଏବଂ ମୁଖ୍ୟ ବକ୍ତା ଭାବରେ ଅଧାପକ ହେମନ୍ତ ପଣ୍ଡା ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ତାଙ୍କ ଉଦବୋଧନରେ ଛାତ୍ରଛାତ୍ରୀମାନଙ୍କ ଭିତରେ ଲୁଚି ରହିଥିବା ସୃଜନଶୀଳତାକୁ ଶିକ୍ଷକ ଶିକ୍ଷୟିତ୍ରୀ ଖୋଜି ବାହାର କରିବା ପୂର୍ବକ ସେମାନଙ୍କୁ ସଂକଳ୍ପିତ କରିପାରିଲେ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧି ହାସଲ ସମ୍ଭବ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ।



ଜିଲ୍ଲାର ସମସ୍ତ ବ୍ଲକରୁ ବିଭିନ୍ନ ବିଷୟ ଉପରେ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାର ସର୍ବଶ୍ରେଷ୍ଠ ସୃଜନଶୀଳ ପ୍ରକଳ୍ପ ଭାବରେ ହେମଗିରି ବ୍ଲକ ସ୍ଥିତ ହଳଦୀବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଆରୁଷି ନାଏକ ପୁରସ୍କୃତ ହୋଇ ହେମଗିରି ବ୍ଲକ ପାଇଁ ଗୌରବ ଆଣି ପାରିଛନ୍ତି।

## ମାର୍ଶାଘାଇ ଜାଭିୟର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



ମାର୍ଶାଘାଇ,୩୦।୧୧ (ସଂଚାର ବ୍ୟୁରୋ): ମାର୍ଶାଘାଇ ଦରବଛାସ୍ଥିତ ସେଣ୍ଟଜାଭିୟର ହାଇସ୍କୁଲର ବିଜ୍ଞାନପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁଶାନ୍ତ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ହାଇସ୍କୁଲର ପ୍ରିନ୍ସିପାଲ ପିଏମ ରାଜେଶ, ଅଧାପକ ଚିତ୍ତରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପ୍ରତିଥିବା ଆଗ୍ରହକୁ ପ୍ରଶଂସା କରିଥିଲେ। ସ୍ମାର୍ଟ ସିଟି, ଆପତକାଳୀନ ସତର୍କ ସୂଚନା, ନବୀକରଣୀୟ ଶକ୍ତି, ଜୈବ ବିବିଧତା ଆଦି ସମ୍ପର୍କିତ ୫୨ ଗୋଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ କବିର କୁମାର ବସନ୍ତିଆ ମେଳା ପରିଚାଳନା କରିଥିଲେ। ଶତାଧିକ ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ।

## ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରାଲି

ସୁବର୍ଣ୍ଣପୁର,୩୦।୧୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ରାଷ୍ଟ୍ରୀୟ ପୌଷ୍ୟ ସନ୍ତାନ ଗ୍ରହଣ ସଚେତନା କାର୍ଯ୍ୟକ୍ରମ ଅବସରରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ପୌଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ବିଷୟରେ କହିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପୌଷ୍ୟ ସନ୍ତାନ ଗ୍ରହଣ ର ବିଭିନ୍ନ ସୋପାନ ତଥା ଆବଶକୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ ସଚେତନତା ସାଇକେଲ ରାଲିକୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ସାହୁ ନିଜେ ସାଇକଲ ଚଲାଇ ରାଲିରେ ସାମିଲ ହେବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସମାଜକୁ ସଚେତନ କରାଯାଉଥିବା ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୋନପୁର କଲେଜ ଏନସିସି, ପଦ୍ମିନୀ ଦେବୀ କଲେଜ, ମଡେଲ ଡ଼ିଗ୍ରୀ କଲେଜର ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ ।



## ଜିଲ୍ଲାସ୍ତରୀୟ ଯୁବୋତ୍ସବରେ ପ୍ରତିଭାଧାରୀଙ୍କ ସମାବେଶ

ନବରଙ୍ଗପୁର, ୩୦।୧୧ (ସଂଚାର ବ୍ୟୁରୋ): କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଗତକାଲି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ-୨୦୨୫ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଯୁବ ଶକ୍ତିକୁ ଏକତ୍ର କରିବା ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶନ କରିବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ, ଶିକ୍ଷା ଅନୁଷ୍ଠାନ ଓ ଜନସାଧାରଣଙ୍କୁ କଳାକେନ୍ଦ୍ର ମୋଟ ୫୨୯ ଜଣ ଉଦୀୟମାନ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।



ଏହି ଯୁବ ଉତ୍ସବରେ ସଂସ୍କୃତି ଓ ଜ୍ଞାନର ଏକ ବିରଳ ସମନ୍ୱୟ ଦେଖିବାକୁ ମିଳିଥିଲା। ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ଭଳି ପାରମ୍ପରିକ କଳା ସହ ଭାଷଣ, କବିତା ରଚନା, ଗଳ୍ପ ଲେଖନୀ, ଚିତ୍ରାଙ୍କନ ଏବଂ ସର୍ବାଧିକ ଆକର୍ଷଣର କେନ୍ଦ୍ର ଇନୋଭେସନ (ବିଜ୍ଞାନ ପ୍ରଦର୍ଶନୀ) ଭଳି ବୈଜ୍ଞାନିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗୋଷ୍ଠୀ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳକୁ ଯଥାକ୍ରମେ ୧୦,୦୦୦, ୭,୫୦୦ ଓ ୫,୦୦୦ ଟଙ୍କା ଏବଂ ଏକକ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ୩,୦୦୦, ୨,୦୦୦ ଓ ୧,୦୦୦ ଟଙ୍କା ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମନୋଜଙ୍କ ବାଡ଼ିରେ ଫୁଟିଲା ବ୍ରହ୍ମ କମଳ ଫୁଲ

ପଟ୍ଟାମୁଣ୍ଡାଇ,୩୦।୧୧(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ସାନଜରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିଗିନିପୁର ଗ୍ରାମର ମନୋଜ ପ୍ରଧାନଙ୍କ ବାଡ଼ିରେ ବ୍ରହ୍ମ କମଳ ଫୁଲ ଫୁଟିଥିବା ଦେଖିବାକୁ ମିଳିଛି। ବ୍ରହ୍ମ କମଳ ଏକ ଦୁର୍ଲଭ ପୁଷ୍ପ ଭାବରେ ଜଣାଶୁଣା। ନିଜ ବଗିଚାରେ ବ୍ରହ୍ମକମଳ ଫୁଟିଥିବା ଦେଖି ମନୋଜ ଏବଂ ତାଙ୍କ ପରିବାର ଲୋକ ବିଭୁକୃପା ପାଇପାରିଥିବା ମନେକରିଛନ୍ତି। ଏହି ଖବର ପ୍ରଘଟ ହେବା ପରେ ତାଙ୍କ ବଗିଚାରେ ଏହି ଫୁଟିଥିବା ଫୁଲକୁ ଦେଖିବାକୁ ସାହିପଡୋଶିମାନେ ଭିଡ ଜମାଇଥିଲେ। ଫୁଲଟିକୁ ପୂଜାର୍ଚ୍ଚନା କରିବା ପରେ ମନୋଜ କେନ୍ଦ୍ରାପଡ଼ାର ବଡ଼ ଠାକୁର ଶ୍ରୀ ବଳଦେବଜୀଉଙ୍କୁ ଅର୍ପଣ କରିଥିଲେ।



## ବୈକୁଣ୍ଠ ନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର ବିତରଣ ଉତ୍ସବ

ବାଲିକୁଦ,୩୦।୧୧ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଅଧୀନ ଅଲଣାହାଟ ହାଇସ୍କୁଲରେ ବାସୁଦେବ ଏଜୁକେସନାଲ ୱେଲଫେୟାର ଟ୍ରଷ୍ଟ ତରଫରୁ ପ୍ରଥମ ବୈକୁଣ୍ଠ ନାଥ ଆଚାର୍ଯ୍ୟ ଆଦର୍ଶ ଶିକ୍ଷକ ପୁରସ୍କାର, ବୈକୁଣ୍ଠ ନାଥ ଆଚାର୍ଯ୍ୟ ସ୍ମାରକୀ ବୃତ୍ତି ଓ ବାସୁଦେବ ଟ୍ରଷ୍ଟର ପଞ୍ଚମ ବାର୍ଷିକ ପୁରସ୍କାର ବୈତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ପୁରସ୍କାର ବୈତରଣୀ ସଭାରେ ସଭାପତି ବିରାଞ୍ଚି ନାରାୟଣ ମିଶ୍ର ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଇ ଏ ଏସ ଅଫିସର ପ୍ରସନ୍ନ କୁମାର ଦାସ ଓ ମୁଖ୍ୟ ବକ୍ତା ଭାବେ ପ୍ରାଧାପକ ଡକ୍ଟର ପ୍ରଶାନ୍ତ କିଶ୍ୱର ପରିଡ଼ା ସାମ୍ମାନୀୟ ଡ. ବିଶ୍ୱଜିତ ରାୟ, ଅକ୍ଷୟ କୁମାର ମିଶ୍ର, ପ୍ରକାଶ ରାୟ, ଶାନ୍ତନୁ ମିଶ୍ର, ପ୍ରତାପ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅଲଣା ହାଟ ହାଇସ୍କୁଲର ଅମୂଲ୍ୟ ମିଶ୍ର ଦଧିବାମନ ହାଇସ୍କୁଲ (ଗରାମ)ର ପ୍ରଳୟ ରଞ୍ଜନ ଭୂୟାଁଙ୍କୁ ମିଳିତ ଭାବେ ବୈକୁଣ୍ଠ ନାଥ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର ପ୍ରଦାନ କରଯାଇଥିଲା। ଜୟ ପ୍ରକାଶ ଶିକ୍ଷା ନିକେତନ (ରାମଚନ୍ଦ୍ରପୁର)ର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ବେଲବଣ ହାଇସ୍କୁଲ (ସଂଗ୍ରାମପୁର) ଶିକ୍ଷକ ସୁରେନ୍ଦ୍ର କୁମାର ମହାନ୍ତି, ଗାଦିବ୍ରହ୍ମ ବିଦ୍ୟାପୀଠର ଶିକ୍ଷକ ସୁଦର୍ଶନ ଷଡଙ୍ଗୀ, ତରିକୁନ୍ଦ ହାଇସ୍କୁଲର ଶିକ୍ଷୟିତ୍ରୀ ଶ୍ରୀମତୀ ଦୀପ୍ତିମୟୀ ସେନାପତି, ଅମଙ୍ଗା ସ୍କୁଲର ଶାନ୍ତନୁ କୁମାର ପାତ୍ର, ପଞ୍ଚାୟତ ହାଇସ୍କୁଲ (ପୋଖରିଆ ପଡା)ର ପ୍ରଧାନ ଶିକ୍ଷକ ଶ୍ରୀ ଅନିଲ କୁମାର ଜେନାଙ୍କୁ ମଧ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରଯାଇଥିଲା। ଅନୁରୂପ ଭାବେ ଜିଲ୍ଲାର ବିଭିନ୍ନ ସ୍କୁଲର କୃତି ଛାତ୍ର ଛାତ୍ରୀଙ୍କୁ ମଧ ସ୍ୱତନ୍ତ୍ର ପାରଦର୍ଶୀ ପୁରସ୍କାର ପ୍ରଦାନ କରଯାଇଥିଲା।



## ଆର୍ଟ ଅଫ ଲିଭିଂ ପକ୍ଷରୁ ରକ୍ତଦାନ ଶିବିର ୮୦ ୟୁନିଟ ରକ୍ତ ସଂଗ୍ରହ




ସୁବର୍ଣ୍ଣପୁର,୩୦।୧୧ (ସଂଚାର ବ୍ୟୁରୋ): ଆର୍ଟ ଅଫ ଲିଭିଂ ହେପିନେସ ସେଣ୍ଟର ସୋନପୁର ଶାଖା ପକ୍ଷରୁ ଆଜି ନିଜସ୍ୱ ଅଫିସ ଗୃହ ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଏସପି ନାରାୟଣ ନାଏକ ଯୋଗଦେଇ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପୁଷ୍ପ ପ୍ରଦାନ ପୂର୍ବକ ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ। ଉପସ୍ଥିତ ନୂଆ ରକ୍ତଦାତା କଲେଜ୍ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଜୀବନ ଦର୍ଶନ ଉପରେ ହୃଦୟ ସ୍ପର୍ଶୀ କଥା ସବୁ କହିଥିଲେ। ଅନ୍ୟତମ ଅତିଥି ଭାବରେ ଏଡିଏମ୍ଓ ଡ଼ାକ୍ତର ଦୁର୍ଗାଦତ୍ତ ଦାଶ, ଯୁବ ସଂଗଠକ ଅରବିନ୍ଦ ବାରିକ, ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ରକ୍ତଦାତାଙ୍କ ଉତ୍ସାହ ବଢାଇ ଥିଲେ। ସମସ୍ତ ରକ୍ତଦାତାଙ୍କୁ ଅତିଥିମାନଂକ ଦ୍ୱାରା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବାଧିକ ୭୨ ଥର ରକ୍ତଦାନ କରିଥିବା ସହରର ସାହାରା ସ୍କୁଲ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଗତିକୃଷ୍ଣ ମିଶ୍ରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଶିବିରରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଜିର ଏହି ମେଗା ରକ୍ତଦାନ ଶିବିରରେ ଡ଼ାକ୍ତର ଚିତ୍ତ ରଞ୍ଜନ ତ୍ରୀପାଠୀ, ରକ୍ତ ଭଣ୍ଡାରର ଟେକନିସିଏନ୍ ଜଗତ ଦରୱାନ, ସତ୍ୟବ୍ରତ ତାଣ୍ଡି, ଯୁଧିଷ୍ଠିର ନାଏକ, ଟଙ୍କଧର କଅଁର ପ୍ରମୁଖ ବିଭିନ୍ନ ପରୀକ୍ଷା ଓ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏଥିରେ ସହରର ବହୁ ବୁଦ୍ଧିଜିବୀ, ସାମ୍ବାଦିକ ଯୋଗ ଦେଇଥିବା ବେଳେ ଆର୍ଟ ଅଫ ଲିଭିଂ ହେପିନେସ ସେଣ୍ଟର ସୋନପୁରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ

ବାଲିପାଟଣା,୩୦।୧୧ (ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଡଃ. ମନୋରଞ୍ଜନ ସାହୁ ସଭାରେ ଅଧକ୍ଷତା କରିଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଗତ ବର୍ଷରେ ଥିବା ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀଙ୍କର ହଷ୍ଟେଲର କାର୍ଯ୍ୟକାରିତା, ଖେଳପଡିଆ ନିର୍ମାଣ, ବିଦ୍ୟାଳୟ ପରିସର ଆଲୋକିକରଣ, କମ୍ପ୍ୟୁଟର ଲ୍ୟାବ୍‌ର ଉପଯୋଗୀତା ସହିତ ଅନ୍ୟାନ୍ୟ ଦିଗ ଉପରେ ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମିତିର ସଦସ୍ୟମାନେ ବିଦ୍ୟାଳୟର ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ,ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡଃ. ପୃଥ୍ୱୀରାଜ ଅଂଶୁମାନ ପ୍ରଧାନ, ଏବିଇଓ ବିଜୟ କୁମାର ବେହେରା ଏବଂ ଆର ଆଣ୍ଡ ବିର ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋରଞ୍ଜନ ମହାପାତ୍ର ଏହି ବୈଠକରେ ଉପସ୍ଥିତ ଥିଲେ।

## ଜାତୀୟ ଯୁବ ଉତ୍ସବ-୨୦୨୬ ନିମନ୍ତେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର,୩୦।୧୧ (ସଂଚାର ବ୍ୟୁରୋ): ଜାତୀୟ ଯୁବ ଉତ୍ସବ ୨୦୨୬ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରୁ ରାଜ୍ୟ ସ୍ତରକୁ ପ୍ରତିଯୋଗୀ ପଠାଇବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ପୌରାହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଆସନ୍ତା ୦୪ ତାରିଖ ସୁଦ୍ଧା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀ ଉକ୍ତ ଦିନ ସକାଳ ୮ରୁ ୧୦ ଘଟିକା ମଧ୍ୟରେ ନିଜର ନାମ ପଞ୍ଜିକରଣ କରାଇପାରିବେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଆବଶ୍ୟକୀୟ ବୟସ ୧୫ରୁ ୨୯ ବର୍ଷ ହୋଇଥିବା ବେଳେ ବ୍ୟକ୍ତି ଗତ ତଥା ଦଳଗତ ବର୍ଗରେ ବିଭିନ୍ନ ୭ଗୋଟି ପ୍ରତିଯୋଗିତା ଆୟୋଜିତ କରାଯିବ। ପ୍ରତିଯୋଗୀତା ବର୍ଗରେ ଦଳଗତ ଲୋକନୃତ୍ୟ : ୬ରୁ ୧୦ ଜଣ (ଲାଇଭ୍) ୩ ଜଣ ସହାୟକଙ୍କ ସହ, ସେହିପରି ଦଳଗତ ଲୋକ ସଙ୍ଗୀତ ବର୍ଗରେ ୬ରୁ ୧୦ ଜଣ (୩ ଜଣ ସହାୟକ), ବ୍ୟକ୍ତିଗତ ବର୍ଗ ଚିତ୍ରକଳାରେ ଜଣେ, ଔପଚାରିକ ବକ୍ତୃତାରେ ଜଣେ (ଓଡିଆ/ହିନ୍ଦୀ/ଇଂରାଜୀ), ପଦ୍ୟ ଲିଖନ ପ୍ରତିଯୋଗିତାରେ ଜଣେ (ଓଡିଆ/ହିନ୍ଦୀ/ଇଂରାଜୀ) ନିମନ୍ତେ ଅଂଶ ଗ୍ରହଣ କରିପାରିବେ। ପ୍ରତିଯୋଗୀ ନିଜର ବୟସ ପ୍ରମାଣ ନିମନ୍ତେ ସାଙ୍ଗରେ ଆଧାର କାର୍ଡ ଆଣିବେ। ଯୋଗ୍ୟ ପ୍ରତିଯୋଗୀ ବାଛିବା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ଦ୍ୱାରା ଜିଲ୍ଲା ସଂସ୍କୃତି ଭବନ, ସୁବର୍ଣ୍ଣପୁର ଠାରେ ଆୟୋଜନ କରାଯିବ। ଅଧିକ ବିବରଣୀ ପାଇଁ ଜିଲ୍ଲା କ୍ରିଡା କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ସୁବର୍ଣ୍ଣପୁରକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## କୋଲନରା ବ୍ଲକ ମିଡିଆ ସେଲର ବୈଠକ

କୋଲନରା,୩୦।୧୧ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା କୋଲନରା ବ୍ଲକ ସଦରରେ ଥିବା ଶ୍ରୀ ଧବଳେଶ୍ୱର ମନ୍ଦିର ପରିସରରେ କୋଲନରା ବ୍ଲକ ମିଡ଼ିଆ ସେଲ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକର ସାମ୍ବାଦିକ ମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ମୁଖ୍ୟତଃ ସମସ୍ତଙ୍କ ସହଯୋଗ, ମିଡ଼ିଆ ସେଲର ଭୂମିକା, ଆଗାମୀ ବ୍ଲକ ମିଡ଼ିଆ ସେଲ କମିଟି ଗଠନ, ବ୍ଲକରେ ସାମ୍ବାଦିକ ଭବନ, ସମସ୍ତ ସଦସ୍ୟଙ୍କ ନାମ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପ୍ରଦାନ, ନୂତନ ବର୍ଷ ପାଇଁ ସଂଘ ନାମରେ ଶୁଭେଚ୍ଛା ବାର୍ତ୍ତା କାର୍ଡ ସହିତ ନକଲି ସାମ୍ବାଦିକଙ୍କୁ କିପରି ବ୍ଲକରେ ରୋକାଯାଇ ପାରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। କୋଲନରା ବ୍ଲକରେ ଆଜି ପର୍ଯ୍ୟନ୍ତ କୌଣସି ସଂଘ ଗଠନ କରାଯାଇ ନାହିଁ ତେଣୁ ଏହି ସାମ୍ବାଦିକ ସଂଘ ଗଠନ କରିବା ନେଇ ସମସ୍ତେ ମତାମତ ଦେଇଥିବା ବେଳେ ଆଜି ତାହା ସମ୍ଭବ ହୋଇପାରିଛି।



## ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା



କଣାସ,୩୦।୧୧ (ସଂଚାର ବ୍ୟୁରୋ): କଣାସ ବ୍ଲକ ପଟଯୋଶିପୁର ଗ୍ରାମର ଯୁବ ଜ୍ୟୋତି ସେବା ପ୍ରତିଷ୍ଠାନ ପରିସରରେ ଆଜି ମହିଳା ଓ ସ୍ୱାସ୍ଥ୍ୟ ଓ ଶିଶୁ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକୁ ପଞ୍ଚାୟତର ଶତାଧିକ ମହିଳା ଶିଶୁ ଯୋଗଦେଇଥିଲେ।

ମହିଳାମାନଙ୍କର ପ୍ରଜୋଜନ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ତଥା କିଶୋରୀ ବାଳିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସର୍ବପରି ଜନସଂଖ୍ୟା ହ୍ରାସ, ଶିଶୁ ଓ ମାତୃ ମୃତ୍ୟୁହାର କିପରି ରୋକା ଯାଇପାରିବ ତାହା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଉପସ୍ଥିତ ଥିବା ମହିଳାମାନେ ସେମାନଙ୍କର ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଓ ମହିଳାମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।






# ଅଧିକ ସମୟ ପରିସ୍ରା ଚାପି ରଖୁଛନ୍ତି କି ?

ଏମିତି ଅନେକ ବଦଭ୍ୟାସ ରହିଛି, ଯାହା ପରିହାର୍ଯ୍ୟ ହେଲେ ସୁଦ୍ଧା ତାହାକୁ ବେଳେବେଳେ ଦୂରେଇଦେବା ସମ୍ଭବ ହୋଇ ନଥାଏ। ସେଥି ମଧ୍ୟରୁ ପରିସ୍ରାକୁ ଦୀର୍ଘ ସମୟ ଧରି ଚାପି ରଖିବା ହେଉଛି ଅନ୍ୟତମ। ପରିସ୍ଥିତିରେ ପଡ଼ି ଦୀର୍ଘ ସମୟ ଧରି ପରିସ୍ରା ନଯିବାକୁ ଆମେ ବାଧ୍ୟ ହୋଇଥାଉ। ତେବେ ଏଭଳି ସାମାନ୍ୟ ତ୍ରୁଟି ସମୟକ୍ରମେ ଭୀଷଣ ସ୍ୱାସ୍ଥ୍ୟ ସମସ୍ୟା ଆଣିବାର ଆଶଙ୍କା ରହିଛି। ଏଭଳି 'ୟୁରିନାରି ଇନ୍‌କଣ୍ଟିନେନ୍‌ସ' ବା ଦୀର୍ଘ ସମୟ ଧରି ପରିସ୍ରା ନଯିବା ଅବସ୍ଥା ବିଶେଷ କରି ବରିଷ୍ଠ ନାଗରିକଙ୍କ ଠାରେ ଅଧିକ ଦେଖାଦେଇଥାଏ। ତେବେ ସମ୍ପ୍ରତି ଏହା ଯୁବପିଢ଼ିକୁ ମଧ୍ୟ ଆକ୍ରାନ୍ତ କରିବାରେ ଲାଗିଛି। ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକରେ ହେଉ ବା ଭୀଷଣ ଟ୍ରାଫିକ୍‌ରେ ହେଉ, ଜଣେ ସେଭଳି ସ୍ଥିତିରେ ଅଟକି ରହିଥିବା ସମୟରେ ଜୋର୍‌ରେ ପରିସ୍ରା ମାଡୁଥିଲେ ମଧ୍ୟ ତାହା ଚାପି ରଖିବାକୁ ବାଧ୍ୟ ହୋଇଥାଏ। ମାତ୍ର ଏଭଳି କରିବା ଦ୍ୱାରା ଆମ ଶରୀରରେ ମୂତ୍ର ଠୁଳ ହୋଇ ରହୁଥିବା ଥଳି ବା ମୂତ୍ରାଶୟର ସମ୍ବେଦନଶୀଳତା କମି ଆସିଥାଏ। ଫଳରେ ମୂତ୍ରାଶୟର ମାଂସପେଶୀଗୁଡ଼ିକ ଶିଥିଳ ହୋଇଯାଇ ମୂତ୍ରନଳୀ ସଂକ୍ରମଣ (ୟୁଟିଆଇ)ର ଆଶଙ୍କା ବଢ଼ାଇଥାଏ। ତେଣୁ ପରିସ୍ରା ମାଡ଼ିଲା ମାତ୍ରେ ସ୍ଥାନ-କାଳ-ପାତ୍ର ନମାନି ଶୌଚାଳୟ ଯାଇ ତୁରନ୍ତ ତାହାକୁ ଖଲାସ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ନିୟମିତ ପରିସ୍ରା ଯିବା ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା। ଏହା ବିରୋଧରେ ଗଲେ ପରିଣାମ ବିପଜ୍ଜନକ ହୋଇପାରେ। ସେହିପରି ସ୍ଥଳବିଶେଷରେ ଯଦି କେହି ନିଜର କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ବ୍ୟସ୍ତ ରହିବାର ସମ୍ଭାବନା ରହିଥାଏ, ତେବେ ତଦନୁଯାୟୀ ଆଗୁଆ ଯୋଜନା କରି ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ପରିସ୍ରା ଯିବା ଆବଶ୍ୟକ।



# ଭିଟାମିନ୍ ବି୧୨ ଅଭାବରୁ ଅନୁଭବ ହୁଏ ମାତ୍ରାଧିକ ଥଣ୍ଡା

ଶୀତ ଋତୁ ଆସିବା ସହିତ ଆମ ସମସ୍ତଙ୍କ ପାଇଁ ସ୍ୱେଟର୍, ଜ୍ୟାକେଟ୍ ଓ ସ୍କାର୍ଫ ଆଦି ଶୀତବସ୍ତ୍ରର ପ୍ରାଥମିକତା ବଢ଼ିଯାଇଛି। ଆମମାନଙ୍କ ଭିତରୁ କେହି କେହି ହାଲୁକା ବା ପତଳା ସ୍ୱେଟରରେ ଶୀତର ମୁକାବିଲା କରିପାରୁଥିବା ବେଳେ ଅନେକଙ୍କୁ ଅପେକ୍ଷାକୃତ ଅଧିକ ଶୀତ ଅନୁଭୂତ ହୁଏ। ତେବେ ଶରୀର ଏଭଳି ଅଧିକ ଥଣ୍ଡା ଅନୁଭବ କରିବା ପଛରେ କିଛି ଜୀବସାର ବା ଭିଟାମିନ୍ ଦାୟୀ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆମ ଶରୀରର ତାପମାତ୍ରା ସନ୍ତୁଳିତ ରହିବା ପ୍ରକ୍ରିୟାକୁ 'ଥର୍ମୋରେଗୁଲେସନ୍' କୁହାଯାଏ। ରକ୍ତରେ ଲୌହସାର, ଭିଟାମିନ୍ ବି୧୨ ଓ ଫୋଲେଟ୍ ବା ଭିଟାମିନ୍୯ ଆଦି ଖାଦ୍ୟସାର ଏହି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ସୁତରାଂ ଏହି ସବୁ ଖାଦ୍ୟସାରଗୁଡ଼ିକର ଅଭାବ ଘଟିଲେ ଆମ ଶରୀର ନିଜର ତାପମାତ୍ରାକୁ କାଏମ୍ ରଖିବା ଲାଗି ସଂଘର୍ଷ କରିଥାଏ। ଫଳସ୍ୱରୂପ ଆମକୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ। ଆମର ଲୋହିତ ରକ୍ତ କଣିକାରେ ଥାଇ ଶରୀରର ବିଭିନ୍ନ କୋଷ ପାଖକୁ ଅମ୍ଳଜାନ ପରିବହନ କରୁଥିବା ହିମୋଗ୍ଲୋବିନ୍‌ର ସୃଷ୍ଟି ପାଇଁ ଲୌହସାର ଏକ ଅତ୍ୟାବଶ୍ୟକ ଉପାଦାନ। କୋଷମାନଙ୍କ ପାଖକୁ ଯଥେଷ୍ଟ ପରିମାଣର ଅମ୍ଳଜାନ ପରିବାହିତ ନହେଲେ ଆମର ମାଂସପେଶୀ ଓ ତନ୍ତୁଗୁଡ଼ିକ ଯଥେଷ୍ଟ ପରିମାଣର ତାପ ଉତ୍ପନ୍ନ କରିପାରନ୍ତି ନାହିଁ। ଏଭଳି ସ୍ଥିତିକୁ ଲୌହସାର ଅଭାବ ଜନିତ ରକ୍ତହୀନତା କୁହାଯାଏ, ଯାହାର ଲକ୍ଷଣ ସ୍ୱରୂପ ଅଧିକ ଥଣ୍ଡା ଅନୁଭୂତ ହେବା ସହ ଦୁର୍ବଳ ଓ ଭୀଷଣ କ୍ଳାନ୍ତ ଲାଗିଥାଏ।

ସେହିପରି ଲୋହିତ ରକ୍ତକଣିକା ପ୍ରସ୍ତୁତି ସମେତ ସ୍ନାୟବିକ ପ୍ରଣାଳୀକୁ ସକ୍ରିୟ କରିବାରେ ଭିଟାମିନ୍୧୨ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁତରାଂ ଭିଟାମିନ୍୧୨ର ଅଭାବ ରହିଲେ ସୁସ୍ଥ ଲୋହିତ ରକ୍ତକଣିକା ଗଠନରେ ବ୍ୟାଘାତ ହୋଇଥାଏ। ଏଭଳି ସ୍ଥିତିକୁ ଭିଟାମିନ୍୧୨ ଅଭାବ ଜନିତ ରକ୍ତହୀନତା କୁହାଯାଏ, ଯାହାର ଲକ୍ଷଣ ସ୍ୱରୂପ, ଗୋଡ଼ ଓ ହାତ ମାତ୍ରାଧିକ ଥଣ୍ଡା ହୋଇ କୋଲ ମାରିଯାଏ। ସେହିପରି ଲୋହିତ ରକ୍ତକଣିକା ପ୍ରସ୍ତୁତିରେ ଭିଟାମିନ୍୧୨ ସହିତ ଭିଟାମିନ୍୯ର ମଧ୍ୟ ଭୂମିକା ରହିଛି। ସୁତରାଂ ଏହାର ଅଭାବ ଦେଖାଗଲେ ମଧ୍ୟ ଶରୀର ମାତ୍ରାଧିକ ଥଣ୍ଡା ଅନୁଭବ କରିଥାଏ। ଏଥି ସହିତ ଚର୍ମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ସି'ର ରକ୍ତରେ ଲୌହସାର ଶୋଷଣ ପ୍ରକ୍ରିୟାରେ ଅବଦାନ ରହିଛି। ତେଣୁ ଏହାର ଅଭାବ ରହିଲେ ମଧ୍ୟ ଅଧିକ ଥଣ୍ଡା ଲାଗିଥାଏ। ତେଣୁ ସମାନ ପରିବେଶରେ ଅନ୍ୟମାନଙ୍କ ତୁଳନାରେ ଆମକୁ ଯଦି ଅଧିକ ଥଣ୍ଡା ଲାଗୁଛି, ତେବେ ଆମ ରକ୍ତରେ ଉପରୋକ୍ତ ଖାଦ୍ୟସାରଗୁଡ଼ିକର ଅଭାବ ରହିଛି ବୋଲି ଧରିବାକୁ ହେବ। ତଦନୁଯାୟୀ ଆବଶ୍ୟକ ଖାଦ୍ୟ ଗ୍ରହଣ ପୂର୍ବକ ସେହି ଅଭାବକୁ ଭରଣା କରିପାରିଲେ ଥଣ୍ଡା ଅନୁଭବ କମିଯିବ।

# ଫଳକୁ ନ ଧୋଇ ଖାଇଲେ ସ୍ୱାସ୍ଥ୍ୟ ପାଇଁ ହାନିକାରକ



ଶୀତଦିନେ ମାର୍କେଟରେ ବିଭିନ୍ନ ପ୍ରକାରର ଫଳ ମିଳେ। ଏହି ଋତୁରେ ଭିନ୍ନ ଭିନ୍ନ ପ୍ରକାରର ତାଜା ଫଳ ଓ ପନିପାରିବା ଖାଇବାର ସୁଯୋଗ ପାଆନ୍ତି ଲୋକେ। କିନ୍ତୁ କେତେକ ଫଳ ବିକ୍ରେତା ଫଳଗୁଡ଼ିକୁ ଅଧିକ ଦିନ ସତେଜ ତଥା ତାଜା ରଖିବା ପାଇଁ ଏଥିରେ ଫର୍ମାଲିନ ପରି କ୍ଷତିକାରକ ରାସାୟନିକ ସାମଗ୍ରୀ ମିଶାଇଥାଆନ୍ତି, ଯାହାକୁ ଆପଣ ଖାଇବା ଦ୍ୱାରା ଏହା ଆପଣଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ। ତେବେ ଆସନ୍ତୁ ଜାଣିବା କ'ଣ କରିବା ଦ୍ୱାରା ଆମେ ଏହି କ୍ଷତିକାରକ ରାସାୟନିକ ସାମଗ୍ରୀରୁ ନିଜକୁ ରକ୍ଷା କରିପାରିବା। ଶରୀରକୁ ସୁସ୍ଥ ରଖିବା ସହ ଶରୀରକୁ ଆବଶ୍ୟକୀୟ ପୋଷଣ ଦେବା ପାଇଁ ଆମେ ଫଳ ଖାଇଥାଉ। ବିଶେଷଜ୍ଞଙ୍କ ଅନୁସାରେ ପ୍ରତେକ ଦିନ ଫଳ ଖାଇବା ଦ୍ୱାରା ଆମ ଶରୀରକୁ ଆବଶ୍ୟକ ପୋଷଣ ମିଳିଥାଏ। ହେଲେ ଆଜିକାଲି ମାର୍କେଟରେ ମିଳୁଥିବା ସବୁ ଜିନିଷକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଦୋକାନୀମାନେ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରିଥାଆନ୍ତି। ଯାହା ଆମ ଆଖିକୁ ଦେଖିବା ଏବଂ ପାଟିକୁ ଖାଇବାକୁ ଭଲ ଲାଗିଲେ ବି ଆମ ଶରୀରକୁ ଯାଇ ଏହା ଅନେକ କ୍ଷତି ପହଞ୍ଚାଇଥାଏ। ସେହିପରି ଫଳକୁ ଦୀର୍ଘଦିନ ଯାଏଁ ସତେଜ ରଖିବା ପାଇଁ ଦୋକାନୀମାନେ ଫର୍ମାଲିନ ପରି କ୍ଷତିକାରକ କେମିକାଲର ବ୍ୟବହାର କରିଥାଆନ୍ତି, ଯାହାକୁ ଆମେ ଖାଇବା ଦ୍ୱାରା ଆମକୁ ଅନେକ ରୋଗ ହୋଇଥାଏ। କେବଳ ଫର୍ମାଲିନ ନୁହେଁ ବାହାରେ ଉଡୁଥିବା ଧୂଳିକଣା ଏବଂ ଦୂଷିତ ପଦାର୍ଥ ଫଳରେ ଲାଗିରହିଥାଏ। ଯାହାଦ୍ୱାରା ଆମେ ଫଳକୁ ନଧୋଇ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯାଇଥାଏ। ଏଭଳି ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ଅନେକ ଗମ୍ଭୀର ଶାରୀରିକ ସମସ୍ୟାର ହେବାର ଆଶଙ୍କା ବଢ଼ିଯାଏ। କିଛି ଲୋକଙ୍କଠାରେ ମୁଣ୍ଡବିନ୍ଧା, ଚର୍ମ କୁଣ୍ଡାଇ ହେବା ଭଳି ସମସ୍ୟା ଦେଖାଦିଏ। ଲଗାତାର ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ହରମୋନ ଅସନ୍ତୁଳନ, Neurological damage, ପ୍ରଜନନ ସମସ୍ୟା ଏବଂ କର୍କଟ ଭଳି ରୋଗ ହେବାର ଆଶଙ୍କ ବଢ଼ିଯାଏ।

ମାର୍କେଟରୁ ଫଳ କିଣିଲା ପରେ ପ୍ରଥମେ ଏହାକୁ ପାଣିରେ ଭଲ ଭାବରେ ଧୋଇବା ଉଚିତ୍। ପାଣିରେ ଭଲଭାବରେ ଧୋଇବା ଦ୍ୱାରା ଏଥିରେ ଲାଗିଥିବା ଦୂଷିତ ପଦାର୍ଥ ଏବଂ ଧୂଳିକଣା ସଫା ହୋଇଯାଇଥାଏ। କିନ୍ତୁ କ୍ଷତିକାରକ କେମିକାଲ ଛାଡିନଥାଏ। ଫଳକୁ କେମିକାଲ ମୁକ୍ତ କରିବା ପାଇଁ ହାଲକା ଗରମ ପାଣିରେ ଲୁଣ ବା ଭିନେଗାର ପକାଇ ୧୦ ମିନିଟ୍ ପାଇଁ ଫଳକୁ ବୁଡାଇ ରଖିଦିଅନ୍ତୁ। ୧୦ ମିନିଟ୍ ପରେ ଏହାକୁ କାଢି ଥଣ୍ଡା ପାଣିରେ ଆଉ ଥରେ ଧୋଇ ନିଅନ୍ତୁ ଏବଂ ଏହାର ସେବନ କରନ୍ତୁ। ଏପରି କରିବା ଦ୍ୱାରା କ୍ଷତିକାରାକ ଫର୍ମାଲିନ ଫଳରୁ ସମ୍ପୂର୍ଣ୍ଣ ଭାବେ ଛାଡିଯାଇଥାଏ। ଦୋକନୀମାନେ କେବଳ ଫଳରେ ଫର୍ମାଲିନର ବ୍ୟବହାର କରନ୍ତି ନାହିଁ। ବରଂ ବଜାରରେ ମିଳୁଥିବା ମାଛରେ ମଧ୍ୟ ଏହି କେମିକାଲ ବ୍ୟବହାର କରାଯାଇଥାଏ। ମାଛକୁ ଦୀର୍ଘଦିନ ପାଇଁ ସତେଜ ରଖିବା ପାଇଁ ଏହି ଫର୍ମାଲିନ ବ୍ୟବହାର କରାଯାଇଥାଏ। ବିଶେଷଜ୍ଞଙ୍କ ମତରେ ମାଛକୁ ପାଣିରେ ଅଧଘଣ୍ଟା ପର୍ଯ୍ୟନ୍ତ ରଖିବା ଦ୍ୱାରା ଏଥିରେ ରହିଥିବା ୬୦ ପ୍ରତିଶତ କେମିକାଲ କମ ହୋଇଥାଏ। ସେହିପରି ମାଛକୁ ୧ ଘଣ୍ଟା ଲୁଣପାଣିରେ ରଖିବା ଦ୍ୱାରା ସେଥିରୁ ୧୦୦ ପ୍ରତିଶତ କେମିକାଲ ନଷ୍ଟ ହୋଇଥାଏ।

# ମୃତ କୋଷିକାକୁ ଦୂର କରେ ହାଇଡ୍ରା ଫେସିଆଲ୍



ଆଜିକାଲିର ଆଧୁନିକା ତରୁଣୀ ଓ ମହିଳାମାନେ ଉଜ୍ଜଳ, ମସୃଣ ତ୍ୱଚା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମୁହଁରୁ କଳା, ଧଳା ଦାଗ ଦୂର କରିବାକୁ ଅର୍ଗାନିକ୍ ପିଲ୍‌ଠାରୁ ଆରମ୍ଭ କରି ଓପନପୋର୍ ବା ମୁହଁରୁ ଗାତ ଦୂର କରିବାକୁ ଓପନ୍‌ପୋର୍‌ସ ଟ୍ରିଟ୍‌ମେଣ୍ଟ, ଆଖି ତଳୁ କଳାଦାଗ ଦୂର ପାଇଁ ଅଣ୍ଡର୍ ଆଇ ଟ୍ରିଟ୍‌ମେଣ୍ଟ, କଳା ଓଠକୁ ସୁନ୍ଦର କରିବାକୁ ଲିପ୍ ଲାଇଟେନିଂ ଟ୍ରିଟ୍‌ମେଣ୍ଟ ଓ ତ୍ୱଚାକୁ ଦାଗମୁକ୍ତ ଓ ଉଜ୍ଜ୍ୱଳ କରିବାକୁ ସ୍କିନ୍ ଗ୍ଲୋ ଟ୍ରିଟ୍‌ମେଣ୍ଟ ଆଦି ଏବେ ସହରର ବିଭିନ୍ନ ପାର୍ଲରଗୁଡ଼ିକରେ କରାଯାଉଛି। ଏଥିସହ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ଏବେ ହାଇଡ୍ରା ଫେସିଆଲ୍, ମେଡିକାଲ୍ ଗ୍ରେଡ୍ ଫେସିଆଲ୍, କେମିକାଲ୍ ପିଲ୍, ଏଲ୍‌ଇଡି ଲାଇଟ୍ ଥେରାପି, ଟ୍ରିଟ୍‌ମେଣ୍ଟ କରୁଛନ୍ତି। ତେବେ ଏସବୁ ଭିତରୁ ହାଇଡ୍ରା ଫେସିଆଲ୍ ର ଚାହିଦା ବଢ଼ୁଛି।

ଏହି ଫେସିଆଲ୍‌ରେ ଏକ ଯନ୍ତ୍ର ମାଧ୍ୟମରେ ମୁହଁରୁ ସମସ୍ତ ପ୍ରକାରର ମଇଳା ବାହାର କରାଯାଏ। ଯାହାକି ସାଧାରଣ ଫେସିଆଲ୍‌ଠାରୁ ଅଧିକ ଭଲ ପ୍ରଭାବ ଦେଖାଇଥାଏ। ୩୦ ବର୍ଷ ପରେ ମୁହଁର ଚମକ ଧୀରେ ଧୀରେ କମିଯିବା ଫଳରେ ତ୍ୱଚାରେ କୁଞ୍ଚନ ସୃଷ୍ଟି ହୁଏ। ସବୁବେଳେ ମୁହଁକୁ ସଜେତ ରଖିବାପାଇଁ ଏହି ଫେସିଆଲ୍ ଖୁବ୍ ଭଲ। ଏହା ମୁହଁକୁ ଭିନ୍ନ ଏକ ଚମକ ଦିଏ ଓ ବିବାହ ତଥା ନିର୍ବନ୍ଧ ପୂର୍ବରୁ ମହିଳାମାନେ ଏହାକୁ କରାଇନେଲେ ଭଲ। ଚର୍ମକୁ ହାଇଡ୍ରେଟ୍ କରିବା ପାଇଁ ହାଇଡ୍ରା ଫେସିଆଲ୍ କାର୍ଯ୍ୟ କରିଥାଏ। ଏହି ଫେସିଆଲ୍‌ରେ ସୌନ୍ଦର୍ଯ୍ୟ ଉପକରଣ ସାହାଯ୍ୟରେ ଚେହେରାରେ ମୃତ କୋଷଗୁଡ଼ିକ ବାହାର କରାଯାଇଥାଏ। ଚର୍ମ ଭିତରେ ଆଣ୍ଟିଅକ୍ସିଡାଣ୍ଟ ସେରମ୍ ଭର୍ତ୍ତି କରାଯାଇଥାଏ। ଯେଉଁଥିପାଇଁ ଚର୍ମର ଚମକ ଫେରି ଆସିବାରେ ସାହାଯ୍ୟ କରେ। ଏହା ଦ୍ୱାରା କୌଣସି ପାଶ୍ୱପ୍ରତିକ୍ରିୟା ଦେଖାଦିଏ ନାହିଁ। ଏହି ଫେସିଆଲ୍ ଦ୍ୱାରା ମୁହଁରୁ କଳାଦାଗ, ବାର୍ଦ୍ଧକ୍ୟ, ମୁଖ ବ୍ରଣ, ଆକ୍‌ନେ ଆଦି ସମସ୍ୟାର ସମାଧାନ ହୋଇଥାଏ। ସମ୍ପୂର୍ଣ୍ଣ ମେସିନ୍ ସାହାଯ୍ୟରେ ଏହି ଫେସିଆଲ୍ କରାଯାଇଥାଏ। ଏଥିରେ ଏଲ୍‌ଇଡି ମାସ୍କକୁ ବ୍ୟବହାର କରାଯାଏ ଯେଉଁଥିରେ ଏକ ପ୍ରକାର ଲାଇଟ୍‌କୁ ତ୍ୱଚାରେ ପକାଯାଏ ଓ ପରେ ବିଭିନ୍ନ ସେରମ୍ ଓ କ୍ରିମ୍ ଆଦିକୁ ବ୍ୟବହାର କରାଯାଏ। ମସାଜ୍, କ୍ଲିନ୍‌ଜିଙ୍ଗ୍, ସ୍କ୍ରବିଙ୍ଗ୍, ଆଖି ଓ ନାକ ତଳ ସଫା ପାଇଁ ସୁପର୍‌ସୋନକ୍ ମେସିନ୍ ବ୍ୟବହାର କରାଯାଏ। ହେଆର୍ ହାକର୍ ପାର୍ଲରର ମୁଖ୍ୟ ଜିତୁ ଠାକୁର କୁହନ୍ତି ଯେ ୯ ମାସ ହେଲାଣି ଏହି ଫେସିଆଲ୍ ବଜାରକୁ ଆସିଛି। ଗ୍ରାହକଙ୍କ ରୁଚି ଅନୁଯାୟୀ ଓ ତ୍ୱଚା ଅନୁଯାୟୀ ଆମେ ଫେସିଆଲ୍ କିଟ୍ ବ୍ୟବହାର କରିଥାଉ। ଏହାର ଦାମ୍ ୩୫୦୦ରୁ ଆରମ୍ଭ ହୋଇ ୫୦୦୦ ପର୍ଯ୍ୟନ୍ତ ରହିଛି। O3+, ଲାଲୁସା ଓ ମେଟ୍ ଫେସିଆଲ୍‌ର ଚାହିଦା ଅଧିକ ରହିଛି। ପ୍ରତି ୨୦ ଦିନରେ ଥରେ ହାଇଡ୍ରା ଫେସିଆଲ୍ କରିବାଦ୍ୱାରା ମୁହଁର ମୃତ ଚର୍ମକୋଷଗୁଡ଼ିକ ନଷ୍ଟ ହୋଇ ଚର୍ମରେ ଆର୍ଦ୍ରତା ଭରିଥାଏ। ଏଥିରେ ଆମକୁ ହାତ ମାରିବାକୁ ପଡ଼ି ନଥାଏ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମେସିନ୍ ହିଁ କରିଥାଏ। ତ୍ୱଚାର ଚର୍ମର ଆବଶ୍ୟକତା ଅନୁଯାୟୀ ମେସିନ୍‌ଟି ତା'ର କାର୍ଯ୍ୟ କରିଥାଏ ସେଥିପାଇଁ ଆଜିକାଲି ଅଧିକାଂଶ ମହିଳା ଏହି ଫେସିଆଲ୍‌କୁ ପସନ୍ଦ କରୁଛନ୍ତି ବୋଲି ଶ୍ରୀ ଠାକୁର କହିଛନ୍ତି।

SANCHAR ସଂଚାର

## ବାଲିଆପାଳରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ



**ବାଲିଆପାଳ, ୩୦।୧୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ରେ ଆଜି ସାରା ଭାରତ ବର୍ଷ ରେ ୧୮ ଟି ସ୍ଥାନରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦେଶବାସୀଙ୍କ ସହ ସିଧାସଳଖ ନିଜର ମନର କଥା କହିଥିଲେ ପ୍ରଧାନମନ୍ତ୍ରୀ ଏହି ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକ ନୂତନ ବସ୍ ଷ୍ଟାଣ୍ଡ ଠାରେ ମନ କି ବାତ ୧୨୮ତମ ସଂସ୍କରଣ କୁ ସମ୍ବୋଧୀତ କରିଥିଲେ ପ୍ରଧାନ ମନ୍ତ୍ରୀ ମନ କି ବାତ ର ଜିଲ୍ଲା କୋଡିନେଟର କୃଷ୍ଣ ଚନ୍ଦ୍ର ଦତ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ରାଜ୍ୟ ସଂଯୋଜିକା ମନସ୍ମିତା ଖୁଣ୍ଟିଆ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀ ଙ୍କ ମନ କି ବାତ ସିଧାସଳଖ ଆଭାସୀ ମାଧ୍ୟମରେ ଶୁଣିଥିଲେ, ଶେଷରେ ଜିଲ୍ଲା ର ସମସ୍ତ ମନ କି ବାତ ର ପଞ୍ଚାୟତ କୋଡିନେଟର, ମଣ୍ଡଳ ସଭାପତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖୁଣ୍ଟାପୁର ଠାରେ ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ

**ବୈଶିଙ୍ଗା,୩୦।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ନିକଟରେ ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ।

କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟ ର ନିଷ୍ପତି କ୍ରମେ ବୈଶିଙ୍ଗା ନିକଟସ୍ଥ ପଣସିଆ ମୌଜାର ପଦାପୁରୁଣିଆ ଠାରେ ୧୦୦୦ ମେଟ୍ରିକ୍ ଟନ୍ ଶସ୍ୟ ମହଜୁଦ କ୍ଷମତା ସମ୍ପନ୍ନ ବହୁମୁଖି ପଣ୍ୟାଗାର ନିର୍ମାଣ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସହ ବେତନଟୀ ତହସିଲଦାର ଏକ ଏକର ଜମି ଚିହ୍ନଟ କରି ଯାଇଛନ୍ତି। ଖାତା ନଂ ୬ ଓ ପ୍ଲଟ ନଂ ୮ ରେ ଗୋଚର କିସମର ମୋଟ ୫ ଏକର ଜମି ମଧ୍ୟରୁ ଏହି ୧ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଛି। ତେବେ ପରବର୍ତ୍ତି ସମୟରେ ପ୍ରକଳ୍ପ ସମ୍ପ୍ରସାରଣ ଲାଗି ଆବଶ୍ୟକତା ଅନୁସାରେ ଅଧିକ ଜମି ଅଧିଗ୍ରହଣର ସମ୍ଭାବନା ଥିବା ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସୂତ୍ରରୁ ସୂଚନା ମିଳିଛି।

ସମବାୟ ବିଭାଗର ବରିଷ୍ଠ ଅଧିକାରୀ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ କୁ ଜମିର ଦଖଲ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ବୈଶିଙ୍ଗା ବୃହଦାକାର ବହୁମୁଖି ସମବାୟ ସମିତିର ସଭାପତି ଶତୃଘ୍ନ ସିଂ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ । ଏବେ ପ୍ରଶ୍ନ ଉଠୁଛି ଯେ ସେତେବେଳେ ବିଜେଡି ସରକାର ଏହାର ପରିକଳ୍ପନା କରିଥିବା ବେଳେ ନୂଆ ବିଜେପି ସରକାର କଣ ପାଇଁ ଏହାର ଗୁରୁତ୍ୱ ଦେଉନାହାନ୍ତି ।

ଏହି ପଣ୍ୟାଗାର ସ୍ଥାପିତ ହେଲେ ବୈଶିଙ୍ଗା ଓ ଏହାର ଆଖ ପାଖ ଅଞ୍ଚଳ ବିକଶିତ ହୋଇ ପାରନ୍ତା । ତେବେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ହୋଇ ନ ପାରିବା ଏକ ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି । ପ୍ରଶାସନିକ ସ୍ତରରେ ଏଥିପ୍ରତି ଧ୍ୟାନ ଦେବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି ।

## ବିଜେଡି ଛାଡ଼ିଲେ ପୂର୍ବତନ ସାଂସଦଙ୍କ ଏନଏସି ପ୍ରତିନିଧି ଜଗଦୀଶ



**ଧାମନଗର,୩୦।୧୧ (ସଂଚାର ବ୍ୟୁରୋ):** ଭଦ୍ରକର ପ୍ରଥମ ମହିଳା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଏନ୍ଏସି ପ୍ରତିନିଧି ଜଗଦୀଶ ପାତ୍ର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଧାମନଗର ଏନ୍ଏସିଅନ୍ତର୍ଗତ କାଙ୍କରା ସ୍କୁଲ ପଡ଼ିଆ ଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଜଗଦୀଶଙ୍କୁ ଦଳୀୟ ଟୋପି ପିନ୍ଧାଇ, ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଜଗଦୀଶଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ନିଜ ନିଜ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଥିବା ଜଣାପଡ଼ିଛି। ଜଗଦୀଶ ଗତ ୨୦୨୨ ନିର୍ବାଚନରେ ଧାମନଗର ଏନ୍ଏସିର ୧ ନମ୍ବର ୱାର୍ଡରୁ ବିଜେଡିର କାଉନସିଲର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ହେଲେ ବିଜେପିର ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। ତେବେ ତାଙ୍କ ବାପା ସ୍ୱର୍ଗତ ପୀତାମ୍ବର ପାତ୍ର ବିଜେପିର ଜଣେ ସକ୍ରିୟ କର୍ମୀ ଥିଲେ। ଏଣୁ ଜଗଦୀଶଙ୍କ ବିଜେପିରେ ଯୋଗଦାନକୁ ଘର ବାହୁଡ଼ା ବୋଲି କୁହାଯାଉଛି। ଏହାଛଡ଼ା ଜଗଦୀଶଙ୍କ ଯୋଗଦାନ ଦଳକୁ ଆହୁରି ମଜଭୂତ କରିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

## ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ଉପଲକ୍ଷେ ସଚେତନତା ରାଲି




**ସୁବର୍ଣ୍ଣପୁର,୩୦।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ନଭେମ୍ବର ୧୬ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ଆଜି ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ରାଲି କୁ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଧୂପ ଦୀପ ପ୍ରଜ୍ୱଳନ କରି ନଡ଼ିଆ ଭାଙ୍ଗିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନ ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରୁ ରାଲୀ ବାହାରି ସହର ପରିକ୍ରମା କରିଥିଲା । ଏହି ଅବସରରେ ଆଞ୍ଚଳିକ ଜିଲ୍ଲା ପରିବହନ ବିଭାଗର ମୋଟର ଯାନ ନିରୀକ୍ଷକ ଅଜିତ କୁମାର ନାୟକ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଦେବବ୍ରତ ପଟ୍ଟା, ଟ୍ରାଫିକ ସବ ଇନ୍ସପେକ୍ଟର ମିସ ପୂଜା ଭେଙ୍ଗରା, ପୁନମ ପଣ୍ଡା, ହିମାଂଶୁ ରଞ୍ଜନ ସାହୁ, ଅଭିନାଶ ଭୂଏ, ମଳୟ ପ୍ରତାପ ପାଣିଗ୍ରାହୀ, ଚିତ୍ତରଞ୍ଜନ ଭୋଇ, ମନୋରଞ୍ଜନ ମେହେର ପ୍ରମୁଖ ଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନର ବୈଠକ



**କେନ୍ଦ୍ରାପଡ଼ା,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନର ଏକ ବୈଠକ ଇଚ୍ଛାପୁର ବାରଙ୍ଗେଇପୀଠ ନିକଟ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମୂର୍ତ୍ତି ଏବଂ ଚିତ୍ରଶିଳ୍ପୀ ଲଙ୍ଗୁଳି ଚରଣ ବେହେରା ସଭାପତିତ୍ୱ କରିଥିଲେ ।

କେନ୍ଦ୍ରାପଡ଼ା ସହରର ବରିଷ୍ଠ ଚିତ୍ରଶିଳ୍ପୀ ରଞ୍ଜନ କୁମାର ସାହୁ, ରତ୍ନାକର ସାହୁ, ପଟ୍ଟାମୁଣ୍ଡାଇର ବରିଷ୍ଠ ଚିତ୍ରଶିଳ୍ପୀ ସଂଜୀବ କୁମାର କର, ଚିତ୍ରଶିଳ୍ପୀ ବିଚିତ୍ରାନନ୍ଦ ବେହେରା, ଚିତ୍ରଶିକ୍ଷକ ହିମାଂଶୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଣ ପଞ୍ଜିକୃତ ଚିତ୍ରଶିଳ୍ପୀ, ସଙ୍ଗୀତ ଓ ନୃତ୍ୟ ଶିଳ୍ପୀ, ମୂର୍ତ୍ତି ଶିଳ୍ପୀଙ୍କ ସମସ୍ୟା ଏବଂ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଅଣପଞ୍ଜିକୃତ ଶିଳ୍ପୀମାନଙ୍କ ଉନ୍ନତି ପାଇଁ ଜିଲ୍ଲା ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି । ସଂଗଠନକୁ ସୁଦୃଢ଼ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକରେ ବୈଠକ କରାଯାଇ ତା ପରେ ଜିଲ୍ଲାସ୍ତରୀୟ ମହୋତ୍ସବ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା ।

## ବରିଷ୍ଠ ସମ୍ବାଦପତ୍ର ବିତରକଙ୍କ ପରଲୋକ

**କେନ୍ଦ୍ରାପଡ଼ା,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରାଗ୍ରାମର ବରିଷ୍ଠ ସମ୍ବାଦପତ୍ର ବିତରକ ମହମ୍ମଦ ସାବିର ଅହେମ୍ମଦଙ୍କ ୫୯ବର୍ଷ ବୟସରେ ବିୟୋଗ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ , ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ବହୁ ସାମ୍ବାଦିକ, ସମ୍ବାଦପତ୍ର ଏଜେ ଏବଂ ଲୋକପ୍ରତିନିଧିମାନେ ତାଙ୍କ ଜୟୀପୁରାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନମାଜ ପାଠ ପରେ ତାଙ୍କୁ ଜୟୀପୁରାସ୍ଥିତ କବରସ୍ଥାନରେ କବର ଦିଆଯାଇଛି ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ



**ନାଉଗାଁ,୩୦।୧୧ (ସଂଚାର ବ୍ୟୁରୋ):** ବିଭିନ୍ନ ସ୍ଥାନରେ ବିଧାୟକ ଅମରେନ୍ଦ୍ର ଦାସ ରବିବାର ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ଅଲଣାହାଟ ସରକାରୀ ହୋମିଓପାଥିକ୍ ଚିକିତ୍ସାଳୟ ଗୃହ ଓ ସରକାରୀ ହୋମିଓପାଥିକ୍ ଚିକିତ୍ସାଳୟ ପାଚେରୀ ରହିଥିବା ବେଳେ ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଓ ମଧୁପୁର ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ରହିଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସହକାରୀ ଯନ୍ତ୍ରୀ ରମାକାନ୍ତ ମିଶ୍ର, ହୋମିଓପାଥିକ୍ ଚିକିତ୍ସିକା ଡାକ୍ତର ତୁଷାରକାନ୍ତି ଦାଶ, ସମିତି ସଭ୍ୟା ସାଗରିକା ଦାସ, ଅଲଣା ସରପଞ୍ଚ ଚନ୍ଦ୍ରମଣୀ ବେହେରା ଅଲଣାର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକ, ଯୁବନେତା ତାପସ ଦାସ, ବିଜେପି ନାଉଗାଁ ମଣ୍ଡଳ ପ୍ରତିନିଧି ବିଷ୍ଣୁଚରଣ ବେହେରା, ଅଲଣାର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକ, ଯୁବନେତା ତାପସ ଦାସ, ବିଜେପି ନାଉଗାଁ ମଣ୍ଡଳ ପ୍ରତିନିଧି ବିଷ୍ଣୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ରଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ରାଜ୍ୟ ଆଇ.ଏନ.ଟି.ୟୁ.ସି. ସଭାପତି, ସର୍ବଭାରତୀୟ ଆଇ.ଏନ.ଟି.ୟୁ.ସି. ଉପସଭାପତି ତଥା ଜେନେଭାସ୍ଥିତ ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ସଂଗଠନର ଅଧ୍ୟକ୍ଷ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଗରାପୁର ଡାକବଙ୍ଗଳା ଛକରେ ଉତ୍ସବିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି' କେନ୍ଦ୍ରାପଡାର ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ପ୍ରତିନିଧିମାନେ ଶ୍ରୀ ଖୁଣ୍ଟିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ' ଏଥିସହିତ ଟ୍ରେଡୟୁନିଅନର ପ୍ରତିନିଧିମାନେ ଆଇ.ଏନ.ଟି.ୟୁ.ସି.ର ରାଜ୍ୟ ସଭାପତିଙ୍କୁ କେନ୍ଦ୍ରାପଡାର ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ଦୁରାବସ୍ଥା ସମ୍ପର୍କରେ ଜଣାଇବା ସହିତ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ସଭାପତି ଶ୍ରୀ ଖୁଣ୍ଟିଆ ଆସନ୍ତା ୩, ୪ ଓ ୫ତାରିଖରେ ରାଜ୍ୟ ସ୍ତରୀୟ ଶ୍ରମକୋର୍ଡ ପ୍ରଚଳନ ବିରୋଧୀ ସମାବେଶକୁ କେନ୍ଦ୍ରାପଡା ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧି ଯୋଗଦେବାକୁ ଆହ୍ୱାନ ଦେଇଥିଲେ ।

ଜିଲ୍ଲାର ସମସ୍ତ ପାୟତ ଗୁଡିକରେ ପିଅନ ନିଯୁକ୍ତି କ୍ଷେତ୍ରରେ ଯେଉଁଠି ପୂର୍ବରୁ ଥିବା ପିଅନ ସଠିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ପୁର୍ନନିଯୁକ୍ତି ପ୍ରଦାନ କରିବାକୁ ସଭାପତି ଶ୍ରୀ ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ । ନଚେତ ଯେଉଁ ପାୟତରେ ରାଜନୈତିକୀକରଣ ଘଟିବ ତାକୁ ଜିଲ୍ଲାର ମିଳିତ ଟ୍ରେଡୟୁନିଅନ ପକ୍ଷରୁ ଜିଲ୍ଲା ସ୍ତରରେ ଆନ୍ଦୋଳନ କରିବାକୁ ଶ୍ରୀ ଖୁଣ୍ଟିଆ ପରାମର୍ଶ ଦେବା ସହ ରାଜ୍ୟ ସ୍ତରରେ ଆବଶ୍ୟକ ସରକାରୀ ସହାୟତା ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶୃତି ଦେଇଥିଲେ ।

## ରାଷ୍ଟ୍ରବାଦୀ କବିତା ମହୋତ୍ସବ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୩୦।୧୧(ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ" ପକ୍ଷରୁ ଆସନ୍ତା ଡିସେମ୍ବର ୨୧ ତାରିଖରେ କେନ୍ଦ୍ରାପଡ଼ାରେ ଚତୁର୍ଥ ରାଷ୍ଟ୍ରବାଦୀ କବିତା ମହୋତ୍ସବ ଅନୁଷ୍ଠିତ ହେବ । ଏ ନେଇ ରବିବାର ଦିନ ସ୍ଥାନୀୟ ଗୋପ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହେବାକୁ ଥିବା କବିତା ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ କବିମାନେ ଯୋଗଦେଇ ଦେଶାତ୍ମବୋଧକ କବିତା ପାଠ କରିବେ । ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶାର ଜଣେ ବିଶିଷ୍ଟ କବିଙ୍କୁ 'ଜୟ ରାଷ୍ଟ୍ର କବିତା ସମ୍ମାନ' ପ୍ରଦାନ କରାଯିବ । 'ଜୟ ରାଷ୍ଟ୍ର ସଂଗଠନ' ର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପଙ୍କଜ ସିହ୍ନା, ବାବା ଗୁରୁକୃଷ୍ଣ ଦାସ, ବିଦୁଲତା ପତି, ରବିନାରାୟଣ ପତି, ରଶ୍ମିରଞ୍ଜନ ସ୍ୱାଇଁ, ନିରଞ୍ଜନ ମହାରଣା, ଜ୍ଞାନ ରଞ୍ଜନ ଦାସ, ସୁଶାନ୍ତ ନାୟକ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ କବିତା ମହୋତ୍ସବ ପାଇଁ ପ୍ରଭୁ ଶ୍ରୀରାମଙ୍କ ଆଜ୍ଞାମାଳ ଗ୍ରହଣ କରାଗଲା ।

## ଉଦ୍‌ଯାପିତ ହେଲା ଅସ୍ମିତା ଖେଲୋ ଇଣ୍ଡିଆ ଦୌଡ଼କୁଦ ପ୍ରତିଯୋଗିତା

**କେନ୍ଦ୍ରାପଡା,୩୦।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟ ରେ ପ୍ରଥମ ବାର୍ଷିକ ଅସ୍ମିତା ଖେଲୋ ଇଣ୍ଡିଆ ଦୌଡକୁଦ ପ୍ରତିଯୋଗିତା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଜାତୀୟ ସ୍ତରର ମହିଳା ଫୁଟବଲ ଖେଳାଳୀ ଆଲୋଚନା ସେନାପତି ସଭାପତି ଭାବେ ଯୋଗ ଦେଇଥିଲେ । ୧୪ ବର୍ଷରୁ ଅଧିକ ଓ ୧୬ ବର୍ଷରୁ କମ ୨୫୦ ଜଣ ବାଳୀକା ଖେଳାଳୀ ୬୦ ମିଟର, ୬୦୦ ମିଟର ଦୌଡ, ଲମ୍ବ ଡିଆଁ, ଜାଭେଲିନ ଥ୍ରୋ, ସଟଫୁଟ, ଡିସକସ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଏହି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କାରଯାଇଥିଲା । ରେକର୍ଡ ଅନୁଯାଇ ଭଲ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ସରକାରୀ ବାଳିକା କ୍ରୀଡା ହଷ୍ଟେଲ ରେ ରହି ତାଲିମ ନେବାର ସୁଯୋଗ ମିଳିପାରିବ ବୋଲି ସଂସଦର ସାଧାରଣ ସଂପାଦକ ସୟଦ ଆକମଲ ଅଲ୍ଲୀ ସୂଚନା ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡା ସଂପାଦକ ଜ୍ୟୋତିମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅଫିସିଆଲ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ସସ୍ମିତା ପଣ୍ଡା, ମନୋଜ ସାହୁ, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରବିନ ପ୍ରମୁଖ ଉପସ୍ଥିତ ଥିଲେ ।

## ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ସୁବର୍ଣ୍ଣପୁର,୩୦।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲି ସ୍ଥିତ ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି ବାର୍ଷିକ କ୍ରୀଡା ଉତ୍ସବ ଅଧ୍ୟକ୍ଷା ସୁଶ୍ରୀ ସ୍ୱପ୍ନା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ କାଲି ଉଦଯାପିତ ହୋଇଯାଇଛି।

ଏଥିରେ ସମ୍ମାନିତ ଅତିଥି ଭାବେ କ୍ରୀଡା ସଂଯୋଜକ ନାରାୟଣ ନାୟକ, ମମତା ଦାସ, ଦେବାଶିଷ ମିଶ୍ର, ମାଧବୀ କର୍ମୀ ଯୋଗ ଦେଇଥିଲେ । ମାଧ୍ୟମିକ ବିଦ୍ୟାଳୟ ର ଖେଳ ଶିକ୍ଷକ ମଦନ ମୋହନ ପୁଟେଲ ଖେଳ ପରିଚାଳନା କରିଥିଲେ ଓ ତାଙ୍କୁ ସହଯୋଗ କରିବା ପାଇଁ ଅନ୍ୟ ବିଦ୍ୟାଳୟ ର ଖେଳ ଶିକ୍ଷକ ଦାମୋଦର ଠେଟୁଆଲ, ଯଶୋବନ୍ତ ପୁଟେଲ, ଶ୍ରୀଧର ପୁଟେଲ, ଲକ୍ଷ୍ମଣ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ। । ଏହି ଅବସରରେ କଲେଜ ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମାହେଶ୍ୱରୀ ମନ୍ଦିର କୁ ଯାଇ ସେଠାରୁ ଖେଳେ ପଡିଆ ଠାରେ ପହଞ୍ଚି ଥିଲା । ୧୨୦ ଜଣ ଛାତ୍ରଛାତ୍ରୀ ଖେଳ ପ୍ରତିଯୋଗିତା ରେ ଭାଗ ନେଇ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ଅନ୍ୟାନ୍ୟ କ୍ରୀଡା ପ୍ରେମୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆଶିଷ ପୁଟେଲ ଓ ବବଲି ଦଣ୍ଡିଆ ଚାମ୍ପିୟନ ହୋଇଥିଲେ। ଏଥିରେ କଲେଜ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଶ୍ୱନାଥପୁର କୁଆଙ୍ଗବସାଠାରେ ଶିଶୁ ମହୋତ୍ସବ




**ଲାଞ୍ଜିଗଡ଼,୩୦।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ପଞ୍ଚାୟତ ସ୍ଥିତ ଯୁବ କୌଶଳ ତାଲିମ କେନ୍ଦ୍ର କୁଆଙ୍ଗବସା ପରିସରରେ ଗ୍ରାମ ପୁନଃ ନିର୍ମାଣ ସଂସ୍ଥା ନେତୃତ୍ୱରେ ଅତି ଆଡ଼ମ୍ବର ସହ ଶନିବାର ଏବ ଶିଶୁ ମହୋତ୍ସବ ପାଳନ ହୋଇଯାଇଛି। ଶିଶୁ ମାନଙ୍କର ଲୋକାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣ ଗୁଡ଼ିକ ପ୍ରଦର୍ଶନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମିସ୍ ପ୍ରିୟଦର୍ଶିନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଈଶିକା କର, ଭିଆର୍.ଓ ଓଡ଼ିଶା ଡାଇରେକ୍ଟର ଫାଦର୍ ଜଜ୍ ଅନ୍ତୋନି,ଦକ୍ଷିଣ ଓଡ଼ିଶା କୁଆଙ୍ଗବସା ସଂଯୋଜିକା ପାର୍ବତୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଂସ୍ଥା ଦ୍ୱାରା ୧୩ ଗୋଟି ସନ୍ଧ୍ୟାକାଳୀନ ବିଦ୍ୟାଳୟରୁ ୨ଶହ ୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଏହି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଚିତ୍ରାଙ୍କନ,ହସ୍ତାକ୍ଷର,ଦଳଗତ ନୃତ୍ୟ, ଦଳଗତ ସଙ୍ଗୀତ,ଏକକ ଅଭିନୟ ଭଳି ଅନେକ ପ୍ରତିଯୋଗୀତା ଆୟୋଜନ ହୋଇଥିଲା।ବିଭିନ୍ନ ପ୍ରତିଯୋଗରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ହସ୍ତତନ୍ତ କ୍ଷେତ୍ରରେ ବ୍ୟବସାୟ ସୁଯୋଗ ଓ ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର , ୩୦।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ସଂସ୍କୃତି ଭବନ ଠାରେ ରପ୍ତାନି, ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ, ଭାରତ ସରକାର, ଏମ. ଏସ. ଏମ.ଇ ବିଭାଗ, ଓଡ଼ିଶା ସରକାର ଓ ସୁବର୍ଣ୍ଣପୁର ଜିଲ୍ଲା ର ମମତା ଡୋରି ଅନୁଷ୍ଠାନର ମିଳିତ ଉଦ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତତନ୍ତ କ୍ଷେତ୍ରରେ ବ୍ୟବସାୟ ସୁଯୋଗ ଓ ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟେକ୍ସଟାଇଲ୍ କ୍ଷେତ୍ରରେ ଆମ ଜିଲ୍ଲାର ନାଁ ରହିଛି, ଏ କ୍ଷେତ୍ରରେ ବ୍ୟବସାୟ ର ପର୍ଯ୍ୟାପ୍ତ ସୁଯୋଗ ମଧ୍ଯ ରହିଛି, ତେଣୁ ଏ କ୍ଷେତ୍ରରେ ସାରା ଭାରତ ରେ ବିଶ୍ୱ ରେ ଆମ ଜିଲ୍ଲା ର ଆହୁରି ସୁନାମ ଆଣିବାକୁ ସମସ୍ତେ ପ୍ରାୟସ କରିବାକୁ ଜିଲ୍ଲାପାଳ ପରାମର୍ଶ କରି ଥିଲେ।

# ଖୋଲିଲା ମଣ୍ଡି, ଆରମ୍ଭରୁ ଅବ୍ୟବସ୍ଥା



**କଳାହାଣ୍ଡି,୩୦।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଶନିବାରଠାରୁ ଚଳିତ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହୋଇଛି। ଜିଲାର ପ୍ରଥମ କରି ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରୁ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମଣ୍ଡି ଖୋଲିଥିଲେ ମଧ୍ୟ ମିଲର୍ସ ଆସି ନ ଥିବାରୁ ଚାଷୀଙ୍କ ବସ୍ତାଏ ବି ଧାନ ଉଠି ପାରିନାହିଁ। ଫଳରେ କେବଳ ପୂଜାର୍ଚ୍ଚନା ଓ ନଡ଼ିଆ ଭଙ୍ଗାରେ ମଣ୍ଡି ଉଦ୍‌ଘାଟନ ସୀମିତ ରହିଯାଇଛି। ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର ସମେତ ଆର୍ଏମ୍ସି କର୍ମଚାରୀ, ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ଖରିଫ ଓ ରବି ଋତୁର ଧାନକୁ ଏଫ୍‌ସିଆଇ ଡେଲିଭରି ନେଇ ନ ଥିବା ଯୋଗୁ ବର୍ତ୍ତମାନ ବି

ଜିଲାରେ ୩୦ହଜାର କୁଇଣ୍ଟାଲ ଧାନ ବିଭିନ୍ନ ମିଲରେ ଗଚ୍ଛିତ ରହିଛି ବୋଲି ମିଲର୍ସ ଅଭିଯୋଗ ଆଣିଛନ୍ତି। ଆଉ ଏବେ ଧାନ ଉଠାଇଲେ ତାହାକୁ କେଉଁଠି ରଖିବେ ବୋଲି ପ୍ରଶ୍ନ କରିଛନ୍ତି ମିଲର୍ସ । ମିଲର୍ସମାନେ ଚୁକ୍ତିନାମା କରି ନ ଥିବାରୁ

ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏହି ଘଟଣା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଜିଲାରେ ଚଳିତ ଖରିଫ ଧାନ ବିକ୍ରୟ କରିବା ପାଇଁ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ସେହିପରି ଜିଲାରେ ଚଳିତବର୍ଷ ୨୨୩ଟି ଧାନ କ୍ରୟ କେନ୍ଦ୍ର କରାଯାଇଥିବାବେଳେ ୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅବଶିଷ୍ଟ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ। ଏହାସହ ଧାନ ଉଠାଣରେ ଏଥର ୯୦ଟି ରାଇସ ମିଲକୁ ନିୟୋଜିତ କରାଯାଇଛି।

## ୧୯୮୧ ବ୍ୟାଚ ପୁରାତନ ଛାତ୍ର ବନ୍ଧୁମିଳନ

**ମାର୍ଶାଘାଇ,୩୦।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ଦୁମୁକା ପଞ୍ଚାୟତ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ମହାନ୍ତି, ମାର୍ଶାଘାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସମର କୁମାର ସ୍ୱାଇଁ, ଅର୍ଥ ବିଭାଗର ଅବସରପ୍ରାପ୍ତ ଅଧିକାରୀ ନରେନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ବନ୍ଧୁତରେ ସର୍ବାଧିକ ନିବିଡ଼ତା ରହିଥାଏ ବୋଲି କହିଥିଲେ । ଗୋପାଳ ଚନ୍ଦ୍ର ପରିଡା, ସରୋଜକାନ୍ତ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଟହଲି ପ୍ରସାଦ ବେହେରା,ଅଲେଖ ରାଉତ,ପ୍ରତାପ କୁମାର ସାମଲ, ଅକ୍ଷୟ ରଥ,ଶିଶିର ନାୟକ, ଅଭୟ ସାହୁ, ସୁଧାକର ବେହେରା, କେଶବ ପରିଡା,ମହେନ୍ଦ୍ରନାଥ ପ୍ରଧାନ,ହେମନ୍ତ ପ୍ରଧାନ ନୃସିଂହ ଚରଣ ଦାଶ, ସଞ୍ଜୟ ପ୍ରଧାନ, କ୍ଷୀରୋଦ ରାଉତ, ଅର୍ଜୁନ ବିଶ୍ୱାଳ,ପ୍ରଭାତ ରଞ୍ଜନ ରଥ, ଚିତ୍ତରଞ୍ଜନ ରାଉତ,ତ୍ରିଲୋଚନ ମଲିକ, ନିରଞ୍ଜନ ପଣ୍ଡା,ପ୍ରଶାନ୍ତ ବାରିକ, ବିଜୟ ସାହୁ,ରାମହରି ରଥ, ଅର୍ଜୁନି ଚରଣ ରଥ,କିଶୋର ଓଝା, ବାବୁଲି ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଜୀବନର ସ୍ମୃତିକୁ ମନେ ପକାଇଥିଲେ ।

## ଲାଞ୍ଜିଗଡ଼ ପୂଝାରୀ ମହାସଂଘର ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ



**ଲାଞ୍ଜିଗଡ଼,୩୦।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ମାଁ ମାଣିକେଶ୍ୱରୀ ପୂଝାରୀ ମହାସଂଘ ପକ୍ଷରୁ ଆଜି ଗୋପୀନାଥ ପୁର ଭୈରବ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ବୈଠକ ଓ କର୍ମକର୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ମହାସଂଘ ପକ୍ଷରୁ କଳାହାଣ୍ଡି ଇଷ୍ଟ ଦେବି ମାଁ ମାଣିକେଶ୍ୱରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ବୈଠକରେ ରାଜ୍ୟସ୍ତରୀୟ ପୂଝାରୀ ମହାସଂଘ ସଭାପତି ସିମାଞ୍ଚଳ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସୀତାକାନ୍ତ ବାଗ ଯୋଗଦେଇ ଦେଇଥିଲେ। ଲାଞ୍ଜିଗଡ଼ ବ୍ଲକର କୋଣ ଅନୁକୋଣରୁ ଶତାଧିକ ବୈଦ୍ୟ, ପୂଝାରୀ ଓ ବାଉକ ଯୋଗଦେଇଥିଲେ।ଏହି ଅବସରରେ ପୂଝାରୀ ମହାସଂଘର ନାମକରଣ ଓ କର୍ମକର୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ବୃନ୍ଦାବନ ପ୍ରଧାନୀ,ସଭାପତି ଜମ୍ବେଶ୍ୱର ପୂଝାରୀ,ଉପ ସଭାପତି ତରୁଣ ଦଳପତି,ସମ୍ପାଦକ ସରୋଜ କୁମାର ମାଝୀ,ସହ ସମ୍ପାଦକ କେଦାର ଚଣ୍ଡୀ,କୋଷାଧକ୍ଷ ବିନାୟକ ପ୍ରଧାନୀ,ସହ କୋଷାଧକ୍ଷ ପୁରନ୍ଦର ପାତ୍ରଙ୍କୁ ମହାସଂଘ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।